୬ ଜୁନ ୧୮ରୁ ଆରମ୍ଭ ହେବ ହକି ଇଣ୍ଡିଆ ମାଷ୍ଟର୍ସ କପ୍
ଯୋଗଦେବେ ଭେଟେରାନ ଖେଳାଳି



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS
# ସମ୍ବାଦ କଳିକା
The Sambad Kalika
E-mail : sambadkalikanews@gmail.com
e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper NS-EN ISO 9001:2008
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00
● ବର୍ଷ–୩୨ ● ସଂଖ୍ୟା–୧୧୫ ● ୨୪ ମଇ ୨୦୨୫, ଶନିବାର ● ଭୁବନେଶ୍ୱର ● Vol -32 ● Issue-115 ● 24th May 2025, Saturday ● Bhubaneswar
RNI Regd.No. : 52640/94 Postal Regd.No. : BN-60/25-27

### ଟ୍ୱିନ୍‌ସିଟିରେ କାର୍ଯ୍ୟକାରୀ ହେବାକୁ ଥିବା ପୂର୍ତ୍ତ ବିଭାଗ କାର୍ଯ୍ୟର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

# ବିସ୍ଥାପିତଙ୍କୁ ଥଇଥାନ ସହିତ ଆର୍ଥିକ ସହାୟତା ପ୍ରଦାନ କରିବେ ସରକାର

ଭୁବନେଶ୍ୱର, ୨୩।୫
ନ୍ୟୁଜ୍ ବ୍ୟୁରୋ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ଲୋକସେବା ଭବନରେ ଭୁବନେଶ୍ୱର-କଟକ ଟ୍ୱିନ୍ ସିଟିରେ କାର୍ଯ୍ୟକାରୀ ହେଉଥିବା ପୂର୍ତ୍ତ ବିଭାଗର ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି।

ବୈଠକରେ ଭୁବନେଶ୍ୱରର ସମନ୍ୱିତ ବିକାଶ ଯୋଜନା ସହିତ ଟ୍ରାଫିକ ଭିଡ ହ୍ରାସ ଯୋଜନା ସମ୍ପର୍କରେ ଆଲୋଚନା ହୋଇଥିଲା।

ଜୟଦେବ ବିହାରରୁ ନନ୍ଦନକାନନ ପର୍ଯ୍ୟନ୍ତ ଏକ ଏଲିଭେଟେଡ କରିଡର, ପଟିଆ ଷ୍ଟେସନ ଛକରୁ ସୁଆଙ୍ଗ ମୌଜା ପର୍ଯ୍ୟନ୍ତ ଦୟା ୱେଷ୍ଟ କେନାଲ ରାସ୍ତା ନିର୍ମାଣ, ସୁନ୍ଦରପଦାରୁ ଜଟଣୀ ରାସ୍ତାର ପ୍ରଶସ୍ତୀକରଣ ଏବଂ କଳ୍ପନା ଛକ, ମ୍ୟୁଜିୟମ ଓ ଶିଶୁଭବନ ଛକରେ ୩ଟି ଫ୍ଲାଏ ଓଭର ସହିତ ଏଜି ଛକରେ ଏକ



ଅଣ୍ଡରପାସ୍ ନିର୍ମାଣ ପାଇଁ ଯୋଜନା ରଖାଯାଇଛି । ସେହିପରି ଇନଷ୍ଟିଚ୍ୟୁଟ ଅଫ ମ୍ୟାଥମେଟିକସରୁ ପଥର ଗାଡିଆ- ଉତ୍କଳ ହସ୍ପିଟାଲ- ରେଲ ବିହାର ଦେଇ ଏକାମ୍ର କାନନ ପର୍ଯ୍ୟନ୍ତ ଲେଫ୍ଟ ପାରାଲାଲ ରୋଡ କାମ ମଧ୍ୟ ଜାରି ରହିଛି । ଏହା ସହିତ ଡମଣାରୁ ପ୍ରେସ ଛକ, କଳାରାହଙ୍ଗରୁ ବରିମୁଣ୍ଡ ଓ କେଳୁଚରଣ ପାର୍କରୁ ବରିମୁଣ୍ଡ ପର୍ଯ୍ୟନ୍ତ ୩ଟି ରାଇଟ ଆକ୍ସେସ ରୋଡ ନିର୍ମାଣର ଯୋଜନା ରଖାଯାଇଛି । ଏହା ସହିତ ଏକ ଇନର ରିଙ୍ଗ ରୋଡ ମଧ୍ୟ ନିର୍ମାଣ କରାଯିବ। ଏହି ସମସ୍ତ ନିର୍ମାଣ ଦ୍ୱାରା ଭୁବନେଶ୍ୱରରେ ପ୍ରତିଦିନ ବଢୁଥିବା ଟ୍ରାଫିକ ସମସ୍ୟାର ସମାଧାନ ହୋଇପାରିବ ଏବଂ ଭୁବନେଶ୍ୱର ସହରର ସୌନ୍ଦର୍ଯ୍ୟକରଣରେ ବିଶେଷ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଥିଲେ।

ଏହି ନିର୍ମାଣ ଯୋଗୁଁ ବିସ୍ଥାପିତ ହେବାକୁ ଥିବା ପ୍ରାୟ ୩୬୬ଟି ପରିବାରକୁ ଥଇଥାନ କରାଯିବା ସହିତ ସେମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ (ପୃଷ୍ଠା ୭ରେ)

# ସମସ୍ତ ପ୍ରକାର ଆତଙ୍କବାଦକୁ ଭାରତ ବିରୋଧ କରୁଛି

ନୂଆଦିଲ୍ଲୀ, ୨୩।୫

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଯେ ତାଙ୍କ ସରକାର ସବୁ ପ୍ରକାର ଆତଙ୍କବାଦକୁ ବିରୋଧ କରୁଛି। ଶୁକ୍ରବାର ନୂଆଦିଲ୍ଲୀଠାରେ ଉଦୀୟମାନ ଉତ୍ତର-ପୂର୍ବାଞ୍ଚଳ ନିବେଶକ ସମ୍ମିଳନୀକୁ ଉଦଘାଟନ କରି ଶ୍ରୀ ମୋଦୀ ଏକ ବିକଶିତ ଭାରତ ଗଠନ ପାଇଁ ଉତ୍ତର-ପୂର୍ବାଞ୍ଚଳର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ନିବେଶକମାନଙ୍କୁ ଉତ୍ତର-ପୂର୍ବାଞ୍ଚଳର ବିଭିନ୍ନ କ୍ଷେତ୍ରକୁ ଅନ୍ୱେଷଣ କରିବାକୁ ଆହ୍ୱାନ ଦେଇଛନ୍ତି । ଶ୍ରୀ ମୋଦୀ କହିଛନ୍ତି, ଉତ୍ତର-ପୂର୍ବ ସୁଯୋଗର ଭୂମି ହେବାରେ ଲାଗିଛି । ସେ କହିଥିଲେ ଯେ ଶକ୍ତି ଏବଂ ସେମିକଣ୍ଡକ୍ଟର ଭଳି କ୍ଷେତ୍ର ପାଇଁ ଉତ୍ତର-ପୂର୍ବ କ୍ଷେତ୍ର ଏକ ପ୍ରମୁଖ ଗନ୍ତବ୍ୟ ସ୍ଥଳରେ ପରିଣତ ହେଉଛି। ସେ କହିଥିଲେ ଯେ ଉତ୍ତର-ପୂର୍ବ ହେଉଛି ଭାରତର ସର୍ବାଧିକ ବିବିଧତାପୂର୍ଣ୍ଣ ଅଞ୍ଚଳ ଏବଂ ଏହି ବିବିଧତା ହେଉଛି ରାଷ୍ଟ୍ରର ଶକ୍ତି।

ପ୍ରଧାନମନ୍ତ୍ରୀ କହିଥିଲେ ଯେ




ଇଏଏସ୍‌ଟିର ଅର୍ଥ ହେଉଛି ସଶକ୍ତିକରଣ, କାର୍ଯ୍ୟ, ସୁଦୃଢ଼ୀକରଣ ଏବଂ ରୂପାନ୍ତରଣ। ସେ କହିଥିଲେ ଯେ ଏକ ସମୟ ଥିଲା ଯେତେବେଳେ ଉତ୍ତର-ପୂର୍ବାଞ୍ଚଳକୁ କେବଳ ସୀମାନ୍ତ ଅଞ୍ଚଳ କୁହାଯାଉଥିଲା, କିନ୍ତୁ ଏବେ ଏହା ଅଭିବୃଦ୍ଧିରେ ଅଗ୍ରଣୀ ଭାବେ ଉଭା ହୋଇଛି।

ଶ୍ରୀ ମୋଦୀ କହିଥିଲେ ଯେ ଗତ ଦଶନ୍ଧିରେ ୧୧ହଜାର କିଲୋମିଟର ମୋଟରୱେ ନିର୍ମାଣ ହୋଇଛି।

## ଅନୁଜ କୁମାର ଦାସ ପଟ୍ଟନାୟକ ହେଲେ ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ

ଭୁବନେଶ୍ୱର, ୨୩।୫
ନ୍ୟୁଜ୍ ବ୍ୟୁରୋ

ବରିଷ୍ଠ ଓଏଏସ୍ ଅଫିସରସ୍ତରରେ ରାଜ୍ୟ ସରକାର ଅଦଳବଦଳ କରିଛନ୍ତି। ଏନେଇ ଶୁକ୍ରବାର ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ପିଏମ ପୋଷଣ ଓ ଏମ୍ଏମ ପୋଷଣର ନୋଡାଲ ଅଫିସର ଥିବା ଅନୁଜ କୁମାର (ପୃଷ୍ଠା ୭ରେ)

## ସାବିତ୍ରୀ ଅମାବାସ୍ୟା ପାଇଁ ୨୬ ତାରିଖରେ ସରକାରୀ ଛୁଟି

ଭୁବନେଶ୍ୱର, ୨୩।୫
ନ୍ୟୁଜ୍ ବ୍ୟୁରୋ

ମେ ୨୭ ନୁହେଁ, ୨୬ ତାରିଖରେ ସାବିତ୍ରୀ ପାଇଁ ସରକାରୀ ଛୁଟି। ୨୭ରେ ସମସ୍ତ ସରକାରୀ କାର୍ଯ୍ୟାଳୟ ଖୋଲା ରହିବ। ଏନେଇ ଶୁକ୍ରବାର ରାଜ୍ୟ ସରକାରଙ୍କ ପକ୍ଷରୁ (ପୃଷ୍ଠା ୭ରେ)

# ଖୁବ୍‌ଶୀଘ୍ର ନୂଆ ଅବକାରୀ ନୀତି

ଭୁବନେଶ୍ୱର, ୨୩।୫
ନ୍ୟୁଜ୍ ବ୍ୟୁରୋ

ରାଜ୍ୟରୁ ବେଆଇନ ମାଦକ ଦ୍ରବ୍ୟ କାରବାରକୁ ସମ୍ପୂର୍ଣ୍ଣ ରୋକିବାକୁ ସରକାର ସଂକଳ୍ପବଦ୍ଧ। ଏଥିପାଇଁ ଆମ ସମସ୍ତଙ୍କୁ ଉଦ୍ୟମ କରିବାକୁ ପଡ଼ିବ ବୋଲି ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି । ଚଳିତ ୨୦୨୫ ମଇ ୩୧ରୁ ଜୁନ୍ ୨୬ ତାରିଖ ପର୍ଯ୍ୟନ୍ତ ସାରା ରାଜ୍ୟରେ ବେଆଇନ ମାଦକ ଦ୍ରବ୍ୟ ସେବନ ଓ କାରବାର ରୋକିବା ଦିଗରେ ସଚେତନତା କାର୍ଯ୍ୟକ୍ରମ ନେଇ ଶୁକ୍ରବାର ଖାରବେଳଭବନସ୍ଥିତ ସମ୍ମିଳନୀ କକ୍ଷରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକ ଶେଷରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଗଣମାଧ୍ୟମକୁ କହିଛନ୍ତି ଯେ, ଖୁବ୍‌ଶୀଘ୍ର ଓଡ଼ିଶା ସରକାର ୩ ବର୍ଷିଆ ନୂଆ ଅବକାରୀ ନୀତି ଆଣିବାକୁ ଯାଉଛନ୍ତି। ଏଥିରେ ବେଆଇନ୍ ମାଦକଦ୍ରବ୍ୟ କାରବାରକୁ ସଂପୂର୍ଣ୍ଣ ରୂପେ ରୋକିବା ସହ ସ୍କୁଲ ଓ ମନ୍ଦିର ନିକଟରୁ ମଦ ଦୋକାନକୁ ସଂପୂର୍ଣ୍ଣ ହଟାଇବାର ପ୍ରସ୍ତାବ



ରଖାଯାଇଛି। ବେଆଇନ୍ ମାଦକଦ୍ରବ୍ୟ ରୋକିବା ପାଇଁ ବଡ ଅଭିଯାନ ଆରମ୍ଭ ହେବାକୁ ଯାଉଛି। ମେ ୩୧ ତାରିଖରେ ମୁଖ୍ୟମନ୍ତ୍ରୀ ଏହି ଅଭିଯାନର ଶୁଭାରମ୍ଭ କରିବେ। ଜୁନ୍ ୨୬ ତାରିଖ ପର୍ଯ୍ୟନ୍ତ ସଚେତନତା କାର୍ଯ୍ୟକ୍ରମ ସାରା ରାଜ୍ୟରେ ଚାଲୁ ରହିବ। ଏହି କାର୍ଯ୍ୟକ୍ରମରେ ସବୁବିଭାଗ ମଧ୍ୟରେ ସହଯୋଗ ଓ ସମନ୍ୱୟ ରକ୍ଷା କରାଯିବ। ନୂଆ ଅବକାରୀ ନୀତି ଚୂଡାନ୍ତ କରିବା ପାଇଁ ୪ଟି କମିଟି ଗଠନ କରାଯାଇଛି। ବିଭିନ୍ନ ରାଜ୍ୟକୁ ଏହି କମିଟି ଗସ୍ତ କରି ସଂପୃକ୍ତ (ପୃଷ୍ଠା ୭ରେ)

# ସମ୍ଭାବ୍ୟ ଲଘୁଚାପ ପ୍ରଭାବରେ ପ୍ରବଳ ବର୍ଷିବ

ଭୁବନେଶ୍ୱର, ୨୩।୫
ନ୍ୟୁଜ୍ ବ୍ୟୁରୋ

ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି, ଆସନ୍ତା ୨୭ ତାରିଖରେ ବଙ୍ଗୋପସାଗରରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇପାରେ । ଏହା ଦୁଇଦିନ ଭିତରେ ଅଧିକ ଘନୀଭୂତ ହେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ୨ ଦିନ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହା ଦ୍ୱାରା ସଅଳ ମୌସୁମୀ ଆସିବାକୁ ସହାୟକ ହେବ। ଲଘୁଚାପ ପ୍ରଭାବରେ ଆଗାମୀ ୫ ଦିନ ପାଗରେ ବିଶେଷ ପରିବର୍ତ୍ତନ ହେବ ନାହିଁ । ରାଜ୍ୟରେ ତାପମାତ୍ରା କମିଛି କିନ୍ତୁ କାଳବୈଶାଖୀ ବର୍ଷା ଜାରି ରହିଛି।

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆଗାମୀ ଦୁଇ ଦିନ ଭିତରେ କେରଳ ଛୁଇଁବା ପରେ ଓଡ଼ିଶା ଅଗ୍ରସର ପାଇଁ ପାଗ ଅନୁକୂଳ ହେବ। ଆସନ୍ତା ୨୭ ତାରିଖ ଠାରୁ ଓଡ଼ିଶାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି ।

ବିଶେଷ କରି ଦକ୍ଷିଣ ଓଡ଼ିଶାରେ ବର୍ଷାର ପ୍ରଭାବ ରହିବ। ଏହି ବର୍ଷା ମୌସୁମୀ



ଅଗ୍ରସରକୁ ଆହୁରି ସକ୍ରିୟ କରିବ। ସକ୍ରିୟ ରହିଲେ ଓଡ଼ିଶାରେ ମୌସୁମୀ ଆଗମନ ନେଇ ବାଟ ଫିଟିବ।

ପାଣିପାଗ ବିଜ୍ଞାନ କେନ୍ଦ୍ର କହିଛି ସମ୍ଭାବ୍ୟ ଲଘୁଚାପ ପ୍ରଭାବରେ ମେ ୨୭ ଓ ୨୮ ରାଜ୍ୟର ଅନେକ ସ୍ଥାନରେ ବର୍ଷା ସହ ଦକ୍ଷିଣ ଓଡ଼ିଶାର କୋରାପୁଟ ଓ ମାଲକାନଗିରିରେ ପ୍ରବଳ ବର୍ଷା ସମ୍ଭାବନା ରହିଛି । ଆସନ୍ତା ୭ ଦିନ ଯାଏ ସାରା ରାଜ୍ୟରେ କାଳବୈଶାଖୀ ପ୍ରଭାବ ରହିବ। ବିଜୁଳି ଘଡ଼ଘଡ଼ି ସହ ବର୍ଷା ସମ୍ଭାବନା ସହ ଝଡ଼ ପବନ ବହିବାର ସମ୍ଭାବନା ରହିଛି।

ଆଗାମୀ ୨୪ ଘଣ୍ଟାରେ ପ୍ରବଳ ବର୍ଷା ନେଇ ୮ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି, ଗଞ୍ଜାମ, କନ୍ଧମାଳ, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାରେ ବିଜୁଳି ଘଡଘଡି ସହ ୩୦ରୁ ୪୦ କିମି ବେଗରେ ବହିବ।

ଆସନ୍ତା ୨୭ ଓ ୨୮ ତାରିଖରେ ଓଡ଼ିଶାର ଅନେକ ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଭାରତୀୟ ପାଣିପାଗ ବିଭାଗ(ଆଇଏମଡି) ଅନୁସାରେ, ବଙ୍ଗୋପସାଗରରେ ଏକ ନିମ୍ନଚାପ ରେଖା ପ୍ରଭାବରେ ଏହି ବର୍ଷା ହେବ। ବର୍ଷାକୁ ଦୃଷ୍ଟିରେ ରଖି ସରକାର ସହରାଞ୍ଚଳରେ ବନ୍ୟା ମୁକାବିଲା ପାଇଁ ବଡ଼ ଆକ୍ସନ ପ୍ଲାନ କରିଛନ୍ତି । ସ୍ୱାଭାବିକଠାରୁ ଅଧିକ ବର୍ଷା ସମ୍ଭାବନା ଥିବାରୁ ନଗରଉନ୍ନୟନ ବିଭାଗ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଇଛି। (ପୃଷ୍ଠା ୭ରେ)

## ଶୀତଳ ଷଷ୍ଠୀ ପାଇଁ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ନୀତି ନିର୍ଘଣ୍ଟ

ଭୁବନେଶ୍ୱର, ୨୩।୫
ନ୍ୟୁଜ୍ ବ୍ୟୁରୋ

ଶୀତଳ ଷଷ୍ଠୀ ଯାତ୍ରା ପାଇଁ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ନୀତି ନିର୍ଘଣ୍ଟ ଚୂଡାନ୍ତ ହୋଇଛି । ଏହି ନୀତି ନିର୍ଘଣ୍ଟ ଅନୁଯାୟୀ ୩୦ ତାରିଖ ରାତି ୧୨.୫୦ରୁ ୩ଟା ମଧ୍ୟରେ ହସ୍ତଗଣ୍ଠି ପଡ଼ିବ। ଠାକୁର ରାତି ୧୦ଟା ୪୦ରୁ ୧୧.୩୦ ମଧ୍ୟରେ ବିମାନରେ ବିଜେ କରିବେ। ବିମାନରେ ବିଜେ କରି କେଦାରଗୌରୀ ମନ୍ଦିରରେ ପହଞ୍ଚିବେ। ରାତି ୧୨.୫୦ରୁ ୩ଟା ମଧ୍ୟରେ ହସ୍ତଗଣ୍ଠି ପଡ଼ିବ। ପରଦିନ ମନ୍ଦିର ଫେରିବେ। ୩୧ ତାରିଖ ରାତି ୯.୩୦ରେ ମନ୍ଦିର ପ୍ରତ୍ୟାବର୍ତ୍ତନ କରିବେ ବୋଲି ସୂଚନା ଦିଆଯାଇଛି।

ଶୀତଳତାର ସଂକେତ ବହନ କରୁଥିବା ଶିବ ପାର୍ବତୀଙ୍କ ବିବାହ ଉତ୍ସବକୁ ଶୀତଳ ଷଷ୍ଠୀ କୁହାଯାଏ। ମହାପ୍ରଭୁଙ୍କର ଚନ୍ଦନ ଯାତ୍ରାର ପରିସମାପ୍ତି ପରେ ପରେ ଶୀତଳ ଷଷ୍ଠୀ ବେଳକୁ ମେଘମହ୍ଲାର ଆକାଶର ଅପରୂପ ସୌନ୍ଦର୍ଯ୍ୟ ସାଙ୍ଗକୁ ଧରାପୃଷ୍ଠରେ ଶୀତଳ (ପୃଷ୍ଠା ୭ରେ)

## ଇଣ୍ଡୋ-ପାକ୍ ଯୁଦ୍ଧ ସମୟରେ

# ଏର୍ଦୋଗ୍ୱାନଙ୍କ ମନ୍ତବ୍ୟ ଭାରତବାସୀଙ୍କୁ ଆଘାତ ଦେଇଛି



ସଞ୍ଜୟ କୁମାର ପଣ୍ଡା

ଭାରତ ଏବଂ ତୁର୍କୀ ସଂପର୍କକୁ ନେଇ ତୁର୍କୀରେ ଭାରତର ପୂର୍ବତନ ରାଜଦୂତଙ୍କ ସହ ଏକ ସାକ୍ଷାତକାର- ପ୍ରସ୍ତୁତି ଲକ୍ଷ୍ମୀ ଚାନ୍ଦ୍

ଶ୍ରୀଯୁକ୍ତ ସଞ୍ଜୟ କୁମାର ପଣ୍ଡା, ତୁର୍କୀରେ ଭାରତର ପୂର୍ବତନ ରାଜଦୂତ କଣ କୁହନ୍ତି ବର୍ତ୍ତମାନର ଭାରତ ଏବଂ ତୁର୍କୀ ସଂପର୍କକୁ ନେଇ...

**ଆପଣ ଦୀର୍ଘଦିନ ହେଲା ଭାରତର ରାଜଦୂତ ଭାବେ ତୁର୍କୀରେ ରହିଆସିଥିଲେ, ସେଠାକାର ସାଧାରଣ ଲୋକଙ୍କ ସଂସ୍ପର୍ଶରେ ଆସିଥିବେ, ବର୍ତ୍ତମାନ ଭାରତ-ପାକିସ୍ତାନ ଯୁଦ୍ଧକୁ ନେଇ ଯେଉଁ ପରିସ୍ଥିତି ଉପୁଜିଛି ସେଥିରେ ତୁର୍କୀର ପାକିସ୍ତାନକୁ ସାହାଯ୍ୟ କରିବାଟା କିଭଳି ଭାବେ ଗ୍ରହଣ କରିବେ?**

ଦେଖନ୍ତୁ ମୁଁ ତୁର୍କୀର ଲୋକଙ୍କ ସହ ଦୀର୍ଘଦିନ ଧରି ରହି ତାଙ୍କ ସଂସ୍ପର୍ଶରେ ଆସିଛି। ବେଶି ଭାଗରେ ସେମାନଙ୍କର ଭାରତ ବିରୋଧରେ କୌଣସି ଆଭିମୂଖ୍ୟ ନାହିଁ। ଲୋକମାନେ କହିବାକୁ ଗଲେ ଭାରତକୁ ଭଲପାଆନ୍ତି। ତେଣୁ ତାଙ୍କୁ ସେପରି ବିଶ୍ୱାସଘାତକ ଆଖ୍ୟା ଦିଆଯାଇ ପାରିବନାହିଁ। ତେବେ ଭାରତୀୟଙ୍କୁ ଆଘାତ ଦେଇଥିବା ତୁର୍କୀର ଯେଉଁ ସ୍ୱର ଆଜି ଜନସାଧାରଣଙ୍କୁ କ୍ଷୁବ୍ଧ କରୁଛି ତାହା ତୁର୍କୀର ଜନସାଧାରଣଙ୍କର ନୁହେଁ ମାତ୍ର ତୁର୍କୀର ରାଷ୍ଟ୍ରମୁଖ୍ୟ ବା ରାଷ୍ଟ୍ରପତି ଏର୍ଦୋଗ୍ୱାନଙ୍କର।

**ପାକିସ୍ତାନ ଯେଉଁ ଡ୍ରୋନ ଗୁଡିକରୁ ଆକ୍ରମଣ କରିଥିଲା ତାହା ତୁର୍କୀର ବୋଲି ଜଣାପଡିଛି, ଏହା ବିଷୟରେ କଣ କହିବେ?**

ହଁ ଏଇଟା ସତକଥା ଯେ ପାକିସ୍ତାନ ତୁର୍କୀର ଡ୍ରୋନସବୁ ବହୁଳଭାବେ ବ୍ୟବହାର କରିଥିଲା। କିନ୍ତୁ ଏଇଟା ଆମର ଜାଣିବା କଥା ଯେ ପାକିସ୍ତାନ ତୁର୍କୀରୁ ଏ ଡ୍ରୋନ ବ୍ୟବସାୟିକ କ୍ଷେତ୍ରରେ ଆମଦାନୀ କରିଥିଲା। ନିଶ୍ଚିତ ଭାବରେ ଏଇଟା ଯେତେବେଳେ ଭାରତ ବିରୁଦ୍ଧରେ ଯୁଦ୍ଧ ସମୟରେ ବ୍ୟବହାର କରାଗଲା ଲୋକଙ୍କ ମନରେ ଆସିବ ତୁର୍କୀ ପାକିସ୍ତାନକୁ ସାହାଯ୍ୟ କରିଛି। ବ୍ୟବସାୟିକ କାରଣରୁ ଆମେ ମଧ୍ୟ ଅନ୍ୟାନ୍ୟ ଦେଶରୁ ଯୁଦ୍ଧାସ୍ତ୍ର କିଣୁଛେ, ଆମ ଦେଶ ଯଦି ସେହି ଯୁଦ୍ଧାସ୍ତ୍ର ସାହାଯ୍ୟରେ କୌଣସି ଯୁଦ୍ଧ ସମୟରେ ତାକୁ ବ୍ୟବହାର କରେ ତେବେ କଣ ସେହି ଦେଶଗୁଡିକ ଆମକୁ ଯୁଦ୍ଧରେ ସାହାଯ୍ୟ କଲେ ବୋଲି ସେମାନଙ୍କର ଶତ୍ରୁ ହୋଇଯିବେ? ତୁର୍କୀ କ୍ଷେତ୍ରରେ ମଧ୍ୟ ସେହି କଥା କୁହାଯାଇପାରେ। କିନ୍ତୁ ଯୁଦ୍ଧ ସମୟରେ, ଅପରେସନ ସିନ୍ଦୂର ସମୟରେ ଯଦି ତୁର୍କୀ ଏହି ଡ୍ରୋନ ଗୁଡିକ ପଠାଇଛି ଯୋଉଟା ଅଭିଯୋଗ କରାଯାଉଛି ମିଡିଆରେ ତାହେଲେ ଏଇଟା ନିଶ୍ଚିତ ଭାବରେ ଭୁଲ ଏବଂ ଭାରତ ଉପରେ ଏଇଟା ତୁର୍କୀର ଶତୃତା ବୋଲି ଦେଖିବାକୁ ପଡିବ।

**ଭାରତ ପାକିସ୍ତାନ ସିଧାସଳଖ ଲଢେଇ କରିବା ପୂର୍ବରୁ ତୁର୍କୀର ଏୟାରକ୍ରାଫ୍ଟ ସି-୧୩୦ କରାଚୀରେ ଓହ୍ଲାଇଥିଲା। ପାକିସ୍ତାନ ମିଡିଆ ଜଣାଇଥିଲା ଏଥିରେ ଯୁଦ୍ଧାସ୍ତ୍ର ରହିଛି। ଏହା ବିଜୁଳି ବେଗରେ ବ୍ୟାପି ଯାଇଥିଲା। ଏହା ଉପରେ କଣ କହିବେ?**

ଦେଖନ୍ତୁ ମିଡିଆରେ ଏ ବିଷୟରେ ବହୁ ଚର୍ଚ୍ଚା ହେଉଛି। ମିଡିଆ ତ କହୁଛି ଯେ ୫/୬ ଟି ଯୁଦ୍ଧାସ୍ତ୍ର ଭର୍ତ୍ତି ପ୍ଲେନ କରାଚୀରେ ଓହ୍ଲାଇଥିଲା। କିନ୍ତୁ ଏହା କେତେଦୂର ସତ ତାହା ଆମେ ଏଯାଏ ଜାଣିନୁ। ଆଜିକାର ଯୁଗରେ କୌଣସି ପ୍ଲେନର ଗତି ଏବଂ କୋଉଠି ଫାଇଟର ପ୍ଲେନ ଓହ୍ଲାଇଲା ଏଇଟା ପବ୍ଲିକ ଡୋମେନରେ ଆଭେଲେବଲ। ଏପରି କି ଘରେ ବସି ଆପଣ ଲାପଟପ୍‌ରେ ଖୋଲି ଦେଖିଲେ ଯେତେ ଫ୍ଲାଇଟ ଉଡୁଛି ସବୁ ଦେଖିପାରିବେ। ଏଇଟା ସତକଥା ଯେ ତୁର୍କୀ ମଧ୍ୟ ଗ୍ରହଣ କରିଛି ଗୋଟେ ସି-୧୩୦ କରାଚୀରେ ଓହ୍ଲାଇଥିଲା। ଏହି ସ୍ପଷ୍ଟୀକରଣ ତୁର୍କୀ ଦେଇଛି ଯେ ସେଥିରେ କୌଣସି ଯୁଦ୍ଧାସ୍ତ୍ର ନ ଥିଲା ବା କିଛି ବି ଅପଲୋଡ, ଅନଲୋଡ ହୋଇନଥିଲା। କେବଳ ଇନ୍ଧନ ଭର୍ତ୍ତି କରିବାକୁ ତାହା ଓହ୍ଲାଇଥିଲା। ବର୍ତ୍ତମାନ ଆମର କଥା ହେଉଛି ଯେ ଅପରେସନ ସିନ୍ଦୂର ଠିକ୍ ପୂର୍ବରୁ ଏ ପ୍ଲେନଟା ଓହ୍ଲାଇବା ଏତେ ବଡ ସଂଯୋଗ କେମିତି ହେଇପାରିବ? ତେଣୁ ଏ ବିଷୟରେ ଲୋକଙ୍କ ନେଗେଟିଭ୍ ରିଆକ୍ଟ ହେବା ସ୍ୱାଭାବିକ।

**ପାକିସ୍ତାନର କ୍ଷତିରେ ତୁର୍କୀକୁ ଗଭୀର ଆଘାତ ଲାଗିଥିଲା ବୋଲି ପ୍ରଚାର ହୋଇଥିଲା। ଏହାର କାରଣ ବି ରହିଛି। ତୁର୍କୀ ରାଷ୍ଟ୍ରପତି ମୃତ ଆତଙ୍କବାଦୀଙ୍କୁ ଶ୍ରଦ୍ଧାଞ୍ଜଳି ଦେଇ ଏକ୍ସରେ ଲେଖିଥିଲେ ଏହି ଆକ୍ରମଣରେ ପ୍ରାଣ ହରାଇଥିବା ମୋର ଭାଇମାନଙ୍କ ପ୍ରତି ମୁଁ ପ୍ରାର୍ଥନା କରୁଛି। ଏହା କଣ ପାକିସ୍ତାନ ସପକ୍ଷରେ ଯାଉନାହିଁ?**

ରାଷ୍ଟ୍ରପତି ଏର୍ଦୋଗ୍ୱାନଙ୍କ ଏହି ବିବୃତ୍ତି ଭାରତୀୟଙ୍କୁ ବହୁତ ଆଘାତ ଦେଇଛି। ସିଏ ମରିଥିବା ଟେରୋରିଷ୍ଟମାନଙ୍କୁ ସିଭିଲିଆନ, ମାର୍ଟର, ବ୍ରଦର ବା ମୋ ଭାଇ କହିବା ମୁଁ ଭାବୁଛି ଭାରତୀୟମାନଙ୍କ ସମ୍ବେଦନଶୀଳତାକୁ ବହୁତ ଆଘାତ ଦେଇଛି।

**ଭାରତ ତରଫରୁ ତୁର୍କୀକୁ ବୟକଟ କରାଯାଇଛି, ଏହା ଦ୍ୱାରା କେଉଁ ସବୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡିବ?**

ଆମର ଏଇଟା ଜାଣିବା ଦରକାର ଯେ ଭାରତ ସରକାର ଏପର୍ଯ୍ୟନ୍ତ ତୁର୍କୀକୁ ବୟକଟ କରିନାହାନ୍ତି। କିନ୍ତୁ ଭାରତୀୟମାନେ ତାଙ୍କ ତରଫରୁ ତଥା ଆମର ବ୍ୟବସାୟୀମାନେ ତୁର୍କୀକୁ ବୟକଟ କରିବା ପାଇଁ ଆହ୍ୱାନ ଦେଇଛନ୍ତି। ଭାରତୀୟମାନେ ତୁର୍କୀକୁ ଯିବାକୁ ଯେଉଁମାନଙ୍କର ପ୍ଲାନ ଥିଲା ତାହା କ୍ୟାନସଲ କରିଛନ୍ତି। ନୂଆ ଯେଉଁମାନେ ଯିବାକୁ ପ୍ରସ୍ତୁତ ହେଉଥିଲେ ସେମାନେ ପ୍ରୋଗ୍ରାମ ଚେଞ୍ଜ କରୁଛନ୍ତି। ଭାରତୀୟ ବ୍ୟବସାୟୀମାନେ ତୁର୍କୀରୁ ବର୍ତ୍ତମାନ କୌଣସି ଜିନିଷ ଆମଦାନୀ କରୁନାହାନ୍ତି। ଏଇଟା ତୁର୍କୀକୁ ବହୁତ ଆଘାତ ଦେବ, କ୍ଷୟକ୍ଷତି କରିବ। ତୁର୍କୀରୁ ଭାରତକୁ ପ୍ରାୟ ୭୦ ପ୍ରତିଶତ ମାର୍ବଲ ଆମଦାନୀ କରାଯାଇଥାଏ। ମାର୍ବଲ ବ୍ୟତୀତ ଫଳ, ମସଲା, କାର୍ପେଟ ପ୍ରଭୃତି ବହୁତ ଜିନିଷ ଆମଦାନୀ ହୋଇଥାଏ। ଏସବୁ ଉପରେ ଭାରତୀୟ ବ୍ୟବସାୟୀମାନେ ସେଲ୍ଫ ଇମ୍ପୋଜଡ ରେଷ୍ଟ୍ରିକସନ ଲଗାଇଛନ୍ତି। ସରକାର ଏବେ ଯାଏ କୌଣସି ପ୍ରତିବନ୍ଧକ ଲଗାଇନାହାନ୍ତି। କିନ୍ତୁ ଏଇଟା ମୁଁ ଭାବୁଛି ଜନସାଧାରଣଙ୍କର ସମ୍ବେଦନଶୀଳ ଦାୟିତ୍ୱ ଯାହାକୁ ଆମେ ସମ୍ମାନ ଦେବା ଦରକାର। ବର୍ତ୍ତମାନ ଏଇଟା ଆମର କରିବା ଦରକାର କି ତୁର୍କୀ ଯେଉଁ ଇଣ୍ଡିଆର ଇନଫ୍ରାଷ୍ଟ୍ରକଚର ପ୍ରୋଜେକ୍ଟରେ ଅଂଶଗ୍ରହଣରେ କରୁଥିଲା ସେଥିରେ ଆମେ ତାକୁ କଟକଣା ଧାର୍ଯ୍ୟ କରିବା କଥା ସିକ୍ୟୁରିଟି ଗ୍ରାଉଣ୍ଡରେ। ସେମାନେ ଆମର କ୍ରିଟିକାଲ ପ୍ରୋଜେକ୍ଟରେ ପାର୍ଟିସିପେଟ କରିପାରିବେନି। ଏଇଥିରେ ତୁର୍କୀର କ୍ଷତି ହେବ କିନ୍ତୁ ଭାରତୀୟ ବ୍ୟବସାୟୀମାନେ ଯେମିତି ଇଣ୍ଡିଗୋ, ଟର୍କିସ ଏୟାରଲାଇନ୍ସ ସାଂଗରେ ଚୁକ୍ତି ହୋଇଛି ସେଥିରେ ଇଣ୍ଡିଗୋର ବେଶି ଲାଭ ହେଉଛି। ଟର୍କିସ ଏୟାରଲାଇନ୍ସର ଏତେ କ୍ଷତି ହେବନି ଯଦି ଏ ଆଗ୍ରିମେଣ୍ଟକୁ ବର୍ତ୍ତମାନ ଖାରିଜ କରିଦିଆଯାଇପାରେ। ତେଣୁ ମୋ ହିସାବରେ ଆମକୁ ଏମିତି ନି ଜର୍କ ରିଆକସନ ନେବା କଥା ନୁହେଁ ସରକାରଙ୍କ ତରଫରୁ। ଏହାକୁ ବହୁତ ଭାବିଚିନ୍ତି ଉପଯୋଗ କରିବାକୁ ପଡିବ। ଆମର ତୁର୍କୀ ସହିତ ଏ ପର୍ଯ୍ୟନ୍ତ କୂଟନୈତିକ ସଂପର୍କ ରହିଛି। ଆମର ଦୂତାବାସ ଅଛି। ତେଣୁ ଆମେ କୌଣସି ନିର୍ଣ୍ଣୟ ନେବା ପୂର୍ବରୁ ବହୁତ ଭାବିଚିନ୍ତି ନେବାକୁ ପଡିବ। ତୁର୍କୀକୁ ଯଦି ଅର୍ଥନୈତିକ କ୍ଷତି ପହଞ୍ଚାଇବାକୁ ଚାହୁଁଛନ୍ତି ତାକୁ ଭାରତୀୟ ପ୍ରୋଜେକ୍ଟ ବାହାରେ ରଖନ୍ତୁ ଆଉ ଭାରତୀୟ ବ୍ୟବସାୟୀମାନେ ଯାହାବି ନିର୍ଣ୍ଣୟ ନେବେ ଭାରତ ସରକାର ତାକୁ ସମ୍ମାନ କରିବେ କିନ୍ତୁ ଭାରତ ସରକାର ଖୋଲାଖୋଲି କିଛି କରିବା ଉଚିତ ନୁହେଁ କାରଣ ତୁର୍କୀ ସହିତ ଆମର କୂଟନୈତିକ ସଂପର୍କ ଏବେ ବି ଅଛି।

**ଏହି ଯୁଦ୍ଧରେ ଆମେରିକା ମଧ୍ୟସ୍ଥି କରିଥିଲା ଓ ଏକ୍ସରେ ଆମେ ତାଙ୍କ ବାର୍ତ୍ତା ମଧ୍ୟ ପଢିଥିଲୁ, ମାତ୍ର ୩ ଘଣ୍ଟା ପରେ ସିଜ ଫାୟାର ଭାଙ୍ଗି ପୁଣି ପାକିସ୍ତାନ ଯୁଦ୍ଧ କରିଥିବାରୁ ସେହି ଏକ୍ସର ବାର୍ତ୍ତା ଉଠାଇ ଦିଆଯାଇ ଅନ୍ୟ ବାର୍ତ୍ତା ଦେଖିବାକୁ ମିଳିଥିଲା। ଆପଣ ୟୁଏସଏ ସାନଫ୍ରାନସିସ୍କୋରେ ଭାରତର କନସୋଲ ଜେନେରାଲ ଥିଲେ। ଏହା ଉପରେ କଣ କହିବେ?**

ଆମେରିକା ରାଷ୍ଟ୍ରପତି ତାଙ୍କ ଏକ୍ସରେ କହିଥିଲେ ସେ ସିଜ ଫାୟାର ଘୋଷଣା କରିଥିଲେ। କିନ୍ତୁ ତାପରେ ଭାରତ ତରଫରୁ ପରିଷ୍କାର ଭାବେ କୁହାଯାଇଥିଲା ଯେ ଏଇଟା ଦ୍ୱିପାକ୍ଷିକ ଭାବେ ସ୍ଥିର ହୋଇଛି ଭାରତ ଓ ପାକିସ୍ତାନ ମଧ୍ୟରେ । ପାକିସ୍ତାନର ଡାଇରେକ୍ଟ ଜେନେରାଲ ଅଫ ମିଲିଟାରୀ ଅପରେସନ, ଭାରତର ଡାଇରେକ୍ଟ ଜେନେରାଲ ଅଫ ମିଲିଟାରୀ ଅପରେସନଙ୍କୁ ହଟଲାଇନରେ ଅନୁରୋଧ କରିଥିଲା ସିଜ ଫାୟାର ପାଇଁ ଯୋଉଟା ଭାରତ ଗ୍ରହଣ କରିଥିଲା। କିନ୍ତୁ ହଁ ଏଇଟା ସତକଥା ଯେ ସିଜ ଫାୟାର ଗ୍ରହଣ କଲାପରେ ୩.୩୫ ମିନିଟରେ ଆଗ୍ରିମେଣ୍ଟ ହେଇଥିଲା ଯେ ୫.୦୦ଟା ପରେ ଆଉ କେହି କାହାକୁ ଆକ୍ରମଣ କରିବେନି। କିନ୍ତୁ କିଛି ସମୟ ଯାଏଁ ପୁଣି ଆକ୍ରମଣ ଚାଲିଲା ପାକିସ୍ତାନ ତରଫରୁ ଯୋଉଟା ଭୁଲ ଥିଲା। କିନ୍ତୁ ଆମେ ଏଇଟା ବି ଭାବିପାରିବା ଯେ ତାଙ୍କ ଖବର ପୁରା ଅପରେସନାଲ ଲେଭେଲ ମଧ୍ୟରେ ପହଞ୍ଚିବା ଭିତରେ ହେଇଥିବ କି ତାଙ୍କର ନିଜର ବଦମାସି ବି ହୋଇଥାଇପାରେ। ତେଣୁ ଏଇଟା କହିବା କଥା ଯେ ଆମେରିକା ଯେଉଁ ହସ୍ତକ୍ଷେପ କରି ସିଜ ଫାୟାର କରିଛି, ଆମେରିକା ତାଙ୍କ ଟଚ୍‌ରେ ଥିଲା ଆମ ଟଚ୍‌ରେ ବି ଥିଲା। କିନ୍ତୁ ସିଜ ଫାୟାର ପାଇଁ ଆମେରିକା ଆମସହିତ କୌଣସି କଥାବାର୍ତ୍ତା କରିନି, ଏଇଟା ପୁରା ପରିଷ୍କାର। ସେ ପାକିସ୍ତାନ ସହିତ କଣ କଥାବାର୍ତ୍ତା କରିଥିଲେ ସେଇଟା ଅଲଗା କଥା। କିନ୍ତୁ ଭାରତର ସିଜ ଫାୟାର ସିଧାସଳଖ ପାକିସ୍ତାନର ଅନୁରୋଧକୁ ଗ୍ରହଣ କରି କରାଯାଇଥିଲା। ତେଣୁ ଏଇଟା ଦ୍ୱିପାକ୍ଷିକ ଭାବେ ବିଚାର କରାଯାଇଛି।

(ପୃଷ୍ଠା ୭ରେ)





# ସାମୁଦ୍ରିକ ଅଭୟାରଣ୍ୟ ଗହୀର ମଥା କ୍ରମଶଃ ସୌନ୍ଦର୍ଯ୍ୟ ହରାଉଛି

**ଭୁବନେଶ୍ୱର, ଦୀପିକା ବ୍ୟୁରୋ**

ବିରଳ ପ୍ରଜାତିର ଅଲିଭ୍ ରିଡ୍‌ଲେ କଇଁଛଙ୍କ ଅନ୍ତୁଡ଼ିଶାଳ ଭାବରେ ଭଦ୍ରକ-କେନ୍ଦ୍ରାପଡ଼ା ଜିଲ୍ଲା ଅନ୍ତର୍ଗତ ସାମୁଦ୍ରିକ ଅଭୟାରଣ୍ୟ ଗହୀରମଥା ସାରା ବିଶ୍ୱରେ ପରିଚିତ। ଜୈବ ବିବିଧତାରେ ପୂର୍ଣ୍ଣ ଭିତରକନିକା ପ୍ରାଣୀ ଅଭୟାରଣ୍ୟ, ବିସ୍ତୃତ ହେନ୍ତାଳ ବଣ, ଡ଼ାଙ୍ଗମାଳ କୁମ୍ଭୀର ପ୍ରଜନନ କେନ୍ଦ୍ର, ହୁକିଟୋଲା, ବଟିଘର ଓ ବରୁଣେଇ ଜଙ୍ଗଲ ଆଦି ଅନେକ ମନୋରମ ପର୍ଯ୍ୟଟନ ସ୍ଥଳ ଗହୀରମଥା ସହ ମିଳିତ ହୋଇ ରହିଛି, ଯାହା ବିଶ୍ୱରେ ବିରଳ। ସେଥିପାଇଁ ବଣ୍ୟ ପର୍ଯ୍ୟଟନ ମାନଚିତ୍ରରେ ଗହୀରମଥାକୁ ମିଳିଛି ଏକ ସ୍ୱତନ୍ତ୍ର ସ୍ଥାନ। ମାତ୍ର ବିଡ଼ମ୍ବନାର ବିଷୟ ଅନନ୍ୟ ସୌନ୍ଦର୍ଯ୍ୟମୟୀ ଗହୀରମଥା ଧୀରେ ଧୀରେ ହରେଇ ବସୁଛି ତାର ପୂର୍ବ ଆକର୍ଷଣ। ବଂଶବୃଦ୍ଧି ପାଇଁ ପ୍ରତିବର୍ଷ ଏଠାକୁ ଆସୁଥିବା ଅଲିଭ୍ ରିଡ୍‌ଲେ କଇଁଛଙ୍କ ସଂଖ୍ୟା କ୍ରମାଗତ ହ୍ରାସ ପାଇବା ଯୋଗୁଁ ବିଶ୍ୱବିଖ୍ୟାତ ଗହୀରମଥାର ଅସ୍ତିତ୍ୱକୁ ନେଇ ସୃଷ୍ଟି ହୋଇଛି ପ୍ରଶ୍ନବାଚୀ।

ସାରା ବିଶ୍ୱରେ ଯେତେ କଇଁଛ ଦେଖାଯା'ନ୍ତି, ତା'ର ଶତକଡ଼ା ଷାଠିଏ ଭାଗ ଦେଖିବାକୁ ମିଳନ୍ତି ଭାରତ ଉପକୂଳରେ। ପୁଣି ଭାରତବର୍ଷରେ ଦୃଶ୍ୟମାନ ସମୁଦାୟ କଇଁଛ ମଧ୍ୟରୁ ନବେ ପ୍ରତିଶତ ଓଡ଼ିଶା ଉପକୂଳରେ ଦେଖିବାକୁ ମିଳନ୍ତି ବୋଲି ପ୍ରାଣୀ ବିଶେଷଜ୍ଞଙ୍କ ମତ। ସାଧାରଣତଃ ଓଡ଼ିଶା ଉପକୂଳକୁ ଆସୁଥିବା ଛଅାଣ ଅର୍ଣ୍ଣିଆ, ସବୁଜ, କନିକାରାଜ ଓ ବାଲିହର ଆଦି ଚାରି ପ୍ରକାର କଇଁଛ ମଧ୍ୟରୁ କନିକା ରାଜ (ଅଲିଭ୍ ରିଡ୍‌ଲେ) ସବୁଠାରୁ ଛୋଟ ଓ ବିରଳ ପ୍ରଜାତିର। ଗଞ୍ଜାମ ଜିଲ୍ଲାର ଋଷିକୁଲ୍ୟା ମୁହାଣ, କୋଣାର୍କ-ଚନ୍ଦ୍ରଭାଗା ସାଗର ତଟ ଆଦି ଅନ୍ୟ କେତେକ ସ୍ଥାନକୁ ଅଲିଭ୍ ରିଡ୍‌ଲେ ଅଣ୍ଡା ଦେବାକୁ ଆସୁଥିଲେ ମଧ୍ୟ ଗହୀରମଥାରେ ଦେଖିବାକୁ ମିଳେ ସେମାନଙ୍କର ବିରାଟ ସମାବେଶ (ଆରିବାଦ)। ତେଣୁ ଗହୀରମଥାକୁ କୁହାଯାଏ ଅଲିଭ୍ ରିଡ୍‌ଲେ ଲୀଳାସ୍ଥଳ।

ନଭେମ୍ବର ମାସ ଆରମ୍ଭରୁ ସୁଦୂର କୋଷ୍ଟାରିକା, ଜାଫ୍‌ନା ଓ ଶ୍ରୀଲଙ୍କା ଉପକୂଳରୁ ହଜାର ହଜାର କି.ମି. ସାମୁଦ୍ରିକ ପଥ ଅତିକ୍ରମ କରି ଗହୀର ମଥାରେ ପହଞ୍ଚନ୍ତି ଲକ୍ଷ ଲକ୍ଷ ସଂଖ୍ୟାରେ ଅଲିଭ୍ ରିଡ୍‌ଲେ କଇଁଛ। ଏଠାରେ



ସମୁଦ୍ରର ଅଗଭୀର ନୀଳ ଜଳରାଶିରେ ଭାସମାନ ଅବସ୍ଥାରେ ଅନୁଷ୍ଠିତ ହୁଏ ସେମାନଙ୍କର ଗଣ ସଂଗମ। ମିଳନର ପ୍ରାୟ ଷାଠିଏ ଦିନ ପରେ, ଅର୍ଥାତ୍ ମକର ସଂକ୍ରାନ୍ତି ବେଳକୁ ପହଞ୍ଚିଯାଏ ସେମାନଙ୍କ ଅଣ୍ଡାଦେବା ସମୟ। ସେତେବେଳେ ତାପମାତ୍ରା ଧୀରେ ଧୀରେ ବଢ଼ିବାକୁ ଆରମ୍ଭ କରେ ଏବଂ ଦକ୍ଷିଣା ପବନ ବହିବା ଯୋଗୁଁ ସମତଳ ହେବାକୁ ଲାଗେ ବେଳାଭୂମି ବାଲିର ଆସ୍ତରଣ। ଏଭଳି ଅନୁକୂଳ ବାତାବରଣ ମଧ୍ୟରେ ଆରମ୍ଭ ହୁଏ ସେମାନଙ୍କ ଗଣ ଅଣ୍ଡାଦାନ ପର୍ବ। ପ୍ରତ୍ୟେକ ସନ୍ଧ୍ୟା ପରେ ହଜାରହଜାର ମାଈ କଇଁଛ ସମୁଦ୍ର ଭିତରୁ କୂଳକୁ ଉଠିଆସି ଖୋଜନ୍ତି ଅଣ୍ଡାଦେବା ପାଇଁ ନିରାପଦ ସ୍ଥାନ। ଫେନାୟିତ ଲହରୀ ଠାରୁ ସାଧାରଣତଃ ୫୦ ମିଟର ଦୂରତା ମଧ୍ୟରେ ମୋଟା ବାଲି ଥିବା ଶକ୍ତ ଓ ପରିଷ୍କାର ସ୍ଥାନ ନିରୂପଣ କରି ନିର୍ମାଣ କରନ୍ତି ବସା। ମାଈ କଇଁଛ ତାର ଆହୁଲା ପାଦ ସାହାଯ୍ୟରେ ବାଲି ଆଡ଼େଇ ତିଆରି କରେ ପାଖାପାଖି ଏକ ଫୁଟ ଓସାର ଓ ଦେଢ଼ଫୁଟ ଗଭୀରତା ବିଶିଷ୍ଟ ବସା। ତା ଭିତରେ ପ୍ରାୟ ୪୦ ରୁ ୧୬୦ ଟି ପର୍ଯ୍ୟନ୍ତ ଅଣ୍ଡା ଦିଅନ୍ତି ପ୍ରତ୍ୟେକ ମା କଇଁଛ। ସେତେବେଳେ ଅଣ୍ଡାଗୁଡ଼ିକର ବ୍ୟାସ ୩୫ ରୁ ୩୮ ମି.ମି. ହୋଇଥିବା ବେଳେ ୨୦ ରୁ ୩୪ ଗ୍ରାମ ମଧ୍ୟରେ ଥାଏ ପ୍ରତ୍ୟେକ ଅଣ୍ଡାର ହାରାହାରି ଓଜନ। ଦେଖିବାକୁ ଧଳା ଓ ଗୋଲାକୃତି ଏହି ଅଣ୍ଡାଗୁଡ଼ିକ ପିଙ୍ଗ୍‌ପଙ୍ଗ ଖେଳର ବଲ୍ ପରି ନରମ ଆବରଣ ଯୁକ୍ତ ହୋଇ ଥିବାରୁ ପରସ୍ପର ବାଡ଼େଇ ହେଲେ ବି ଭାଙ୍ଗିବାର ସମ୍ଭାବନା ଆଦୌ ନଥାଏ। ବସାରେ ଥିବା ଅଣ୍ଡାକୁ ବାଲିରେ ପୋତିଦେଇ ପେଟ ସାହାଯ୍ୟରେ ଗାତକୁ ସମତୁଲ କରିଦେବା ପରେ ସରିଯାଏ ମା' କଇଁଛର ଦାୟିତ୍ୱ। ସ୍ୱସ୍ତିରେ ସେମାନେ ସମୁଦ୍ର ଭିତରକୁ ଫେରି ଯା'ନ୍ତି ସୂର୍ଯ୍ୟୋଦୟ ପୂର୍ବରୁ। ଅଣ୍ଡାଦାନ ପ୍ରକ୍ରିୟା ସମାପନ କରି ପାଣି ଭିତରକୁ ଫେରି ଆସିବା ପାଇଁ ପ୍ରତ୍ୟେକ ମା'କଇଁଛ ମାନଙ୍କୁ ଲାଗିଥାଏ ଅନ୍ୟୂନ ଦୁଇରୁ ଅଢ଼େଇ ଘଣ୍ଟା ସମୟ। ତେବେ ପ୍ରଜନନ ପାଇଁ ଆସୁଥିବା କଇଁଛମାନେ ଗହୀରମଥା ଛାଡ଼ି ପୁଣି ଫେରି ଯାଆନ୍ତି ମେ ମାସ ମଧ୍ୟରେ।

ବାଲି ଭିତରେ ଷାଠିଏରୁ ସତୁରି ଦିନ ରହିବା ପରେ ଅଣ୍ଡା ଫାଟି ଶାବକ ବାହାରେ। ବିଶେଷଜ୍ଞଙ୍କ ମତରେ ବସା ଭିତରେ ତାପମାତ୍ରା ୨୮ ଡ଼ିଗ୍ରୀ ସେଲସିୟସ୍‌ରୁ କମ୍ ରହିଲେ ଅଣ୍ଡିରା ଶାବକ ଓ ତାଠାରୁ ତାପମାତ୍ରା ବେଶି ରହିଲେ ମାଈ ଶାବକ ସୃଷ୍ଟି ହୁଏ। ଅର୍ଥାତ୍ ବସାର ତାପମାତ୍ରା ଉପରେ ନିର୍ଭର କରେ ଶାବକର ଲିଙ୍ଗ। ଅଣ୍ଡାରୁ ବାହାରିଲା ବେଳେ ଶାବକର ଓଜନ ୨୦ରୁ ୩୫ ଗ୍ରାମ ଭଳି ଥାଏ ଏବଂ ଏକ ସୂକ୍ଷ୍ମ ପର୍ଦାଦ୍ୱାରା ଆଚ୍ଛାଦିତ ହୋଇ ରହିଥାଏ ସେମାନଙ୍କ ଆଖି। ଦୁଇ ତିନି ଦିନ ମଧ୍ୟରେ ଏହି ଆବରଣ ଖୋଲିଯାଏ ଏବଂ ବସା ଭିତରୁ (ବାଲି ତଳୁ) ଉପରକୁ ଉଠିଆସି ସେମାନେ ଚେଷ୍ଟା କରନ୍ତି ସମୁଦ୍ର ଭିତରକୁ ଚାଲିଯିବା ପାଇଁ। ଏତିକି ବେଳେ ବିଲୁଆ, କୁକୁର ଓ ଖାଦକ ପକ୍ଷୀମାନଙ୍କର ଶିକାର ହୁଅନ୍ତି ଅନେକ ଶାବକ। ଯେଉଁମାନେ ଏମାନଙ୍କ କବଳରୁ ବଞ୍ଚିତ ରହନ୍ତି, ସେମାନେ ସମୁଦ୍ର ଭିତରକୁ ଚାଲିଯାଆନ୍ତି ରାତି ଅନ୍ଧାରରେ। ସମୁଦ୍ରରେ ପ୍ରବେଶ କଲାପରେ ଆରମ୍ଭ ହୁଏ ସେମାନଙ୍କର ଖାଦ୍ୟ ଅନ୍ୱେଷଣ। ଖାଦ୍ୟ ପାଇଁ ସେମାନେ ହଜାର ହଜାର କିଲୋମିଟର ସାମୁଦ୍ରିକ ପଥ ଅତିକ୍ରମ କରି ଚାଲିଯାଆନ୍ତି ପ୍ରଶାନ୍ତ ମହାସାଗର ଉପକୂଳ ପର୍ଯ୍ୟନ୍ତ। ବିଶେଷଜ୍ଞଙ୍କ ମତରେ ଅଲିଭ୍ ରିଡ୍‌ଲେ କଇଁଛ ଶାବକକୁ ପ୍ରଜନନକ୍ଷମ ହେବା ପାଇଁ ଲାଗିଯାଏ ପାଖାପାଖି ୩୦ ବର୍ଷ ସମୟ। ବୟଃପ୍ରାପ୍ତ ହେଲାପରେ ସେମାନଙ୍କର ମନେପଡ଼େ ଜନ୍ମସ୍ଥାନ ଓଡ଼ିଶା ଉପକୂଳ କଥା। ମିଳନ ପାଇଁ ବ୍ୟଗ୍ରହୋଇ ସେମାନେ ଫେରନ୍ତି ଜନ୍ମସ୍ଥାନ ଗହୀରମଥା ଅଭିମୁଖେ। ଏଠାରେ ଗଣ ମିଳନ ଓ ଗଣପ୍ରଜନନ ପ୍ରକ୍ରିୟା ପରେ ଚାଲିଯାଆନ୍ତି ଜାଫ୍‌ନା, କୋଷ୍ଟାରିକା ଓ ଶ୍ରୀଲଙ୍କା ଉପକୂଳ ଅଭିମୁଖେ।

ପ୍ରଜନନ ପାଇଁ ବିପୁଳ ସଂଖ୍ୟକ କଇଁଛ ଗହୀରମଥାକୁ ଆସୁଥିବା ସମ୍ପର୍କିତ ତଥ୍ୟ ୧୯୭୬ ମସିହାରେ ଭାରତ ସରକାରଙ୍କୁ ପ୍ରଥମେ ଜଣେଇଥିଲେ ଅଷ୍ଟ୍ରେଲିଆର ପ୍ରାଣୀ ବିଶେଷଜ୍ଞ ଏଚ. ଆର. ବଷ୍ଟର୍ଡ଼। ସରକାର ଏ ସମ୍ପର୍କରେ ଅନୁଧ୍ୟାନ କରି କଇଁଛ ସୁରକ୍ଷା ପାଇଁ ୧୯୯୪ ମସିହାରେ ଗହୀରମଥା ଉପକୂଳଠାରୁ ସମୁଦ୍ର ଭିତରକୁ ୨୦ କି.ମି. ପର୍ଯ୍ୟନ୍ତ ମାଛଧରା ଉପରେ ଜାରିକଲେ କଟକଣା। ୧୯୯୭ରେ ଗହୀରମଥାକୁ ମିଳିଲା ସାମୁଦ୍ରିକ ଅଭୟାରଣ୍ୟ ମାନ୍ୟତା। ଏବେ ଗହୀରମଥାର ସୁରକ୍ଷା ଦାୟିତ୍ୱ ବନ ବିଭାଗ, ଗୃହ ବିଭାଗ, ପଶୁସମ୍ପଦ ବିଭାଗ ଓ ସାମୁଦ୍ରିକ ମତ୍ସ୍ୟବିଭାଗ ତଥା ତଟରକ୍ଷା ବାହିନୀ ଉପରେ ନ୍ୟସ୍ତ। ଏତେ ସବୁ ବିଭାଗ ତା'ର ସୁରକ୍ଷା ଦାୟିତ୍ୱରେ ଥାଇ ମଧ୍ୟ ମାନବକୃତ କାରଣରୁ କଇଁଛଙ୍କ ପାଇଁ ଅସୁରକ୍ଷିତ ହୋଇପଡୁଛି ଉପକୂଳ।

କେବଳ ବିରଳ ପ୍ରଜାତିର କଇଁଛ ଅଲିଭ୍ ରିଡ୍‌ଲେ ପାଇଁ ନୁହେଁ, ଏଠାରେ ମିଳୁଥିବା ଭିନ୍ନ ଭିନ୍ନ କିସମର ମାଛ ପାଇଁ ମଧ୍ୟ ଗହୀରମଥାର ରହିଛି ସ୍ୱତନ୍ତ୍ର ପରିଚୟ। ଅଲିଭ୍ ରିଡ୍‌ଲେଙ୍କ ସୁରକ୍ଷା ଦୃଷ୍ଟିରୁ ସାମୁଦ୍ରିକ ଅଭୟାରଣ୍ୟରେ ବର୍ଷତମାମ ଜାରି ରହିଛି ଟ୍ରଲର ଚଳାଚଳ ଓ ମାଛ ମାରିବା ଉପରେ କଟକଣା। ପୁଣି କଇଁଛ ପ୍ରଜନନ ଋତୁ ନଭେମ୍ବର ୧ରୁ ମେ ୩୧ ତାରିଖ ଯାଏ ଧାମରା ମୁହାଣଠାରୁ ଦେବୀ ନଦୀ ମୁହାଣ ପର୍ଯ୍ୟନ୍ତ ୪୮୦ ବର୍ଗ କି.ମି. ଅଞ୍ଚଳ ମଧ୍ୟରେ ମାଛଧରା ଉପରେ ଜାରି ହେଉଛି ନିଷେଧାଜ୍ଞା। ମାଫିଆ ଓ ଅସାଧୁ କର୍ମଚାରୀଙ୍କ ମଧୁଚନ୍ଦ୍ରିକା ଯୋଗୁଁ ମଧ୍ୟ ବଢ଼ୁଛି ଗହୀରମଥାର ବ୍ୟଥା। କିଛି ଦକ୍ଷ ଓ ସଚ୍ଚୋଟ କର୍ମଚାରୀ ଜୀବନକୁ ବାଜି ଲଗାଇ ମାଫିଆମାନଙ୍କୁ କାବୁ କରିନେବାର ନଜିର ଅବଶ୍ୟ ରହିଛି, ମାତ୍ର ଧରାପଡ଼ିଲା ପରେ ବି ସେମାନଙ୍କ ବିରୋଧରେ ଗ୍ରହଣ କରାଯାଇ ପାରୁନି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ।

ଅଲିଭ୍ ରିଡ୍‌ଲେ କଇଁଛ ଯେ କେବଳ ସମୁଦ୍ର ତଟର ନୈସର୍ଗିକ ଶୋଭା ବର୍ଦ୍ଧନ କରନ୍ତି ତାହା ନୁହେଁ, ଜୈବ ବିବିଧତାର ଭାରସାମ୍ୟ ରକ୍ଷା କ୍ଷେତ୍ରରେ ମଧ୍ୟ ସେମାନଙ୍କର ଭୂମିକା ବେଶ୍ ମହତ୍ୱପୂର୍ଣ୍ଣ। ସାଧାରଣତଃ ଏମାନେ ସମୁଦ୍ର ଭିତରେ ଥିବା ଯେଉଁ ରାବଣା ବା ଜେଲିଫିସ୍‌କୁ ଖାଇଯାଆନ୍ତି, ସେହି ଜେଲିଫିସ୍‌ଙ୍କ ପ୍ରଧାନ ଖାଦ୍ୟ ହେଉଛି ଚିଙ୍ଗୁଡ଼ି ଯାଆଁଳ। ସୁତରାଂ ଅଲିଭ୍ ରିଡ୍‌ଲେଙ୍କ ସଂଖ୍ୟା ହ୍ରାସ ପାଇବା ସହିତ ଯୋଡ଼ି ହୋଇ ରହିଛି ଚିଙ୍ଗୁଡ଼ି ଯାଆଁଳ ବିଲୁପ୍ତିର ପ୍ରାକ୍ ସୂଚନା। ପୁଣି ଜଳ ବିଶେଷଜ୍ଞଙ୍କ ମତରେ କଇଁଛ ଚଳପ୍ରଚଳ ଦ୍ୱାରା ପ୍ରଦୂଷଣମୁକ୍ତ ହୁଏ ଜଳ। ତେଣୁ କଇଁଛଙ୍କ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ବ୍ୟାପକ ଓ ସଘନ କରିବା ସରକାରଙ୍କର ନୈତିକ ଦାୟିତ୍ୱ। ତା ନହେଲେ ଆମ ସାମୁଦ୍ରିକ ପରିବେଶରୁ ବିଲୁପ୍ତ ହୋଇଯିବ ଅଲିଭ୍ ରିଡ୍‌ଲେ କଇଁଛ ପରି ସରଳ ଜୀବଟିଏ। ବିଶ୍ୱ ମାନବକୁ ବିସ୍ମିତ ଓ ଆକର୍ଷିତ କରିବା ପାଇଁ ଗହୀରମଥା ସାଗର ତଟରେ ଆଉ ଦେଖିବାକୁ ମିଳିବନି ସେମାନଙ୍କ ଗଣ ଅଣ୍ଡାଦାନ ପର୍ବ। ଦେଶ ବିଦେଶରୁ ଏଠାକୁ ଆଉ ଛୁଟିବନି ପର୍ଯ୍ୟଟକ, ପ୍ରାଣୀ ବିଜ୍ଞାନୀ, ପରିବେଶବିତ୍‌ଙ୍କ ସୁଅ। ସେମାନଙ୍କ ସହିତ ସ୍ଥାନୀୟ ସାମ୍ବାଦିକ, ଫଟୋଗ୍ରାଫର ଓ ପ୍ରକୃତି ପ୍ରେମୀଙ୍କ ସମାଗମରେ ଆଉ ଚଳଚଞ୍ଚଳ ହେବନି ତା'ର ବେଳାଭୂମି। ହତଶ୍ରୀ ହୋଇ ସେ ହରେଇ ବସିବ ସାମୁଦ୍ରିକ ଅଭୟାରଣ୍ୟ ମାନ୍ୟତା। ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରୁ ଦିନେ ହୁଏତ ହଜିଯିବ ଗହୀରମଥାର ନାଁ।

# ଜଟଣୀ ଅଞ୍ଚଳରେ ବଢୁଛି ଚୋରି, ଅବାଧ ନିଶା କାରବାର

**ଜଟଣୀ, ନ୍ୟୁଜ ବ୍ୟୁରୋ**

ଜଟଣୀ ଅଞ୍ଚଳରେ ଦେଶୀ ଓ ବିଦେଶୀ ଚୋରା ମଦ କାରବାର ଦିନକୁ ଦିନ ବୃଦ୍ଧି ପାଉଛି। ଗାଁ ଠାରୁ ଆରମ୍ଭ କରି ସହରର ସବୁଆଡ଼େ ଚୋରା ମଦ ଅବାଧରେ ବିକ୍ରି ଚାଲିଛି। ଏହି ନିଶା କାରବାର ଯୋଗୁ ଦିନକୁ ଦିନ ଅପରାଧ ବଢୁଛି। ଚୋରି, ଛିନ୍‌ତାଇ, ଗଣ୍ଡଗୋଳ ଆଦି ନିତିଦିନିଆ ଘଟଣା ହୋଇଗଲାଣି। ଏହିସବୁ ଘଟଣାକୁ ନେଇ ପ୍ରତିଦିନ ଥାନାର ଦ୍ୱାରସ୍ଥ ହେଉଛନ୍ତି ସାଧାରଣ ଲୋକ। ବର୍ଷ ଆରମ୍ଭରୁ ଆଜି ପର୍ଯ୍ୟନ୍ତ ଜଟଣୀ ଥାନାରେ ୧୨୦ଟି ମାମଲା ପଞ୍ଜୀକୃତ ହେଲାଣି। ସେଥିରୁ ୭୫ରୁ ଉର୍ଦ୍ଧ୍ୱ ଏହି ସମ୍ବନ୍ଧୀୟ ମାମଲା ରହିଛି। ଇନ୍‌ଫୋଭ୍ୟାଲି ଥାନାରେ ୭୮ଟି ମାମଲାରୁ ୪୫ରୁ ଅଧିକ ଏଭଳି ମାମଲା ରହିଛି। ଅଧିକାଂଶ ମାମଲାରେ ନିଶାକୁ ନେଇ ଅପରାଧ ଘଟିଛି। ଅନ୍ୟପଟେ ନିଶା ଦ୍ରବ୍ୟର ଅବାଧ ବିକ୍ରି ରୋକିବାକୁ ଅବକାରୀ ବିଭାଗ ଓ ପୁଲିସ ପ୍ରଶାସନ ସେଭଳି କିଛି ପଦକ୍ଷେପ ନେଉ ନଥିବା ଅଭିଯୋଗ ହୋଇଛି। ଜଟଣୀ ଓ ଇନଫୋଭ୍ୟାଲି ଥାନା ଅଂଚଳରେ ପ୍ରତିଦିନ ଚୋରି ଓ ଲୁଟ୍ ଘଟଣା ଘଟୁଛି। ପ୍ରାୟ ଘଟଣାରେ ଅଭିଯୁକ୍ତ ମାନେ ନିଶା ସେବନ ପାଇଁ ଚୋରି ଓ ଅପରାଧ କରୁଥିବା ଜଣାପଡ଼ିଛି। ଅବକାରୀ ଓ ପୁଲିସ ବିଭାଗ ଏହି ନିଶା ବେପାରୀଙ୍କୁ ଧରିବାରେ ବିଫଳ ହେଉଥିବା ବେଳେ ଥାନାରେ କେବଳ ଅବକାରୀ ମାମଲା ରୁଜୁ କରିବା ପାଇଁ ଛୋଟ ମୋଟ ବେପାରୀଙ୍କୁ ଧରି ବାଃ ବାଃ ନେଉଛନ୍ତି। ହେଲେ ବଡ଼ ବ୍ୟବସାୟୀଙ୍କୁ ଧରିବାକୁ ସାହସ ଜୁଟାଇ ପାରୁନି ପୁଲିସ। ଜଟଣୀ ଥାନା ଅଞ୍ଚଳର ବାଲିଛକ ମୁଣ୍ଡିଆସାହି, ଫକଡ଼ବସ୍ତି, ହାଟବଜାର, ଲୋକକଲୋନି, ମାଣିଆଛକ, ବାଛରା ହରିଜନବସ୍ତି, ରଥିପୁର, କଣ୍ଟିଆ, ନିରଞ୍ଜନପୁର, ରାଜାବଜାର, ବସ୍‌ଷ୍ଟାଣ୍ଡ ସମେତ ଆହୁରି ଅନେକ ସ୍ଥାନରେ ଦେଶୀ ବିଦେଶୀ ମଦ ସାଙ୍ଗକୁ ଅନ୍ୟ ନିଶା କାରବାର ଚାଲିଛି। ସେହିପରି ଇନ୍‌ଫୋଭ୍ୟାଲି ଥାନାର ଗଙ୍ଗପଡ଼ା, ଅରିସଲ୍, ଯାଆଁଳା, ତଳଖେତା, ମଦନପୁର ଆଦି ଅଞ୍ଚଳରେ ମଧ୍ୟ ସମାନ ସ୍ଥିତି। ସବୁଠୁ ବଡ଼ କଥା ହେଉଛି ନିଶା ସେବନରେ ବିଭିନ୍ନ ଶିକ୍ଷା ଅନୁଷ୍ଠାନର ଛାତ୍ର ଓ ବେକାରୀ ଯୁବକ ପଡୁଛନ୍ତି। ଆପରାଧିକ ଘଟଣାରେ ଗିରଫ ହୋଇଥିବା ଅଭିଯୁକ୍ତଙ୍କ ମଧ୍ୟରେ ଅଧିକାଂଶ କଲେଜ ଛାତ୍ର ଥିବା ପରେ ଜଣାପଡୁଛି। ନିଶା ବ୍ୟବସାୟୀ ଥାନା ଅଞ୍ଚଳରେ ରହିଥିବା ଶିକ୍ଷାନୁଷ୍ଠାନ ପାଖରେ ନିରାପଦ ବେପାର କରୁଛନ୍ତି। ତେଣୁ ଏହି ଛାତ୍ରମାନେ ବିଭିନ୍ନ ଅପରାଧିକ କାର୍ଯ୍ୟକଳାପରେ ସାମିଲ ହେଉଛନ୍ତି। ଅନ୍ୟପଟେ ଉଭୟ ଥାନା ଅଞ୍ଚଳରେ ଗତ ତିନିମାସ ଭିତରେ ୮୦ରୁ ଉର୍ଦ୍ଧ୍ୱ ଲୁଟ୍ ପାଟ୍ ମାମଲା ଘଟିଥିବା ବେଳେ ଅଧିକାଂଶ ମାମଲାରେ ପୁଲିସ ଅଭିଯୁକ୍ତଙ୍କ ପାଖରେ ପହଞ୍ଚି ପାରିନି। ସ୍ଥାନୀୟ ବାସିନ୍ଦା ବ୍ରହ୍ମାନନ୍ଦ ବେହେରା କହିଛନ୍ତି ଯେ, ଜଟଣୀ ଏବେ ନିଶା କାରବାରର ଚରାଭୁଇଁ ପାଲଟିଛି। ନିଶା ଖାଇବା ପରେ ଯୁବପିଢ଼ି ନିଜର ହିତାହିତ ଜ୍ଞାନ ଭୁଲି ବିଭିନ୍ନ ଆପରାଧିକ କାର୍ଯ୍ୟକଳାପ ଘଟାଉଛି। ଗୋଟେ ପଟେ ଏହି ଚୋରା ମଦ ବେପାରୀଙ୍କଠାରୁ ପୁଲିସ ମୋଟା ଅଙ୍କର ମାସିକିଆ ବଟି ନେଇ ଚୁପ୍ ବସୁଛି। ଅନ୍ୟପଟେ ବେପାରୀମାନେ ଅବାଧରେ ନିଜର ବ୍ୟବସାୟ ବଢ଼ାଇ ଚାଲିଛନ୍ତି। ତେଣୁ ପୁଲିସ ଓ ଅବକାରୀ ବିଭାଗର ଜାଣତରେ ଏ ସବୁ ଚାଲିଛି।

# କଳା ଓ କଳାକାରଙ୍କୁ ମିଳୁନି ପ୍ରୋତ୍ସାହନ କି ଭତ୍ତା



**ନବରଙ୍ଗପୁର, ନ୍ୟୁଜ ବ୍ୟୁରୋ**

ଡିଜେ ଓ ଅତ୍ୟାଧୁନିକ ଯନ୍ତ୍ରସଂଗୀତରେ ହଜିବାକୁ ବସିଲାଣି ଲୋକକଳା, ବାଦ୍ୟ ଓ ନୃତ୍ୟ। ଅଳ୍ପ କିଛି କଳାକାର ଏହି ଲୋକକଳା, ଲୋକନୃତ୍ୟ, ଲୋକବାଦ୍ୟକୁ ବଂଚାଇବାକୁ ଉଦ୍ୟମ ଜାରି ରଖିଛନ୍ତି। ହେଲେ ତାଙ୍କୁ ପ୍ରଶାସନ ତରଫରୁ ସେଭଳି ପ୍ରୋତ୍ସାହନ କିମ୍ବା ଉତ୍ସାହିତ କରାଯିବା କଥା ତାହା ବି ହେଉନି। କଳାକାରଙ୍କୁ ଭତ୍ତା ସହ ବୀମା ଓ ଅନ୍ୟାନ୍ୟ ଯୋଜନାରେ ସାମିଲ କରାଯାଉଥିବା ଘୋଷଣା କରାଯାଉଛି କିନ୍ତୁ ପ୍ରକୃତ ପକ୍ଷେ ମିଳୁନି। ଏପରିକି ଏମାନେ ବ୍ୟାଙ୍କ ଋଣ ଆବେଦନ କଲେ ମଧ୍ୟରେ ବ୍ୟାଙ୍କ ଗୁଡିକ ଋଣ ଦେବାକୁ ପଛାଉଛନ୍ତି। ଏସବୁ କିଛି ସରକାରୀ ସହଯୋଗ ନ ପାଇ ସୁଦ୍ଧା ଜିଲ୍ଲାର ନନ୍ଦାହାଣ୍ଡି ବ୍ଲକର ଏକମ୍ବା ଗାଁର ଏକମ୍ବା କିଙ୍ଗ ମେଲୋଡି ଦଳ ଏହି ସ୍ଥିତିରେ ଦୀର୍ଘ ୨୦ବର୍ଷର ସଂଘର୍ଷ ପରେ କଳାକାରଙ୍କ ବ୍ୟକ୍ତିଗତ ଉଦ୍ୟମ ଏବଂ ଏକଜୁଟ ହୋଇ ରହିବା ଫଳରେ ମିଳିଛି। ବାହାଘର ହେଉ କି ବ୍ରତଘର, ବାଲିଯାତ୍ରା, ପୂଜାପାର୍ବଣ ସବୁସ୍ଥାନରେ ଲୋଡୁଥିବା ତଥା ଲୋକଗୀତ, ଲୋକସଂଗୀତ, ଲୋକନୃତ୍ୟ ଢ଼େମସା, ରିଂଜୋଡ଼ିକୁ ସଂଗୀତ ଦେଉଥିବା ଗ୍ରାମାଞ୍ଚଳର ପାରମ୍ପରିକ ଡାମ୍ପ, ମହୁରି ବାଜା ଓ ଲୋବାଦ୍ୟ କଳାକାର ଅବହେଳିତ ବୋଲି କହିଛନ୍ତି ନନ୍ଦାହାଣ୍ଡି ବ୍ଲକର ଏକମ୍ବା ଗାଁର କରୁଣାମୟ ବେନିୟା। ତାଙ୍କ ବାପା ବିଶିଷ୍ଟ ନାଟଗୁରୁ ଚୈତନ୍ୟ ବିଷୋଇଙ୍କ ଶିଷ୍ୟ ଥିଲେ। ଘରେ ହାରମୋନିୟମ ଓ ଅନ୍ୟ ବାଦ୍ୟଯନ୍ତ୍ର ରହିଥିଲା। ପିଲାଟି ବେଳରୁ କରୁଣାମୟ ବାପା ଏସବୁ ବାଦ୍ୟ ଯନ୍ତ୍ର ବଜାଇବା ସମୟରେ ତାଙ୍କ ମନରେ ଏହାର ଗଭୀର ରେଖାପାତ ହେବା ସହ ନିଜ ମଧ୍ୟରେ ରହିଥିବା କଳା ପରିସ୍ଫୁଟିତ ହୋଇଥିଲା। ଗାଁର ଯୁକ୍ତ ୩ ପଢୁଥିବା ୩ଜଣ, ଯୁକ୍ତ ୨ ପଢ଼ିଥିବା ୭ଜଣ, ମାଟ୍ରିକ୍ ପାସ୍ ଓ ଫେଲ୍ ୧୫ଜଣ ଏଭଳି ୨୫ଜଣିଆ ଦଳ ଗଠନ କରିଥିଲେ କରୁଣାମୟ। ସବୁ ଏକଜୁଟ ହୋଇ ଦଳ ଗଠନ କରି ଲୋକବାଦ୍ୟକୁ ବଞ୍ଚାଇବାକୁ ଦୀର୍ଘ ୨୦ବର୍ଷ ହେବ ପ୍ରୟାସ କରିଛନ୍ତି। ଏବେ ଦଳର ସବୁ ସଦସ୍ୟ ଏକ ବୋଲି କହିଛନ୍ତି କରୁଣାମୟ। ଦିଗିସଲପାର ଲୋକନାଥ ପତି ଏହି ଦଳକୁ ସହଯୋଗ କରି ଗାର୍ଡ଼ି ଓ ସାଉଣ୍ଡ ସିଷ୍ଟମ୍ ଯୋଗାଇଛନ୍ତି। ବାଦ୍ୟଯନ୍ତ୍ର ସେ ନିଜେ ଦଳ ପାଇଁ କିଣିଥିବା ବେଳେ ଦଳ ତାଙ୍କ ଟଙ୍କା ପରିଶୋଧ କରିଛନ୍ତି। ସେମାନଙ୍କ ନିଜ ଉଦ୍ୟମରେ ଏହି ଦଳ ଏବେ ରାଜ୍ୟ ଓ ପଡୋଶୀ ରାଜ୍ୟର ବିଭିନ୍ନ କାର୍ଯ୍ୟକ୍ରମରେ ଭାଗ ନେଇ ଉଚ୍ଚପ୍ରଶଂସିତ। ପ୍ରଶାସନ ନିକଟରେ ବାରମ୍ବାର କଳାକାର ଭତ୍ତା, ବ୍ୟାଙ୍କ ଋଣ ପାଇଁ ସେ ଓ ତାଙ୍କ ଦଳ ସଦସ୍ୟ ଆବେଦନ କରିଥିଲେ ହେଁ ଏଯାଏଁ ସରକାରୀ ସହାୟତା କିଛି ମିଳିନି ବୋଲି କହିଛନ୍ତି କରୁଣାମୟ। ୨୫ଜଣ ଶିକ୍ଷିତ ବେକାର ଯୁବକମାନେ କଳାକୁ ବଞ୍ଚାଇବାକୁ ପ୍ରୟାସ କରି ଏକଜୁଟ ରହିଛନ୍ତି। ଏହି ଦଳକୁ ପ୍ରୋତ୍ସାହିତ କରି ଜିଲ୍ଲାପ୍ରଶାସନ ଅନ୍ୟ ଶିକ୍ଷିତ ବେକାର ଯୁବବର୍ଗଙ୍କୁ ଏହି ଦଳ ମାର୍ଗଦର୍ଶକ ସଜାଇବା କଥା ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

# ଜୀରା ନଦୀର ଜଳ ସ୍ନାନ ପାଇଁ ମଧ୍ୟ ଉପଯୁକ୍ତ ନୁହେଁ

**ଭୁବନେଶ୍ୱର, ଦୀପିକା ବ୍ୟୁରୋ**

ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସପିସିବି), ଓଡ଼ିଶା, ମହାନଦୀ ନଦୀର ଏକ ଶାଖା ଜୀରା ନଦୀରେ ବିପଦଜନକ ସ୍ତରରେ ପ୍ରଦୂଷଣ ହେଉଥିବା ନେଇ ଚେତାବନୀ ଜାରି କରିଛି। ଏସପିସିବି ଜାତୀୟ ହରିତ ଅଧିକରଣ (ଏନଜିଟି)କୁ ଦାଖଲ କରିଥିବା ଏକ ଶପଥପତ୍ରରେ ମଧ୍ୟ ପ୍ରକାଶ କରିଛି ଯେ ଜୀରା ନଦୀର ଜଳ ସ୍ନାନ ପାଇଁ ମଧ୍ୟ ଉପଯୁକ୍ତ ନୁହେଁ। ରାମକାନ୍ତ ରାଉତଙ୍କ ଦ୍ୱାରା ଦାଖଲ ଏକ ଆବେଦନ ସଂପର୍କରେ ଏନଜିଟିର ନିର୍ଦ୍ଦେଶ ଅନୁଯାୟୀ, ଏସପିସିବି ବରଗଡ଼ ସହରର ଉପର ପ୍ରବାହ (ବରଗଡ଼ ଲ କଲେଜ ନିକଟ) ଏବଂ ନିମ୍ନ ପ୍ରବାହ (ପିଏଚଇଡି ପଡ଼ା ନିକଟ ପୁରୁଣା ଜଳ ଗ୍ରହଣ ସ୍ଥାନ) ରୁ ଜୀରା ନଦୀରୁ ପୃଷ୍ଠଜଳ ନମୁନା ସଂଗ୍ରହ କରିଥିଲା। ପରୀକ୍ଷା ରିପୋର୍ଟ ଫଳାଫଳରୁ ଜଣାପଡ଼ିଛି ଯେ ବରଗଡ଼ ଲ କଲେଜ ନିକଟ ଉପର ପ୍ରବାହରୁ ସଂଗୃହୀତ ନମୁନାରେ ୭୯୦ ଏମପିଏନ/୧୦୦ ମିଲି ଥିବାବେଳେ, ବରଗଡ଼ରେ ପିଏଚଇଡି ପଡ଼ା ନିକଟ ନିମ୍ନ ପ୍ରବାହରୁ ସଂଗୃହୀତ ନମୁନାରେ ଏହା ୫୪,୦୦୦ ଏମପିଏନ/୧୦୦ ମିଲିକୁ ବୃଦ୍ଧି ପାଇଛି। ଏସପିସିବି ଟିମ୍ ମଧ୍ୟ ଜାଣିବାକୁ ପାଇଛି ଯେ ବରଗଡ଼ ସହରରୁ ଅଶୋଧିତ ନଗର ନର୍ଦ୍ଦମା ଜଳକୁ ବରଗଡ଼ ମ୍ୟୁନିସିପାଲିଟି ସମସ୍ତ ନିୟମ ଓ ମାର୍ଗଦର୍ଶିକାକୁ ଉଲ୍ଲଙ୍ଘନ କରି ଜୀରା ନଦୀକୁ ସିଧାସଳଖ ନିଷ୍କାସନ କରୁଛି। ଏକ ମାମଲାର ଶୁଣାଣି ସମୟରେ, ବରଗଡ଼ ମ୍ୟୁନିସିପାଲିଟି ନିଜେ ମ୍ୟୁନିସିପାଲିଟି ଅନ୍ତର୍ଗତ ପାଞ୍ଚଟି ଭିନ୍ନ ସ୍ଥାନରେ ୧୨୫ କେଏଲଡି କ୍ଷମତା ବିଶିଷ୍ଟ ପାଞ୍ଚଟି ନର୍ଦ୍ଦମା ଶୋଧନ ପ୍ଲାଣ୍ଟ (ଏସଟିପି) ସ୍ଥାପନ କରିବା ପାଇଁ ପ୍ରସ୍ତାବ ଦେଇଥିଲା। ତେଣୁ ଆମେ ନିର୍ଦ୍ଦେଶ ଦେଉଛୁ ଯେ ଉକ୍ତ ଏସଟିପିଗୁଡ଼ିକୁ ୨୦୨୩ ଡିସେମ୍ବର ୩୧ ସୁଦ୍ଧା ସ୍ଥାପନ କରାଯାଇ କାର୍ଯ୍ୟକ୍ଷମ କରାଯାଉ। ଏସପିସିବି, ୨୦୨୫ ମାର୍ଚ୍ଚ ୨୧ରେ କରାଯାଇଥିବା ନିରୀକ୍ଷଣ ସମୟରେ ଜାଣିବାକୁ ପାଇଛି ଯେ ବରଗଡ଼ ମ୍ୟୁନିସିପାଲିଟି ଏପର୍ଯ୍ୟନ୍ତ ଏହି କ୍ଷମତାର କୌଣସି ଏସଟିପି ସ୍ଥାପନ କରିନାହିଁ, କିମ୍ବା ନିରୀକ୍ଷଣ ସମୟରେ ମ୍ୟୁନିସିପାଲିଟି ପାଖରେ ଏସଟିପି ସ୍ଥାପନ ସଂପର୍କିତ କୌଣସି ଦଲିଲ ଉପଲବ୍ଧ ନଥିଲା।

# ଦେଶରେ ଗତ କିଛି ବର୍ଷ ମଧ୍ୟରେ ହ୍ରାସ ପାଇଛି ମାତୃ ଏବଂ ଶିଶୁ ମୃତ୍ୟୁହାର

**ନୂଆଦିଲ୍ଲୀ:**

ମାତୃ ଏବଂ ଶିଶୁ ମୃତ୍ୟୁ ହାରର ରୋକିବାକୁ ଭାରତକୁ ମିଳିଛି ବଡ଼ ସଫଳତା। ମାଆ ଓ ଶିଶୁର ସ୍ୱାସ୍ଥ୍ୟରେ ଉନ୍ନତି ଆଣିବାରେ ଭାରତ ପ୍ରଗତି କରିଛି। ଭାରତର ରେଜିଷ୍ଟ୍ରାର ଜେନେରାଲଙ୍କ ଦ୍ୱାରା ପ୍ରକାଶିତ ସଦ୍ୟତମ ନମୁନା ପଞ୍ଜୀକରଣ ପ୍ରଣାଳୀ ୨୦୨୧ ରିପୋର୍ଟ ଅନୁଯାୟୀ, ଦେଶରେ ଗତ କିଛି ବର୍ଷ ମଧ୍ୟରେ ମାତୃ ଏବଂ ଶିଶୁ ମୃତ୍ୟୁହାର ହ୍ରାସ ପାଇଛି।

ମାତୃ ମୃତ୍ୟୁ ଅନୁପାତ ୨୦୧୪-୧୬ ରେ ୧୩୦ ଥିଲା। ହେଲେ ୨୦୧୯-୨୧କୁ ଏହା ୯୩କୁ ଖସି ଆସିଛି। ମାତୃ ମୃତ୍ୟୁ ହାର ପ୍ରତି ଏକ ଲକ୍ଷ ଜୀବିତ ଶିଶୁ ଜନ୍ମରେ ମାତୃ ମୃତ୍ୟୁ ସଂଖ୍ୟାକୁ ଦର୍ଶାଏ।

ଶିଶୁ ମୃତ୍ୟୁ ହାର ୨୦୧୪ରେ ପ୍ରତି ୧୦୦୦ ଜୀବିତ ଜନ୍ମରେ ୩୯ ଥିଲା। ହେଲେ ୨୦୨୧ରେ ଏହା ହ୍ରାସ ପାଇ ୨୭କୁ ଖସି ଆସିଛି। ସେହି ସମୟ ମଧ୍ୟରେ ନବଜାତ ମୃତ୍ୟୁ ହାର ୨୬ରୁ ହ୍ରାସ ପାଇ ୧୯କୁ ଖସିଛି। ପାଞ୍ଚ ବର୍ଷରୁ କମ୍ ବୟସର ମୃତ୍ୟୁ ହାର ପ୍ରତି ୧୦୦୦ ଜୀବିତ ଜନ୍ମରେ ୪୫ରୁ ହ୍ରାସ ପାଇ ୩୧ କୁ ହୋଇଛି। ଜନ୍ମ ସମୟରେ ଲିଙ୍ଗ ଅନୁପାତ ୨୦୧୪ରେ ପ୍ରତି ୧୦୦୦ ପୁଅରେ ୮୯୯ ଝିଅ ଥିଲେ, ଯାହା ୨୦୨୧ରେ ୯୧୩କୁ ବୃଦ୍ଧି ପାଇଛି। ମୋଟ ପ୍ରଜନନ ହାର (ପ୍ରତି ମହିଳାଙ୍କ ହାରାହାରି ସନ୍ତାନ ସଂଖ୍ୟା) ୨୦୨୧ରେ ହ୍ରାସ ପାଇ ୨.୦ରେ ସ୍ଥିର ରହିଛି। ଯାହା ୨୦୧୪ରେ ୨.୩ ଥିଲା। ଅନେକ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ୨୦୩୦ ସମୟସୀମା ପୂର୍ବରୁ ମାତୃ ଏବଂ ଶିଶୁ ମୃତ୍ୟୁହାର ହ୍ରାସ କରିବା ପାଇଁ ବିଶ୍ୱ ସ୍ଥାୟୀ ବିକାଶ ଲକ୍ଷ୍ୟ ପୂରଣ କରିଛନ୍ତି। ମାତୃ ମୃତ୍ୟୁହାର ପାଇଁ ସ୍ଥାୟୀ ବିକାଶ ଲକ୍ଷ୍ୟ ହେଉଛି ପ୍ରତି ଏକ ଲକ୍ଷ ଜୀବିତ ଜନ୍ମରେ ମାତୃ ମୃତ୍ୟୁ ଅନୁପାତକୁ ୭୦ କିମ୍ବା ତା'ଠାରୁ କମ୍ ମୃତ୍ୟୁକୁ ହ୍ରାସ କରିବା। ଏହି ତାଲିକାରେ କେରଳ ସବୁଠାରୁ ଆଗରେ ରହିଛି। କେରଳରେ ଏମଏମଆର୍ ମାତ୍ର ୨୦କୁ ଖସି ଆସିଛି। ଏହା ପଛକୁ ମହାରାଷ୍ଟ୍ର (୩୮), ତେଲେଙ୍ଗାନା (୪୫), ଆନ୍ଧ୍ର ପ୍ରଦେଶ (୪୬), ତାମିଲନାଡୁ (୪୯), ଝାଡ଼ଖଣ୍ଡ (୫୧), ଗୁଜରାଟ (୫୩) ଏବଂ କର୍ଣ୍ଣାଟକ (୬୩) ରହିଛି।

ଏହି ରାଜ୍ୟଗୁଡ଼ିକ ସୁରକ୍ଷିତ ଗର୍ଭଧାରଣ ଏବଂ ଉତ୍ତମ ମାତୃ ଯତ୍ନ ସେବା ସୁନିଶ୍ଚିତ କରିବାରେ ଅଗ୍ରଗତି କରିଛନ୍ତି। ଯାହା ଫଳରେ ଗର୍ଭଧାରଣ ସମ୍ବନ୍ଧୀୟ ଜଟିଳତା ଯୋଗୁଁ ମହିଳାମାନଙ୍କର



ମୃତ୍ୟୁ ସଂଖ୍ୟା କମ୍ ହୋଇଛି।

ତେବେ ଆମ ରାଜ୍ୟ ଓଡ଼ିଶାରେ କିନ୍ତୁ ମାତୃ ମୃତ୍ୟୁ ହାର ଅନ୍ୟ ରାଜ୍ୟ ଅପେକ୍ଷା ଅଧିକ ରହିଛି। ଓଡ଼ିଶା ଶେଷ ଆଡୁ ଚତୁର୍ଥ ସ୍ଥାନରେ ରହିଛି। ଓଡ଼ିଶାରେ ମାତୃ ମୃତ୍ୟୁ ହାର ୧୩୫ ରହିଛି। ସେହିପରି ମାତୃ ମୃତ୍ୟୁ ହାର ରୋକିବାରେ ସବୁଠାରୁ ଖରାପ ପ୍ରଦର୍ଶନ କରିଛି ମଧ୍ୟ ପ୍ରଦେଶ। ଏଠାରେ ଏମଏମଆର ସଂଖ୍ୟା ୧୭୫ ରହିଥିବା ବେଳେ ଉତ୍ତର ପ୍ରଦେଶରେ ୧୫୧ ଓ ଆସାମରେ ୧୬୫ ରହିଛି। ସବୁଠାରୁ ଅଧିକ ଏମଏମଆର ଥିବା ଶେଷ ୫ ରାଜ୍ୟ ହେଲେ ମଧ୍ୟପ୍ରଦେଶ (୧୭୫), ଉତ୍ତର ପ୍ରଦେଶରେ (୧୫୧), ଆସାମରେ (୧୬୫), ଓଡ଼ିଶା (୧୩୫) ଓ ଛତିଶଗଡ଼ (୧୩୨)।

ଏମଏମଆର ସଂଖ୍ୟା ୧୦୦-୧୧୦ ଭିତରେ ଆସୁଥିବା ରାଜ୍ୟଗୁଡିକ ହେଲେ- ରାଜସ୍ଥାନ (୧୦୨), ବିହାର (୧୦୦), ଉତ୍ତରାଖଣ୍ଡ (୧୦୦), ପଶ୍ଚିମବଙ୍ଗ (୧୦୯) ଓ ହରିଆଣା (୧୦୮) ଏମଏମଆର ସଂଖ୍ୟା ରହିଛି।

ଶିଶୁ ସ୍ୱାସ୍ଥ୍ୟ ଦୃଷ୍ଟିରୁ, ପାଞ୍ଚ ବର୍ଷରୁ କମ୍ ବୟସର ମୃତ୍ୟୁ ହାର, ଯାହା ପ୍ରତି ୧,୦୦୦ ଜୀବିତ ଜନ୍ମରେ ପାଞ୍ଚ ବର୍ଷରୁ କମ୍ ବୟସର ଶିଶୁଙ୍କ ମୃତ୍ୟୁ ସଂଖ୍ୟା, ୨୫ କିମ୍ବା ତା'ଠାରୁ କମ୍ ଲକ୍ଷ୍ୟ ରଖାଯାଇଛି। ୧୨ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ପୂର୍ବରୁ ସେମାନଙ୍କର ୟୁ୫ଏମ୍ଆର୍‌କୁ ଏହି ଲକ୍ଷ୍ୟ ମଧ୍ୟରେ ଆଣିସାରିଛନ୍ତି। ଏଥିରେ କେରଳ ଏବଂ ଦିଲ୍ଲୀ ରହିଛନ୍ତି। ଉଭୟ ପ୍ରତି ୧୦୦୦ ଜନ୍ମରେ କେବଳ ୧୪ ଜଣଙ୍କର ମୃତ୍ୟୁ ରିପୋର୍ଟ ହୋଇଛି। ସେହିପରି ତାମିଲନାଡୁ, ଜମ୍ମୁ ଏବଂ କଶ୍ମୀର, ମହାରାଷ୍ଟ୍ର, ପଶ୍ଚିମବଙ୍ଗ, କର୍ଣ୍ଣାଟକ, ପଞ୍ଜାବ, ତେଲେଙ୍ଗାନା, ହିମାଚଳ ପ୍ରଦେଶ, ଆନ୍ଧ୍ର ପ୍ରଦେଶ ଏବଂ ଗୁଜରାଟ ମଧ୍ୟ ଏଥିରେ ସାମିଲ ଅଛନ୍ତି। ଏହି ଅଞ୍ଚଳଗୁଡ଼ିକରେ ଶିଶୁ ସ୍ୱାସ୍ଥ୍ୟସେବା, ଟିକାକରଣ ଏବଂ ପୁଷ୍ଟିସାର ପୂରଣ କରିବା କ୍ଷେତ୍ରରେ ଉନ୍ନତି ଦେଖାଇଛନ୍ତି।, ଫଳରେ ଅଧିକ ପିଲା ଜନ୍ମ ପରେ ବି ବଞ୍ଚି ଯାଇଛନ୍ତି।

ସେହିପରି, ଜନ୍ମର ପ୍ରଥମ ୨୮ ଦିନ ମଧ୍ୟରେ ମୃତ୍ୟୁ ହେଉଥିବା ନବଜାତ ମୃତ୍ୟୁ ହାର ପ୍ରତି ୧୦୦୦ ଜୀବିତ ଜନ୍ମରେ ୧୨ କିମ୍ବା ତା'ଠାରୁ କମ୍ ଲକ୍ଷ୍ୟ ରଖାଯାଇଛି। ଏଥିରେ ବି କେରଳ ସର୍ବାଗ୍ରେ ରହିଛି। କେରଳ ମାତ୍ର ୪ ଏନଏମଆର ସହିତ ସ୍ୱତନ୍ତ୍ର ସ୍ଥାନ ହାସଲ କରିଛି। ଏହି ଲକ୍ଷ୍ୟ ହାସଲ କରିଥିବା ଅନ୍ୟ ଅଞ୍ଚଳଗୁଡ଼ିକ ହେଉଛି ଦିଲ୍ଲୀ (୮), ତାମିଲନାଡୁ (୯), ମହାରାଷ୍ଟ୍ର (୧୧) ଏବଂ ଜମ୍ମୁ-କଶ୍ମୀର ଏବଂ ହିମାଚଳ ପ୍ରଦେଶ ଉଭୟ ୧୨ ଲେଖାଏ ଏନ୍ଏମଆର ରହିଛି। ଏହି ରାଜ୍ୟଗୁଡ଼ିକ ନବଜାତ ଯତ୍ନ ସେବାକୁ ସୁଦୃଢ଼ କରିଛନ୍ତି। ଯେଉଁଥିରେ ଉନ୍ନତ ପ୍ରସବ ଅଭ୍ୟାସ, ନ୍ୟୁଓନାଟାଲ ଇଣ୍ଟେସିଭ୍ କେୟାର ୟୁନିଟ୍ ଏବଂ ଜଟିଳତାର ପ୍ରାରମ୍ଭିକ ଚିହ୍ନଟ ଓ ଚିକିତ୍ସା ଅନ୍ତର୍ଭୁକ୍ତ, ଯାହା ନବଜାତଙ୍କ ଜୀବନ ରକ୍ଷା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଛି। ଏ ଦିଗରେ ପ୍ରଗତିକୁ ଟ୍ରାକ୍ କରିବା ପାଇଁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ରିଅଲ୍-ଟାଇମ୍ ସ୍ୱାସ୍ଥ୍ୟ ତଥ୍ୟ ସଂଗ୍ରହ କରିବା, ପ୍ରମାଣ-ଆଧାରିତ ନିଷ୍ପତ୍ତି ନେବା ଏବଂ ଆବଶ୍ୟକ ସ୍ଥଳେ ରଣନୀତି ସଜାଡ଼ିବା ପାଇଁ ଡିଜିଟାଲ୍ ପ୍ଲାଟଫର୍ମ ଗୁଡ଼ିକୁ ବୃଦ୍ଧି କରିଛନ୍ତି।

ରଣନୈତିକ ହସ୍ତକ୍ଷେପ ଏବଂ ଏକ ସମନ୍ୱିତ ପଦ୍ଧତି ମାଧ୍ୟମରେ, ଦେଶ ବର୍ଷ ବର୍ଷ ଧରି ମାତୃ ଏବଂ ଶିଶୁ ମୃତ୍ୟୁ ହାରରେ ହ୍ରାସ କରିବାରେ ସଫଳ ହୋଇପାରିଛି। କେନ୍ଦ୍ର ସରକାରଙ୍କର ଆୟୁଷ୍ମାନ ଭାରତ ଅଧୀନରେ, ପ୍ରତି ପରିବାରକୁ ବାର୍ଷିକ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ସୁରକ୍ଷା ପ୍ରଦାନ କରାଯିବା ହେଉ କିମ୍ବା ରାଜ୍ୟଗୁଡ଼ିକ ଦ୍ୱାରା ଏଭଳି ଆର୍ଥିକ ସୁରକ୍ଷା ପ୍ରଦାନ ଯୋଜନା ଯୋଗୁ ଏଥିରେ ସୁଧାର ଆସିପାରିଛି। ପ୍ରତ୍ୟେକ ଗର୍ଭବତୀ ମହିଳାଙ୍କ ସି-ସେକ୍ସନ ସହିତ ମାଗଣା ସଂସ୍ଥାଗତ ପ୍ରସବ ସହିତ ସାର୍ବଜନୀନ ସ୍ୱାସ୍ଥ୍ୟ ସୁବିଧାଗୁଡ଼ିକରେ ନିଃଶୁଳ୍କ ପରିବହନ, ଔଷଧ, ରୋଗ ନିର୍ଣ୍ଣୟ ଏବଂ ପୁଷ୍ଟିସାଧନ ସହାୟତା ଦିଆଯାଉଛି। ଏହା ସହିତ, ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପ୍ରସୂତି ପ୍ରତୀକ୍ଷା ଗୃହ, ମାତୃ ଏବଂ ଶିଶୁ ସ୍ୱାସ୍ଥ୍ୟ ବିଭାଗ, ପ୍ରସୂତି ହାଇ ଡିପେଣ୍ଡେନ୍ସି ୟୁନିଟ / ଇଣ୍ଟେନ୍ସିଭ କେୟାର ୟୁନିଟ୍ ନବଜାତ ସ୍ଥିରୀକରଣ ୟୁନିଟ୍, ଅସୁସ୍ଥ ନବଜାତ ଯତ୍ନ ୟୁନିଟ୍, ମାତୃ-ନବଜାତ ଯତ୍ନ ୟୁନିଟ୍ ପ୍ରତିଷ୍ଠା କରି ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ସୁଦୃଢ଼ କରିଛି। ଜନ୍ମଗତ ତ୍ରୁଟି ପାଇଁ ନବଜାତ ଶିଶୁମାନଙ୍କର ପ୍ରାରମ୍ଭିକ ସ୍କ୍ରିନିଂକୁ ମଧ୍ୟ ମା' ଏବଂ ଶିଶୁ କାର୍ଯ୍ୟକ୍ରମର ଏକ ଅଂଶ କରାଯାଇଥିଲା। ବିଭିନ୍ନ ସ୍ୱାସ୍ଥ୍ୟଗତ ପ୍ରଶିକ୍ଷଣ ମାତୃ ମୃତ୍ୟୁ ହାର ଓ ଶିଶୁ ମୃତ୍ୟୁ ହାର ରୋକିବାରେ ବେଶ ସହାୟକ ହୋଇଛି।





# ସରକାରୀ ଶିଶୁ ଚିକିତ୍ସାଳୟରେ ଅବ୍ୟବସ୍ଥା:ଟର୍ଚ୍ଚ ଲାଇଟ୍‌ରେ ଚାଲିଛି ଚିକିତ୍ସା



**କଟକ, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟର ଏକମାତ୍ର ସ୍ୱତନ୍ତ୍ର ସରକାରୀ ଶିଶୁ ଚିକିତ୍ସାଳୟ ଶିଶୁଭବନର ନୂଆ କୋଠାରେ ଚାଲିଛି ଟର୍ଚ୍ଚ ଲାଇଟ୍‌ରେ ଚିକିତ୍ସା। ଓଟିରେ ଲାଇଟ୍ ନଥିବାରୁ ବାଧ୍ୟ ହୋଇ ଟର୍ଚ୍ଚ ଲାଇଟ୍ ପକାଇ କରାଯାଉଛି ଷ୍ଟିଚ୍ (ସିଲେଇ)। ରୁମ୍‌ରେ ଲାଇଟ୍ ବ୍ୟବସ୍ଥା ହେଲେ ବି ଷ୍ଟିଚ୍ ପକାଇବାବେଳେ ନିର୍ଦ୍ଦିଷ୍ଟ କ୍ଷତ ସ୍ଥାନରେ ଟର୍ଚ୍ଚ ଆଲୁଅ ପକାଇବାକୁ ପଡୁଛି। ଏଭଳି ଫଟୋ ଏବେ ଭାଇରାଲ୍ ହେଉଥିବାବେଳେ ଏହାକୁ ନେଇ ଶିଶୁରୋଗୀଙ୍କ ଚିକିତ୍ସାର ଉଦ୍‌ବେଗଜନକ ଚିତ୍ର ସାମ୍ନାକୁ ଆସିଛି। କଟକର ୨ ବର୍ଷର ଏକ ଶିଶୁକୁ ଏଭଳି ଢଙ୍ଗରେ ଷ୍ଟିଚ୍ ପକାଇବାର ଦୃଶ୍ୟ ଭାଇରାଲ୍ ହେଉଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ ଆଧାରରେ ଅତ୍ୟନ୍ତ ତରବରିଆ ଭାବେ ଶିଶୁଭବନ ନୂଆ କୋଠାକୁ ସର୍ଜରି ବିଭାଗ କାଜୁଆଲିଟି ସ୍ଥାନାନ୍ତର କରିଦିଆଯାଇଥିଲେ ବି ସେଠି ଆନୁଷଙ୍ଗିକ ବ୍ୟବସ୍ଥା ହେଉନାହିଁ। ଡ୍ରେସିଂରୁମ୍‌ରେ ଷ୍ଟିଚ୍ ପାଇଁ ସ୍ୱତନ୍ତ୍ର ଲାଇଟ୍ ବ୍ୟବସ୍ଥା ହେଇନି। ଓଟିରେ ଲାଇଟ୍ ଲାଗି ନାହିଁ। ଯାହାଫଳରେ ଡ୍ରେସିଂରୁମ୍‌ରେ ଟର୍ଚ୍ଚ ଲାଇଟ୍‌ରେ ଶିଶୁରୋଗୀଙ୍କ ଷ୍ଟିଚ୍ କରାଯାଉଛି। କଟକ ରାଜାବଗିଚା ଅଞ୍ଚଳର ୨ବର୍ଷର ଶିଶୁ ଦୁର୍ଘଟଣାରେ ଆହତ ହୋଇଥିଲେ। ପରିବାର ଲୋକ ତାଙ୍କୁ ଚିକିତ୍ସା ପାଇଁ ଶିଶୁଭବନ ନେଇଥିଲେ। ଓଟିରେ ଲାଇଟ୍ ନଥିବାରୁ ବାଧ୍ୟ ହୋଇ ଟର୍ଚ୍ଚ ଲାଇଟ୍ ଧରି ଷ୍ଟିଚ୍ ପକାଯାଇଥିଲା। ନୂଆ କୋଠା ନିର୍ମାଣର ଅନେକ ମାସ ପରେ ଲୋକାର୍ପଣ ହେଲା। କିନ୍ତୁ ଲୋକାର୍ପଣ ପରେ ବି ଡାକ୍ତର, କର୍ମଚାରୀ ଅଭାବରୁ ସବୁ କିଛି ସ୍ୱାଭାବିକ ହୋଇପାରୁନି। ଫଳରେ ସର୍ଜରି ବିଭାଗ ପୁରୁଣା କୋଠାରେ ଓଟି ଚାଲିଛି। କେବଳ କାଜୁଆଲିଟି ଓ ଡ୍ରେସିଂରୁମ୍ ନୂଆ କୋଠାକୁ ଆସିଛି। ଓଟି ଲାଇଟ୍ ପାଇଁ ସ୍ୱାସ୍ଥ୍ୟ ବିଭାଗକୁ ଲେଖାଯାଇଛି। କିନ୍ତୁ ଲାଇଟ୍ ନଥିବାରୁ ବାଧ୍ୟ ହୋଇ ଷ୍ଟିଚ୍ ପକାଇବା ଓ ଖୋଲିବା ବେଳେ ଟର୍ଚ୍ଚ ଲାଇଟ୍ ବ୍ୟବହାର କରାଯାଉଛି ବୋଲି ପରୋକ୍ଷରେ କର୍ତ୍ତୃପକ୍ଷ ସ୍ୱୀକାର କରୁଛନ୍ତି।

# ବାହାର ରାଜ୍ୟର ଡକାୟତ ଗ୍ୟାଙ୍ଗଙ୍କୁ ଧରିଲା ସୁବର୍ଣ୍ଣପୁର ପୋଲିସ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ବିଳମ୍ବିତ ରାତିରେ ସୋନପୁର ଟାଉନ୍ ଥାନା ପୋଲିସ ପାଟ୍ରୋଲିଂ କରୁଥିବା ସମୟରେ ଏକ ଡକାୟତ ଦଳକୁ ଧରିବାରେ ସଫଳ ହୋଇଛି। ଏକ ବିଶ୍ୱସ୍ତ ସୂତ୍ରରୁ ଖବରପାଇ ତେଲ ନଦୀ ରିଙ୍ଗ ରୋଡ ଲେପ୍ରୋସି କଲୋନୀ ନିକଟରେ ୮ ରୁ ୧୦ ଜଣ ଅସାମାଜିକ ବ୍ୟକ୍ତି ଏକାଠି ହୋଇ ଡକାୟତି ଯୋଜନା କରୁଥିବା ସୂଚନା ପାଇ ସୋନପୁର ପୋଲିସର ଉକ୍ତ ଟିମ୍ ସେହି ସ୍ଥାନରେ ହଠାତ୍ ଚଢଉ କରିଥିଲା। ପୋଲିସକୁ ଦେଖି ସେମାନେ ଦୌଡି ପଳାଇଥିବା ବେଳେ ସେଥିମଧ୍ୟରୁ ଦୁଇ ଜଣଙ୍କୁ ପୋଲିସ କାବୁ କରିବାରେ ସକ୍ଷମ ହୋଇଥିଲା। ଅଭିଯୁକ୍ତମାନେ ହେଲେ ପଶ୍ଚିମ ବଙ୍ଗର ଏମ୍‌ଡି ଜୁଲ୍ ଫିକର ମଣ୍ଡଳ ଓ ଉତ୍ତର ପ୍ରଦେଶର ସତିଶ ଗୌଡ। ସେମାନଙ୍କୁ ଯାଞ୍ଚ କରିବାରୁ ସେମାନଙ୍କ ନିକଟରୁ ଗୋଟିଏ ଟର୍ଚ୍ଚ ଲାଇଟ୍, ଲୁହା ଛଡ଼, ଲଙ୍କା ଗୁଣ୍ଡର ପ୍ୟାକେଟ୍, ଗୋଟିଏ ମ୍ୟାଗାଜିନ୍ ଓ ଗୋଟିଏ ଜୀବନ୍ତ ଗୁଳି ପୋଲିସ ଜବତ କରିଥିଲା। ପରେ ଉକ୍ତ ଦୁଇ ଜଣ ଡକାୟତ ଅନ୍ୟ ମାନଙ୍କର ପରିଚୟ ଦେଇଥିଲେ। ଏହି ବାବଦରେ ସୋନପୁର ଥାନା କେସ୍ ନମ୍ବର ୧୧୩/୨୦୨୫ ୟୁଏସ୍ ୩୧୦ (୪)/୩୧୦ (୫) ବିଏନ୍‌ଏସ୍/ ୨୫ (୧) (ବ) ଆର୍ମ ଆକ୍ଟ ରୁଜୁ ହୋଇଛି। ଉକ୍ତ କେସ୍‌ର ତଦନ୍ତ ସମୟରେ ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ଦିପ୍ତିରଞ୍ଜନ ଦିଗାଳଙ୍କ ନେତୃତ୍ୱରେ ଏକ ଟିମ୍ ଅନ୍ୟ ଅଭିଯୁକ୍ତ ମାନଙ୍କୁ କାବୁ କରିବା ପାଇଁ ବିଭିନ୍ନ ଜାଗାରେ ରେଡ କରିଥିଲା। ଏହି କ୍ରମରେ ଜିଲ୍ଲାପାଳ ଅଫିସର ପଛ ପଟ ବସ୍ତିରେ ଗୋଟିଏ ଘରେ ରେଡ କରିଥିବା ବେଳେ ସୁବର୍ଣ୍ଣପୁର ଜିଲ୍ଲା କିର୍ତ୍ତିପୁର ଗ୍ରାମର ଲିପୁନ ମହାକୁର (୨୦) ନାମକ ଜଣେ ଯୁବକକୁ ପୋଲିସ କାବୁ କରିଥିଲା ଓ ତାପାଖରୁ ଗୋଟିଏ ପିସ୍ତଲ ଓ ଜୀବନ୍ତ ଗୁଳି ଜବତ କରାଯାଇଥିଲା ଏବଂ ଉକ୍ତ ଘରର ତଲାସି ନେବା ସମୟରେ ତଦନ୍ତକାରୀ ଅଧିକାରୀ ସେଠାରେ ବେଆଇନ୍ ଭାବରେ ଗଚ୍ଛିତ ଥିବା ଗଞ୍ଜେଇକୁ ମଧ୍ୟ ଜବତ କରିଥିଲେ। ଏନ୍‌ଡିପିଏସ୍ ଆକ୍ଟର ନିୟମ ଅନୁଯାୟୀ ୪କେଜି ଗଞ୍ଜେଇକୁ ଜବତ କରିବା ସହ ଏହି ବାବଦରେ ସୋନପୁର ଥାନାରେ ଅନ୍ୟ ଏକ ମାମଲା ୧୧୪ Dt.୨୨.୦୫.୨୦୨୫ U/s-୨୦(b)(ii) B / ୨୯ NDPS Act. କେସ୍ ରୁଜୁ ହୋଇଛି। ଶାନ୍ତି ପ୍ରିୟ ସୁବର୍ଣ୍ଣପୁର ସହରରେ ଏହିପରି ବାହାର ରାଜ୍ୟ ଗ୍ୟାଙ୍ଗର ବଡ ଡକାୟତି ଯୋଜନା ସହର ଜନସାଧାରଣଙ୍କ ଭିତରେ ଭୟ ସଞ୍ଚାର କରିଥିବା ବେଳେ ସୋନପୁର ପୋଲିସର ଏହି ସଫଳତା ପାଇଁ ପୋଲିସର କାର୍ଯ୍ୟଦକ୍ଷତାକୁ ଜନସାଧାରଣରେ ପ୍ରଶଂସା କରାଯାଇଛି। ଅପରାହ୍ନରେ ସଦର ଥାନାରେ ଆୟୋଜିତ ଏକ ସମ୍ମିଳନୀରେ ସୁବର୍ଣ୍ଣପୁର ଏସ୍‌ପି ନାରାୟଣ ନାୟକ ବହୁତ ଶୀଘ୍ର ଏହି ଗ୍ୟାଙ୍ଗର ଅନ୍ୟମାନଙ୍କୁ ମଧ୍ୟ ଗିରଫ କରିବା ପାଇଁ ଚେଷ୍ଟା ଚାଲିଥିବା ବିଷୟ ପ୍ରକାଶ କରିଥିବା ବେଳେ ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଏସ୍ ପି କେ. ପ୍ରସାଦ, ଏସ୍ ଡି ପି ଓ ପ୍ରତାପ ଚନ୍ଦ୍ର ତ୍ରିପାଠୀ, ଆଇଆଇସି ତାପସ କୁମାର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।







# ଭବାନୀଶଙ୍କର ଜେନା ରାଜୀବଗାନ୍ଧୀ ପ୍ରତିଭା ପୁରସ୍କାର-୨୦୨୫ରେ ସମ୍ମାନିତ

**ରାୟଗଡ଼ା, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ରାଜୀବ ଗାନ୍ଧୀ ଛାତ୍ର ଫୋରମ୍ ଓ ରାଜୀବ ଗାନ୍ଧୀ ଷ୍ଟଡିସର୍କଲ୍ ପକ୍ଷରୁ ଅନୁଷ୍ଠିତ ଭାରତରତ୍ନ ରାଜୀବ ଗାନ୍ଧୀଙ୍କ ୩୪ ତମ ପୁଣ୍ୟତିଥି ଓ ରାଜୀବ ଗାନ୍ଧୀ ପ୍ରତିଭା ପୁରସ୍କାର- ୨୦୨୫ ଭୁବନେଶ୍ୱର ସ୍ଥିତ ଜୟଦେବ ଭବନରେ ରାଜ୍ୟ ସଭାପତି ସତ୍ୟବ୍ରତ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ମୁଖ୍ୟ ଅତିଥି, ଉତ୍କଳ ବିଶ୍ୱ ବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ବିନାୟକ ରଥ, ସମ୍ମାନୀୟ ଅତିଥି ପୂର୍ବତନ ସାଂସଦ ଡଃ ରାମଚନ୍ଦ୍ର ଖୁଣ୍ଟିଆ, ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ ଓ ଦୈନିକ ଖବର କାଗଜ ପର୍ଯ୍ୟବେକ୍ଷକ ଓ କଳିଙ୍ଗ କ୍ରୋନିକର ସମ୍ପାଦକ ଡଃ ପବିତ୍ର ମୋହନ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ରହି ଦକ୍ଷିଣାଞ୍ଚଳର ଯୁବ ନେତା, ସମାଜସେବୀ, ଶ୍ରମିକ ନେତା ରାୟଗଡା ଜିଲ୍ଲାର ଭବାନୀ ଶଙ୍କର ଜେନାଙ୍କୁ ରାଜ୍ୟସ୍ତରୀୟ ରାଜୀବଗାନ୍ଧୀ ପ୍ରତିଭା ପୁରସ୍କାର- ୨୦୨୫ରେ ମୁଖ୍ୟଅତିଥି ଭକ୍ତଚରଣ ଦାସ ଓ ଅନ୍ୟ ଅତିଥି ମାନଙ୍କ ଉପସ୍ଥିତିରେ ସମ୍ମାନିତ କରାଗଲା।

# ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଜଳିଗଲା

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ବାରିପଦା ସହରରେ ଗୋଟିଏ ଦିନରେ ଦୁଇଟି ଭୟାବହ ଅଗ୍ନିକାଣ୍ଡ ଘଟିଛି। ସକାଳ ସମୟରେ ବାରିପଦା ବାଣ୍ଟିଆ ଜଗନ୍ନାଥ ମନ୍ଦିର ନିକଟ କେକେ ଇଲେକ୍ଟ୍ରୋନିକ୍ସ ନାମକ ଏକ ଇଲେକ୍ଟ୍ରିକାଲ ଦୋକାନରେ ନିଆଁ ଲାଗିଥିବା ବେଳେ, ସ୍ଥାନୀୟ ଲୋକେ ଧୂଆଁ ଦେଖି ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବିଭାଗ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଦୀର୍ଘ ସମୟ ପରେ ଅଗ୍ନିକୁ ଆୟତ କରିଥିଲେ। ଦୋକାନରେ ଥିବା ଲକ୍ଷଲକ୍ଷ ଟଙ୍କାର ବୈଦ୍ୟୁତିକ ସାମଗ୍ରୀ ଜଳିପୋଡି ପାଉଁଶ ହୋଇଯାଇଛି। ଇଲେକ୍ଟ୍ରି ଦୋକାନକୁ ଲାଗି ରହିଥିବା ଅନ୍ୟଦୋକାନକୁ ମଧ୍ୟ ନିଆଁ ବ୍ୟାପି କ୍ଷୟ କ୍ଷତି ହୋଇଥିବାର ଦେଖାଯାଇଛି। ସେହିପରି ଦ୍ୱିପହର ସମୟରେ ବାରିପଦା ମୂର୍ଗାବାଡି ସ୍ଥିତ ଜିଲ୍ଲା ପରିଷଦ ତଥା ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା କାର୍ଯ୍ୟାଳୟରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। କୌଣସି କାରଣ ବଶତଃ ନିଆଁ ଲାଗିବାରୁ ଲକ୍ଷାଧିକ ଟଙ୍କାର ଯନ୍ତ୍ରାଂଶ ସହ ସରକାରୀ କାଗଜ ପତ୍ର ଜଳିପୋଡ଼ି ପାଉଁଶ ହୋଇଯାଇଛି। ତେବେ ସହକାରୀ ଅଗ୍ନିଶମ ଅଧିକାରୀ ବିଶ୍ୱନାଥ ମୁଣ୍ଡାଙ୍କ କହିବା ମୁତାବକ ଜିଲ୍ଲା ପରିଷଦ କାର୍ଯ୍ୟାଳୟ ଭିତରେ ଥିବା ଏକ ପ୍ରିଣ୍ଟରରେ ସଟ୍‌ସର୍କିଟ ଯୋଗୁଁ ନିଆଁ ଲାଗିଥିବା ଅନୁମାନ କରାଯାଉଛି। ନିଆଁ ଲାଗିଥିବା ଗୋଟିଏ ପ୍ରିଣ୍ଟରରୁ ପାର୍ଶ୍ୱରେ ଥିବା ଅନ୍ୟଏକ ପ୍ରିଣ୍ଟରକୁ ନିଆଁ ବ୍ୟାପିଥିଲା। ନିଆଁ ଲାଗିବା ହେତୁ ରୁମ୍ ଭିତରେ ଥିବା ବହୁ ଦରକାରୀ କାଗଜପତ୍ର ସହ ଲକ୍ଷାଧିକ ଟଙ୍କାର ଯନ୍ତ୍ରାଂଶ ଜଳିପୋଡ଼ି ପାଉଁଶ ହୋଇଯାଇଛି। ଘଟଣା ସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିବାରେ ସକ୍ଷମ ହୋଇଛି।



# ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ୩ ଗିରଫ

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ଚୌଦ୍ୱାର ଥାନା ଅଧିନ ମହିଷାଲଣ୍ଡା ଗ୍ରାମରେ ଜନୈକ ଦଳିତ ଯୁବକକୁ ମାରଣାନ୍ତକ ଆକ୍ରମଣ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ପୋଲିସ ସେହି ଗ୍ରାମର ୩ ଜଣଙ୍କୁ ଗିରଫ କରିଛି। ଆକ୍ରମଣର ଶୀକାର ହୋଇଥିବା ଯୁବକ ମହିଷାଲଣ୍ଡା ଗ୍ରାମର ଜୀବନ ସେଠୀ ଥାନାରେ କରିଥିବା ଅଭିଯୋଗ ସୂତ୍ରରୁ ପ୍ରକାଶଯେ ଗତ ବୁଧବାର ସନ୍ଧ୍ୟାରେ ସେ ନିଜ ଗ୍ରାମ ପେଣ୍ଡାଲରେ ବସିଥିବା ବେଳେ ସେହି ଗ୍ରାମର ପବିତ୍ର ରାଉତ, ଦେବୀ ପ୍ରସାଦ ସ୍ୱାଇଁ, ମହେଶ୍ୱର ରାଉତ, ବସନ୍ତ ରାଉତ, ରସାନନ୍ଦ ରାଉତ ପ୍ରମୁଖ ସେଠାରେ ପହଞ୍ଚି ଜୀବନଙ୍କୁ ଜାତିଆଣ ଆକ୍ଷେପ କରି ଗାଳି ଗୁଲଜ କରିଥିଲେ। ଏଥିରେ ସେ ପ୍ରତିବାଦ କରିବାରୁ ପବିତ୍ର ଓ ତାଙ୍କ ସହଯୋଗୀମାନେ ତାଙ୍କୁ ଦଉଡ଼ିରେ ବାନ୍ଧି ନିଷ୍ଠୁକ ମାଡ଼ ମାରି ଗୁରୁତର କରିଦେଇଥିଲେ। ଏଥିସହିତ ଗ୍ରାମରେ ରଖେଇ ନଦେବାକୁ ସେମାନେ ଜୀବନଙ୍କୁ ଧମକ ଦେଇଥିଲେ। ଜୀବନଙ୍କ କିଛି ସାଙ୍ଗ ଘଟଣାସ୍ଥଳରେ ପହଞ୍ଚି ଯିବାରୁ ଆକ୍ରମଣକାରୀ ମାନେ ଘଟଣାସ୍ଥଳ ଛାଡ଼ି ପଳାଇଯାଇଥିଲେ ବୋଲି ଅଭିଯୋଗ ପତ୍ରରେ ଦର୍ଶାଯାଇଛି। ଖବରପାଇ ପୋଲିସ ଗ୍ରାମରେ ପହଞ୍ଚି ଘଟଣାର ଅନୁସନ୍ଧାନ କରିବା ସହିତ ପବିତ୍ର ରାଉତ, ମହେଶ୍ୱର ରାଉତ ଓ ବସନ୍ତ ରାଉତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ରାଜନୈତିକ ଶତୃତାରୁ ଏହି ଆକ୍ରମଣ ହୋଇଥିବା ଅଞ୍ଚଳରେ ଚର୍ଚ୍ଚା ହେଉଛି।

# ଭିଜିଲାନ୍ସ ଜାଲରେ ଆର ଆଣ୍ଡ ବି କନିଷ୍ଠ ଯନ୍ତ୍ରୀ



**ନୂଆପଡ଼ା, ନ୍ୟୁଜ୍ ବ୍ୟୁରୋ**

ଭିଜିଲାନ୍ସ ଜାଲରେ ନୂଆପଡ଼ା ଜିଲ୍ଲା ଖଡ଼ିଆଳର ଆର୍ ଆଣ୍ଡ ବିର କନିଷ୍ଠ ଯନ୍ତ୍ରୀ ସୁଶାନ୍ତ ସେଠୀ। ଆୟବହିର୍ଭୂତ ସଂପତ୍ତି ଠୁଳ ଅଭିଯୋଗରେ ଭୁବନେଶ୍ୱର, ପିପିଲି ଓ ନୂଆପଡ଼ା ସମେତ ୮ଟି ସ୍ଥାନରେ ଏକକାଳୀନ ଚଢ଼ଉ କରୁଛି ଭିଜିଲାନ୍ସ। ସ୍ୱତନ୍ତ୍ର ବିଚାରପତି, ଭିଜିଲାନ୍ସ, ଭୁବନେଶ୍ୱରଙ୍କ ଦ୍ୱାରା ଜାରି କରାଯାଇଥିବା ସର୍ଚ୍ଚ ୱାରେଣ୍ଟ ବଳରେ ଓଡ଼ିଶା ଭିଜିଲାନ୍ସ ଦ୍ୱାରା ୭ ଜଣ ଡିଏସଏସପି, ୩ ଜଣ ଇନ୍ସପେକ୍ଟର, ୧୦ ଜଣ ଏଏସଆଇ ଏବଂ ଅନ୍ୟାନ୍ୟ ସହାୟକ କର୍ମଚାରୀଙ୍କ ନେତୃତ୍ୱରେ ଭୁବନେଶ୍ୱର, ପିପିଲି (ପୁରୀ), ଲିଙ୍ଗିପୁର, ଭୁବନେଶ୍ୱରର ନିମ୍ନଲିଖିତ ୮ଟି ସ୍ଥାନରେ ଏକକାଳୀନ ଘର ଚଢ଼ଉ କରାଯାଉଛି।

# ଜାମିନ ମିଳିବା ସତ୍ତ୍ୱେ ଅଭିଯୁକ୍ତକୁ ଉଠାଇ ନେଲା ପୋଲିସ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ସଦର ଥାନା ଅନ୍ତର୍ଗତ ଆୟବା ଗ୍ରାମର ଜମିଜମା ଗଣ୍ଡଗୋଳ ସଂପୃକ୍ତ ଥିବା ଜଣେ ଅଭିଯୁକ୍ତ ଉଚ୍ଚ ନ୍ୟାୟାଳୟରୁ ଅଗ୍ରିମ ଜାମିନ ମିଳିବା ସତ୍ତ୍ୱେ ପୋଲିସ ତାଙ୍କୁ ଉଠାଇ ନେଇଥିବା ଏସ୍.ପିଙ୍କ ନିକଟରେ ଅଭିଯୋଗ ହୋଇଛି। ଅଭିଯୋଗରୁ ପ୍ରକାଶ ଯେ, ସଦର ଥାନା ଅନ୍ତର୍ଗତ ଆୟବ ଗ୍ରାମର ଆରତୀ ସେଠୀଙ୍କ ସ୍ୱାମୀ ମନୋରଞ୍ଜନ ସେଠୀ ପଡୋଶୀ ସହିତ ଏକ ଜମି ଗଣ୍ଡଗୋଳରେ ସଂପୃକ୍ତ ଥିବା ନେଇ ସଦର ଥାନାରେ ଅଭିଯୋଗ ହୋଇଥିଲା। ଏନେଇ ଅଭିଯୁକ୍ତ ଶ୍ରୀ ସେଠୀ ଉଚ୍ଚ ନ୍ୟାୟାଳୟରୁ ଜାମିନ୍ ପାଇଥିଲେ ମଧ୍ୟ ରାତିରେ ସଦର ପୋଲିସ ତାଙ୍କ ଘରୁ ମନୋରଞ୍ଜନଙ୍କୁ ଗିରଫ କରି ଆଣିଥିବା ତାଙ୍କ ପରିବାର ଲୋକ ଗୁରୁବାର ଆରକ୍ଷୀ ଅଧିକ୍ଷକଙ୍କୁ ଭେଟି ଅଭିଯୋଗ କରିଥିବା ଜଣାପଡିଛି।

# ଅଟୋକୁ ଧକ୍କା ଦେଲା କାର୍:୬ ମାସର ଶିଶୁ ମୃତ, ୪ ଗୁରୁତର

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ରମ୍ଭା ଥାନା ଇଲାକା ସୁବଳୟା ଛକରେ ଏକ ପାସେଞ୍ଜର ଅଟୋକୁ ଏକ କାର୍ ଧକ୍କା ଦେଇଥିବା ଖବର ମିଳିଛି। ଦୁର୍ଘଟଣାରେ ୬ ମାସର ଶିଶୁ ଘଟଣାସ୍ଥଳରେ ମୃତ୍ୟୁ ହୋଇ ଥିବାବେଳେ ମୃତ ଶିଶୁର ମା', ମାଉସୀ ମାଉସୀ ଝିଅ ଓ ଡ୍ରାଇଭର ଗୁରୁତର ଆହତ ହୋଇଥିବା ଜଣାଯାଇଛି। ମୃତ ଶିଶୁ ଜଣଙ୍କ ହେଲେ ରମ୍ଭା ଘୁମୁଷୁରିଆ ସାହିର ସନ୍ତୋଷ ନାୟକଙ୍କ ଝିଅ ଶ୍ରେୟାଂଶୁ ନାୟକ। ମା' ପ୍ରିୟଙ୍କା ନାୟକ, ମାଉସୀ ହରପ୍ରିୟା ନାୟକ, ହରପ୍ରିୟା ନାୟକଙ୍କ ୪ ବର୍ଷର ଝିଅ ମେରି ନାୟକ ଓ ପାଟଣାଗୌଡ଼ ସାହିର ଡ୍ରାଇଭର ସୁଶାନ୍ତ ବାରିକ ଗୁରୁତର ଆହତ ହୋଇଥିବା ଜଣାପଡିଛି। ଉପରୋକ୍ତ ଘଟଣାକୁ ନେଇ ରମ୍ଭା ଥାନାରେ ଏକ ଏତଲା ଦିଆଯାଇଥିବା ଥାନା ସୂତ୍ରରୁ ପ୍ରକାଶ। ମୃତ ଶିଶୁର ମାମୁଁ ସୁଶାନ୍ତ ନାୟକ ଓ ପ୍ରିୟଙ୍କା ନିଜ ଛଅ ମାସର ଝିଅ ଶ୍ରେୟାଂଶୁଙ୍କୁ ପାସେଞ୍ଜର ଅଟୋ ସାହାର୍ଯ୍ୟରେ ଡାଇରିଆ ଚିକିତ୍ସା ପାଇଁ ପାଲୁର ଜଙ୍କସନ୍ ଏକ ଘରୋଇ କ୍ଲିନିକ୍‌କୁ ଯାଇଥିଲେ। ସୁବଳୟା ଛକ ନିକଟ ରାଜପଥ ଉପରେ ଏକ ବେପାରୁଆ ଅଜଣା କାର୍ ଅଟୋ ପଛପଟୁ ଧକ୍କା ଦେଇ ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲେ। ଘଟଣା ସ୍ଥଳରେ ଶ୍ରେୟାଂଶୁଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟମାନେ ଗୁରୁତର ଆହାତ ହୋଇଥିଲେ। ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ଯୋଗେ ଗୁରୁତର ବ୍ୟକ୍ତିମାନଙ୍କୁ ଛତ୍ରପୁର ମେଡିକାଲକୁ ଚିକିତ୍ସା ପାଇଁ ନେଇଥିଲେ। ମେଡିକାଲ କର୍ତ୍ତୃପକ୍ଷ ଛତ୍ରପୁର ଥାନାକୁ ଜଣାଇବା ପରେ ରମ୍ଭା ପୋଲିସ ଖବର ପାଇ ଛତ୍ରପୁର ମେଡିକାଲକୁ ଅନୁଧ୍ୟାନ କରିବା ପାଇଁ ଯାଇଥିଲେ। ଅଭିଯୋଗକୁ ଭିତ୍ତିକରି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି। ଶ୍ରେୟାଂଶୁଙ୍କ ଶବ ବ୍ୟବଚ୍ଛେଦ ପରିବାରକୁ ହସ୍ତାନ୍ତର କରାଯାଇଛି।

# 'ଶିକ୍ଷାନୁଷ୍ଠାନରେ ପଛୁଆ ବର୍ଗଙ୍କ ପାଇଁ ସଂରକ୍ଷଣ ମୁଖ୍ୟମନ୍ତ୍ରୀଙ୍କ ଯୁଗାନ୍ତକାରୀ ନିଷ୍ପତ୍ତି'

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**



ବିଜେପି ସରକାଙ୍କ ଐତିହାସିକ ନିଷ୍ପତି ଫଳରେ ଓଡ଼ିଶାରେ ପ୍ରଥମ ଥର ପାଇଁ ପଛୁଆବର୍ଗର ଛାତ୍ରଛାତ୍ରୀଙ୍କୁ ଶିକ୍ଷାନୁଷ୍ଠାନରେ ୧୧.୨୫ ପ୍ରତିଶତ ସଂରକ୍ଷଣ ମିଳିଲା। ଏନେଇ କେନ୍ଦୁଝର ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ଓବିସି ମୋର୍ଚ୍ଚାର ଜିଲ୍ଲା ସଭାପତି ଲକ୍ଷ୍ମଣ କୁମାର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଧନ୍ୟବାଦ ସଭା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ବିଜେପି ଓବିସି ମୋର୍ଚ୍ଚା ସଭାପତି ସୁରଥ ବିଶ୍ୱାଳ, ରାଜ୍ୟ ବିଜେପି ଓବିସି ମୋର୍ଚ୍ଚା ସାଧାରଣ ସମ୍ପାଦକ ଜ୍ଞାନେନ୍ଦ୍ର ସ୍ୱାଇଁ, ଜିଲ୍ଲା ବିଜେପି ସଭାପତି ଶୁକଦେବ ମହାନ୍ତ, ଓବିସି ମୋର୍ଚ୍ଚା ରାଜ୍ୟ ସମ୍ପାଦକ ତଥା ଜିଲ୍ଲା ପ୍ରଭାରୀ ଯୋଗେନ୍ଦ୍ର ମହାନ୍ତ, ରାଜ୍ୟ ଓବିସି ମୋର୍ଚ୍ଚା ସଂଯୋଜକ ଚନ୍ଦ୍ରଗୁପ୍ତ ପ୍ରସାଦ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଚର୍ଚିଲ ମହାକୁଡ ପ୍ରମୁଖ ମଞ୍ଚାସୀନ ହୋଇ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଚାଲିଥିବା ରାଜ୍ୟ ସରକାର ଏବଂ କେନ୍ଦ୍ରରେ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାରଙ୍କୁ ଓବିସି ମୋର୍ଚ୍ଚା କେନ୍ଦୁଝର ଜିଲ୍ଲା ବିଜେପି ତରଫରୁ ଧନ୍ୟବାଦ ଅର୍ପଣ କରାଯାଇଛି। ଉଚ୍ଚ ଶିକ୍ଷା କ୍ଷେତ୍ରରେ ଓବିସି ଛାତ୍ର ଛାତ୍ରୀଙ୍କୁ ଶତକଡ଼ା ୧୧.୨୫ ଉଚ୍ଚ ଶିକ୍ଷାରେ ସଂରକ୍ଷଣ ବ୍ୟବସ୍ଥା କରାଯାଇଥିବାରୁ କେନ୍ଦୁଝର ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ଓବିସି ମୋର୍ଚ୍ଚା ସମେତ ସାମାଜିକ ବର୍ଗର ବିଭିନ୍ନ ବର୍ଗର ମୁଖିଆ ମାନଙ୍କ ଉପସ୍ଥିତିରେ ଏହି ଐତିହାସିକ ପଦକ୍ଷେପ ପାଇଁ ଓଡ଼ିଶା ସରକାରଙ୍କୁ ଧନ୍ୟବାଦ୍ ଅର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ପରେ ଅପରାହ୍ନରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଓବିସି ମୋର୍ଚ୍ଚାର ରାଜ୍ୟ ସଭାପତି ସୁରଥ ବିଶ୍ୱାଳ ରଜ୍ୟ ସରକାରଙ୍କ ଏହି ଐତିହାସିକ ପଦକ୍ଷେପ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଦେବା ସହିତ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ମଧ୍ୟ ଧନ୍ୟବାଦ ଜଣାଇଥିଲେ। ଯାହା ୨୪ ବର୍ଷର ବିଜେଡି ସରକାରରେ ସମ୍ଭବ ହୋଇନଥିଲା ତାହା ବିଜେପି ସରକାରଙ୍କ ମାତ୍ର ୧୧ ମାସ ସରକାର ଭିତରେ ହୋଇପାରିଛି। ଦୀର୍ଘ ବର୍ଷର ସଂଗ୍ରାମ ପରେ ମୋହନ ଚରଣ ମାଝୀଙ୍କ ସରକାର ଓବିସି ବର୍ଗକୁ ନ୍ୟାୟ ଦେଇଥିବା କହିଛନ୍ତି ଶ୍ରୀ ବିଶ୍ୱାଳ। ଏହି କାର୍ଯ୍ୟକ୍ରମ ବିଜେପି ଜିଲ୍ଲା ସଧାରଣ ସମ୍ପାଦକ ଅନୁବ୍ରତ ବେହେରା, ଜିଲ୍ଲା ଓବିସି ମୋର୍ଚ୍ଚାର ସଧାରଣ ସମ୍ପାଦକ ଧନୁର୍ଜୟ ମହାନ୍ତ ଏବଂ କାହ୍ନୁଚରଣ ମହାନ୍ତ, ଜିଲ୍ଲା ଉପସଭାପତି ତ୍ରିବେଣୀ ମହାନ୍ତ ଏବଂ ସଞ୍ଜୟ କୁମାର ସାହୁ, ସମ୍ପାଦିକ ଲକ୍ଷ୍ମୀଧର ରାଉତ ସୁବ୍ରତ କୁମାର ମହାନ୍ତି, ରାଧାକାନ୍ତ ମହାନ୍ତ ପ୍ରମୁଖଙ୍କ ସହଯୋଗରେ ଅନୁଷ୍ଠିତ ହୋଇଥିଲା।

# କମ୍ପ୍ରେସର ଓଲଟି ଡ୍ରାଇଭର ମୃତ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଜେନାପୁର ଥାନା ଅନ୍ତର୍ଗତ ବାଟିଯୋଡା ରାହାଡପୁର ରାସ୍ତାରେ ଏକ ଟ୍ରାକ୍ଟର କମ୍ପ୍ରେସର୍ ଭାରସାମ୍ୟ ହରାଇ ଓଲଟିପଡ଼ିବା ଫଳରେ ଡ୍ରାଇଭରର ମୃତ୍ୟୁ ଘଟିଛି। ମୃତକ ହେଲେ ବାରମାଣ ଗ୍ରାମର ମଙ୍ଗୁଳି ପ୍ରଧାନଙ୍କ ପୁଅ କାନ୍ତ ପ୍ରଧାନ (୨୧) ଓ ଆହତ ହୋଇଥିବା ଅରୁହାଗ୍ରାମର ବାଇଧର ସିଂଙ୍କ ପୁଅ ବଳିଆସିଂ (୨୨)। ଉଭୟଙ୍କୁ ସ୍ଥାନୀୟ ଲୋକମାନେ ଧର୍ମଶାଳା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଜେନାପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି।

# ଉତ୍କର୍ଷତାର ଶୀର୍ଷରେ ସାଇ ହାୟର ସେକେଣ୍ଡାରୀ ସ୍କୁଲ୍





**ବାରିପଦା, ନ୍ୟୁଜ୍ ବ୍ୟୁରୋ**


ସ୍ଥାନୀୟ ତକତପୁର ସ୍ଥିତ ସାଇ ହାୟର ସେକେଣ୍ଡାରୀ ସ୍କୁଲକୁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ୨୦୨୫ ମସିହା +୨ ବିଜ୍ଞାନ ପରୀକ୍ଷାରେ ଅଭୂତପୂର୍ବ ସଫଳତା ମିଳିଛି। ୨୦୨୫ ପରୀକ୍ଷାରେ କଳିଙ୍ଗ କୁମାର ସାହୁ ସର୍ବମୋଟ ୫୬୪ ନମ୍ବର (୯୪%) ରଖି ମୟୂରଭଞ୍ଜ ଜିଲ୍ଲା ତଥା ଓଡ଼ିଶାରେ ରେକର୍ଡ ସୃଷ୍ଟି କରିଛନ୍ତି। ସେହିଭଳି ବିଦ୍ୟାଳୟର ଛାତ୍ରୀ ଲକ୍ଷ୍ମୀରାଣୀ ଗିରି ୫୫୩ ନମ୍ବର (୯୨.୧୬%) ରଖି ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଛାତ୍ରୀ ଅଞ୍ଜନା ଗିରି ଏବଂ ଅର୍ପିତା ଦାସ ୫୩୪ ନମ୍ବର ରଖି ତୃତୀୟ ସ୍ଥାନରେ ରହିଥିବା ବେଳେ ରମ୍ୟ ସେନାପତି ୫୩୩ ନମ୍ବର ରଖି ଚତୁର୍ଥ ସ୍ଥାନ ଏବଂ ଅଭିଶେକ ସାହୁ ୫୨୬ ନମ୍ବର ରଖି ପଞ୍ଚମ ସ୍ଥାନ ଅଧିକାର କରିବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ବିଦ୍ୟାଳୟର ମୋଟ ୨୧୪ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୭୮ ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି ଯାହାକି ସମଗ୍ର ଓଡ଼ିଶାର ପ୍ରଥମ ଶ୍ରେଣୀ ଶତକଡା ଅନୁସାରେ ଏକ ରେକର୍ଡ ଅଟେ। ୨୫ ଜଣ ଛାତ୍ର-ଛାତ୍ରୀ ୮୦%ରୁ ଅଧିକ ଏବଂ ୫୬ ଜଣ ଛାତ୍ର-ଛାତ୍ରୀ ୭୫% ରୁ ଅଧିକ ନମ୍ବର ରଖି ବିଦ୍ୟାଳୟର ମାନକୁ ବଢାଇଛନ୍ତି। ଛାତ୍ର-ଛାତ୍ରୀ ମାନଙ୍କ ପରିଶ୍ରମ ଏବଂ ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ଉଚ୍ଚ କୋଟୀର ଶିକ୍ଷାଦାନ ଦ୍ୱାରା ପ୍ରାୟତଃ ସମସ୍ତ ଛାତ୍ର-ଛାତ୍ରୀ ମ୍ୟାଟ୍ରିକ ପରିକ୍ଷା ଅପେକ୍ଷା +୨ ପରୀକ୍ଷାରେ ଅଧିକ ନମ୍ବର ରଖିବାରେ ସଫଳ ହୋଇଛନ୍ତି। ଏହି ଅଭୂତପୂର୍ବ ସଫଳତା ପାଇଁ ବିଦ୍ୟାଳୟର ନିର୍ଦ୍ଦେଶକ ଅମୀୟ ଶଙ୍କର ସାହୁ ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ତଥା କର୍ମଚାରୀଙ୍କୁ ଧନ୍ୟବାଦ ଜଣାଇବା ସହ ଛାତ୍ର-ଛାତ୍ରୀ ମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

# ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର





**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ


**ତା୨୪।୫।୨୦୨୫, ଜ୍ୟେଷ୍ଠ ଦ୧୦ନ, ଶନିବାର**

**ସୂର୍ଯ୍ୟୋଦୟ- ଘ୫।୦୮।୩୮** **ଚନ୍ଦ୍ରୋଦୟ- ରାଘ ୩।୫୮।୦୪**


**ଦ୍ୱାଦଶୀ-** ସଂଘ ୭।୨୧ ପର୍ଯ୍ୟନ୍ତ। **ରେବତୀ ନକ୍ଷତ୍ର ଓ ମୀନ ଚନ୍ଦ୍ର-** ଦିଘ ୧।୪୭ ପର୍ଯ୍ୟନ୍ତ। **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ମିଥୁନ, କନ୍ୟା, ତୁଳା, ମକର ଓ ମୀନ ରାଶିର। ଦିଘ ୧।୪୭ ଗତେ ବୃଷ, ମିଥୁନ, କର୍କଟ, ତୁଳା, ବିଛା, ମକର ଓ କୁମ୍ଭ ରାଶିର। **ଘାତ ଚନ୍ଦ୍ର-** ଧନୁ ରାଶିର। ଦିଘ ୧।୪୭ ଗତେ ମେଷ ରାଶିର। **ଶ୍ରାଦ୍ଧନିର୍ଣ୍ଣୟ-** ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ପୋଇ ସଂଘ ୭।୦୧ ପରେ ବାଇଗଣ ଖାଇବା ମନା। **ଆଜିର ଶୁଭବେଳା-** ଦିଘ ୧୦।୦୬ ଗତେ ଘ ୧୨।୦୯ ମଧ୍ୟେ। ଦିଘ ୩।୦୧ ଗତେ ଘ ୩।୩୮ ମଧ୍ୟେ। **ପର୍ବୋତ୍ସବ-** ରାମାନୁଜ ବୈଷ୍ଣବଙ୍କ ଏକାଦଶୀ।



**ମେଷ:** ଲକ୍ଷ୍ୟ ସ୍ଥଳରେ ପହଞ୍ଚିବାରେ ବିଳମ୍ବ ହେବ। ଶତ୍ରୁ ସୁଯୋଗ ଅପେକ୍ଷାରେ ରହିବେ ନହେଲେ କ୍ଷତିରେ ପଡ଼ିବେ। ଦେହ ଭଲ ରହିବନାହିଁ। ଆୟ ଓ ବ୍ୟୟ ପ୍ରାୟ ସମାନ ରହିବ। ଘରେ ଆନନ୍ଦ।



**ବୃଷ:** କର୍ମକ୍ଷେତ୍ରରେ ସମସ୍ୟା ଦେଖାଦେବ। ଯାନବାହାନ କ୍ରୟ କରିପାରନ୍ତି। ବନ୍ଧୁଙ୍କ ସହ ଝଗଡ଼ା ହୋଇପାରେ। ପ୍ରବାସୀ ଜୀବନ ଅତିବାହିତ କରିବେ। ଆୟର ପରିମାଣ ବଢ଼ିବ। ପରିବାରରେ ଶାନ୍ତି ଲାଭ।




**ମିଥୁନ:** ଦୂର ସ୍ଥାନକୁ ଯାତ୍ରା କରିବେ। ବ୍ୟବସାୟରେ ଲାଭ ମିଳିବ। ଆୟ ଠାରୁ ବ୍ୟୟର ପରିମାଣ ବଢ଼ିବ। ପାରିବାରିକ ଆଶ୍ୱସ୍ତି ଲାଭ। ଅନ୍ୟର ଦୋଷ ନିମନ୍ତେ ଆପଣ ସମାଲୋଚିତ ହେବାର ସୂଚନା।



**କର୍କଟ:** ଅତୀତ ଘଟଣା ଯୋଗୁ ମନ ଉଦାସ ରହିବ। ଅନ୍ୟମନସ୍କ ଯୋଗୁ କେତେକ ଭୁଲ୍ କରିବେ। ରୋଜଗାର ପରିମାଣ ବଢ଼ିବ। ପାରିବାରିକ ଆଶ୍ୱସତି ଲାଭ। ମହିଳାମାନେ ଗର୍ବୀ ହେବେ।




**ସିଂହ:** ଆପଣ ଯଶସ୍ୱୀ ହେବେ। ଅଟକି ରହିଥିବା କାମଟି ପୂରଣ ହେବ। ଯାତ୍ରାରେ ସଫଳତା ମିଳିବ। ମହିଳାମାନେ ଅସୁସ୍ଥ ଅନୁଭବ କରିବେ। ଗୃହେ ସୁଖ ଶାନ୍ତି ଲାଭ କରିବେ। ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ।




**କନ୍ୟା:** ଆଧ୍ୟାତ୍ମିକ ଦିଗରେ ମନ ବଳିବ। ସେବା ପୂଜା ପ୍ରତି ଆଗ୍ରହ ପ୍ରକାଶ ପାଇବ। କୌଣସି ସାମାଜିକ କାର୍ଯ୍ୟରେ ଯୋଗଦେବେ। ଆୟ ଓ ବ୍ୟୟ ସମାନ ରହିବ। ଗୃହେ ସୁଖ ଶାନ୍ତି ଅବ୍ୟାହତ ରହିବ।




**ତୁଳା:** ପରୋପକାରୀ ହେବେ। ସମସ୍ତଙ୍କ ପ୍ରିୟପାତ୍ର ହେବେ। ସତ୍ ସଙ୍ଗରୁ ଆନନ୍ଦ ଅନୁଭବ କରିବେ। ରୋଜଗାର ମଧ୍ୟମ ଧରଣର ହେବ। ଗୃହ କାର୍ଯ୍ୟରେ ବ୍ୟସ୍ତ ରହିବେ। ଶରୀର ସୁସ୍ଥ ରହିବ।



**ବିଛା:** ମନରେ ଦ୍ୱିଧା ଓ ବିରକ୍ତି ଉପୁଜିବ। ବନ୍ଧୁମାନେ ସହଯୋଗ କରିବେ। ଭ୍ରମଣର ସୁଖ ଲାଭ ହେବ। ଆୟ ଓ ବ୍ୟୟ ସମାନ ରହିବ। ବ୍ୟବସାୟ ମଧ୍ୟମ ଧରଣର ହେବ। ଗୃହେ ଶାନ୍ତି ଲାଭ।




**ଧନୁ:** ଯାନବାହାନ କ୍ରୟ କରିବେ। କଥାବାର୍ତ୍ତାରେ ସଂଯମ ରକ୍ଷା ନକଲେ ଅସୁବିଧାରେ ପଡ଼ିପାରନ୍ତି। କର୍ମକ୍ଷେତ୍ରରେ ଲକ୍ଷ୍ୟ ହାସଲ କରିବାକୁ ସମର୍ଥ ହେବେ। ରୋଜଗାର ସ୍ଥିର ରହିବ। ଗୃହେ ଶାନ୍ତି ବଜାୟ ରହିବ।



**ମକର:** ବିବାଦୀୟ ଘଟଣାରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିବ। ଶତ୍ରୁମାନେ ପରାଜିତ ହେବେ। ଆୟ ବୃଦ୍ଧି ଘଟିବ। ଭାଇ ଭାଇ ମଧ୍ୟରେ ବିବାଦ ଯୋଗୁ ପରିବାରରେ କଳହ ସୃଷ୍ଟି ହେବ। କୌଣସି କାର୍ଯ୍ୟରେ ମନ ଲାଗିବନାହିଁ।



**କୁମ୍ଭ:** କର୍ମକ୍ଷେତ୍ରରେ ଆତ୍ମନିର୍ଭରଶୀଳ ହେବେ। ଚଞ୍ଚଳମନା ହେବେ। ପରିବାରରେ କଳହ। ମଉଜ ମଜଲିସ୍‌ରେ ସମୟ ଅତିବାହିତ କରିବେ। ତ୍ୟାଗଶୀଳ ହେବେ। ଆର୍ଥିକ ସ୍ଥିତି ସୁଦୃଢ଼ ରହିବାର ସୂଚନା।



**ମୀନ:** ଅଧିକ ଭ୍ରମଣ ଯୋଗୁ କ୍ଲାନ୍ତି ଅନୁଭବ କରିବେ। ପରିବାରରୁ ସାହାଯ୍ୟ ସହଯୋଗ ମିଳିବ। ଦୁଃସାହସିକ କାର୍ଯ୍ୟ କରି ପ୍ରଶଂସା ଲାଭ ହେବ। ଆୟ ଓ ବ୍ୟୟ ପ୍ରାୟ ସମାନ ରହିବ। ମନ ଭଲ ରହିବ।

# ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୨୫।୫।୨୦୨୫, ଜ୍ୟେଷ୍ଠ ଦ୧୧ନ, ରବିବାର**

**ସୂର୍ଯ୍ୟୋଦୟ- ଘ୫।୦୮।୩୮** **ଚନ୍ଦ୍ରୋଦୟ- ରାଘ ୩।୫୮।୨୩**

**ତ୍ରୟୋଦଶୀ-** ଦିଘ ୩।୫୨ ପର୍ଯ୍ୟନ୍ତ। **ଅଶ୍ୱିନୀ ନକ୍ଷତ୍ର-** ଦିଘ ୧୧।୧୨ ପର୍ଯ୍ୟନ୍ତ। **ମେଷ ଚନ୍ଦ୍ର-** ଅହୋରାତ୍ର। **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, ତୁଳା, ବିଛା, ମକର ଓ କୁମ୍ଭ ରାଶିର। **ଘାତ ଚନ୍ଦ୍ର-** ମେଷ ରାଶିର। **ଶ୍ରାଦ୍ଧନିର୍ଣ୍ଣୟ-** ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ ଏବଂ ଚତୁର୍ଦ୍ଦଶୀର ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ବାଇଗଣ ଦିଘ ୩।୫୨ ପରେ ବିରି ଖାଇବା ମନା। **ଆଜିର ଶୁଭବେଳା-** ପ୍ରାଘ ୫।୫୬ ଗତେ ଦିଘ ୯।୩୩ ମଧ୍ୟେ। ଦିଘ ୧।୨୨ ଗତେ ଘ ୨।୪୮ ମଧ୍ୟେ। **ପର୍ବୋତ୍ସବ-** ଶିବ ଉପବାସ ବେଢ଼ା ପରିକ୍ରମା, ଭୀକାରି ବଳ ଜୟନ୍ତୀ।

# ବିଶ୍ୱରେ ଲୋକମାନଙ୍କ ହାରାହାରି ଆୟ ୧୯ ପ୍ରତିଶତ କମିବ

ପରିବେଶ ପ୍ରଦୂଷଣ ଏବଂ ବିଶ୍ୱ ତାପନ ଯୋଗୁ ଜଳବାୟୁରେ ବ୍ୟାପକ ଅନିୟମିତା ଦେଖିବାକୁ ମିଳୁଛି । ଯଦି ଏବେଠାରୁ ଏହାକୁ ନିୟନ୍ତ୍ରଣ କରା ନଯାଏ ଆଗକୁ ସ୍ଥିତି ଆହୁରି ଭୟଙ୍କର ହେବ । ଏପରିକି ୨୦୪୯ ସୁଦ୍ଧା ବିଶ୍ୱ ଅର୍ଥନୀତିକୁ ଏଥିପାଇଁ ବାର୍ଷିକ ୩୮ ଲକ୍ଷ କୋଟି ଡଲାରର କ୍ଷତି ସହିବାକୁ ପଡ଼ିବ । ଜଳବାୟୁ ପରିବର୍ତ୍ତନ ଅତ୍ୟଧିକ ମାତ୍ରାରେ ହେଉଥିବାରୁ ଫସଲ ଅମଳ ପ୍ରଭାବିତ ହେଉଛି । ଶ୍ରମିକମାନଙ୍କ ଉତ୍ପାଦକତା କମୁଛି ଏବଂ ଭିତ୍ତିଭୂମି ମଧ୍ୟ ନଷ୍ଟ ହେଉଛି ବୋଲି ଜର୍ମାନୀର ପଟ୍ସଡ୍ୟାମ ଇନ୍‌ଷ୍ଟିଚ୍ୟୁଟ୍ ଫର୍ କ୍ଲାଇମେଟ୍ ଇମ୍ପାକ୍ଟ ରିସର୍ଚ୍ଚ (ପିଆଇକେ)ପକ୍ଷରୁ କୁହାଯାଇଛି । ବିଶ୍ୱର ୧୬୦୦ରୁ ଅଧିକ ଅଞ୍ଚଳରୁ ଗତ ୪୦ ବର୍ଷର ତଥ୍ୟ ସଂଗ୍ରହ କରି ଭବିଷ୍ୟତ ସଂପର୍କରେ ଉକ୍ତ ସଂସ୍ଥାର ବୈଜ୍ଞାନିକମାନେ ଏଭଳି ଭୟଙ୍କର ପୂର୍ବାନୁମାନ କରିଛନ୍ତି । ଜଳବାୟୁ ପରିବର୍ତ୍ତନ କାରଣରୁ ଚଳିତ ଶତାବ୍ଦୀର ମଧ୍ୟଭାଗ ସୁଦ୍ଧା ବିଶ୍ୱରେ ଲୋକମାନଙ୍କ ହାରାହାରି ଆୟ ୧୯ ପ୍ରତିଶତ କମିଯିବ ବୋଲି ନେଚର ପତ୍ରିକାରେ ପ୍ରକାଶିତ ରିପୋର୍ଟରେ କୁହାଯାଇଛି । ଜଳବାୟୁ ପରିବର୍ତ୍ତନ ପ୍ରାୟ ସବୁ ଦେଶରେ ଆସନ୍ତା ୨୫ ବର୍ଷରେ ବଡ଼ଧରଣର ଅର୍ଥନୈତିକ କ୍ଷତି ପହଞ୍ଚାଇବ ବୋଲି ଉକ୍ତ ଅନୁଧ୍ୟାନର ନେତୃତ୍ୱ ନେଇଥିବା ବୈଜ୍ଞାନିକ ଲିଓନି ୱେଞ୍ଜ ଏକ ବିବୃତିରେ କହିଛନ୍ତି । ନିର୍ଗମନକୁ ବହୁମାତ୍ରାରେ ତୁରନ୍ତ ଆମକୁ ହ୍ରାସ କରିବାକୁ ପଡ଼ିବ । ଯଦି ଏହା କରା ନଯାଏ ଚଳିତ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଅର୍ଥନୈତିକ କ୍ଷତି ଆହୁରି ଅଧିକ ହେବ । ୨୧୦୦ ମସିହା ସୁଦ୍ଧା ଅର୍ଥନୈତିକ କ୍ଷତି ବିଶ୍ୱ ହାରାହାରିର ୬୦ ପ୍ରତିଶତ ପର୍ଯ୍ୟନ୍ତ ପହଞ୍ଚି ଯାଇପାରେ । ମାନବକୃତ ସବୁଜଗୃହ ଗ୍ୟାସ ନିର୍ଗମନ ବିଶ୍ୱକୁ ପ୍ରାକ୍ ଶିଳ୍ପାୟନ ଯୁଗ ତୁଳନାରେ ପ୍ରାୟ ୧.୧ ଡିଗ୍ରି ଉତ୍ତପ୍ତ କରିଦେଇଛି । ଏଥିଯୋଗୁ ଗତ ୩୦ ବର୍ଷ ମଧ୍ୟରେ ପ୍ରାକୃତିକ ବିପର୍ଯ୍ୟୟ ଜନିତ କ୍ଷତି ୭ ଲକ୍ଷ କୋଟି ଡଲାରରେ ପହଞ୍ଚିଛି । ଜଳବାୟୁ ପରିବର୍ତ୍ତନ ଜନିତ କ୍ଷୟକ୍ଷତି ବଢୁଛି । ଏଥିଯୋଗୁ ୨୦୧୬ ମସିହାରୁ ବାର୍ଷିକ ହାରାହାରି ୫୦,୦୦୦ କୋଟି ଡଲାରର କ୍ଷତି (ଆମେରିକା ଜିଡିପିର ୨ ପ୍ରତିଶତ) ହେଉଛି । ବିଶ୍ୱତାପନ ପ୍ରତି ବିକାଶଶୀଳ ଦେଶଗୁଡ଼ିକର ଯୋଗଦାନ ଅପେକ୍ଷାକୃତ କମ୍ ରହିଥିଲେ ମଧ୍ୟ ସେମାନେ ଅଧିକ କ୍ଷତି ସହୁଛନ୍ତି । ଗବେଷକମାନେ ମତ ରଖିଛନ୍ତି ଯେ ନିର୍ଗମନକୁ ହ୍ରାସ କରିବା ଏବଂ ଚଳିତ ଶତାବ୍ଦୀ ଶେଷ ସୁଦ୍ଧା ବିଶ୍ୱ ତାପନକୁ ୨ ଡିଗ୍ରି ମଧ୍ୟରେ ସୀମିତ ରଖିବା ଦ୍ୱାରା ଜଳବାୟୁ ପରିବର୍ତ୍ତିତଜନିତ କ୍ଷୟକ୍ଷତିକୁ ସବୁଠୁ ଅଳ୍ପ ମୂଲ୍ୟରେ ରୋକାଯାଇ ପାରିବ । ଜଳବାୟୁ ପରିବର୍ତ୍ତନ ପାଇଁ ସର୍ବନିମ୍ନ ଦାୟୀ ଦେଶଗୁଡ଼ିକ ଉଚ୍ଚ ଆୟକାରୀ ଦେଶମାନଙ୍କ ତୁଳନାରେ ୬୦% ଅଧିକ କ୍ଷତି ସହିବେ ବୋଲି ଆକଳନ କରାଯାଇଛି । ଅନୁଧ୍ୟାନରେ ଦକ୍ଷିଣ ଏସିଆ ଏବଂ ଆଫ୍ରିକା ସଂପର୍କରେ କୁହାଯାଇଛି ଯେ ଏସବୁ ଅଞ୍ଚଳରେ ୨୦୫୦ ବେଳକୁ ହାରାହାରି ଆୟରେ ପ୍ରାୟ ୨୨ ପ୍ରତିଶତ କ୍ଷତି ସହିବାକୁ ହେବ । ପିଆଇକେର ବୈଜ୍ଞାନିକ ମାକ୍ସିମିଲିଆନ କହିଛନ୍ତି, ଅତୀତର ନିର୍ଗମନ କାରଣରୁ ୨୦୨୯ ସୁଦ୍ଧା ବିଶ୍ୱରେ ହାରାହାରି ଆୟ ୧୯ ପ୍ରତିଶତ ହ୍ରାସ ପାଇବ, ଯାହାକି ବିଶ୍ୱ ଜିଡିପି ତୁଳନାରେ ଦେଖିଲେ ୧୭ ପ୍ରତିଶତ । ଜଳବାୟୁ ପରିବର୍ତ୍ତନ ଜନିତ ଅର୍ଥନୈତିକ କ୍ଷତି ପ୍ରଭାବରୁ ଜର୍ମାନୀ, ଫ୍ରାନ୍ସ ଓ ଆମେରିକା ଭଳି ବିକଶିତ ଦେଶ ମଧ୍ୟ ବାଦ ପଡ଼ିବେ ନାହିଁ ବୋଲି ଲିଓନି ୱେଞ୍ଜ୍ କହିଛନ୍ତି ।

# ବଧୂ ବିଦେଶିନୀ-୨୬

## କଳିଙ୍ଗ ଓ ଯବଦେଶ (ଜାଭା) ବିଷୟକ ଇତିହାସ ଓ କଳ୍ପନା ମିଶ୍ରିତ ଉପନ୍ୟାସ

## ୪୦-ମୋ ଦ୍ୱିତୀୟ ପତ୍ର ଉଦୟନଙ୍କୁ ପ୍ରଦାନ ଓ ସୁହାସୀର ବାକ୍ୟବାଣ



ଦୁର୍ଗାଚରଣ ସାହୁ
ଆଇଏଏସ୍, (ଅବସରପ୍ରାପ୍ତ)
ବିଜେବି ନଗର,
ଭୁବନେଶ୍ୱର
ମୋ : ୮୯୮୪୬୫୫୩୦୩

(ପୂର୍ବ ପ୍ରକାଶିତ ଉତ୍ତାରୁ)

କୌଣସି ପ୍ରେମବିବାହ ସଂଘଟିତ ହେବା ସ୍ଥଳରେ ଯଦି ଅନାୟାସରେ ପ୍ରେମିକ-ପ୍ରେମିକା ତଥା ସେମାନଙ୍କ ପରିବାର ତ୍ୱରିତ ସମ୍ମତ ହୋଇ ଯାଇଥାନ୍ତି ସେ ବିବାହର ମାଧୁର୍ଯ୍ୟ ସେତେଟା ନଥାଏ, ଯେପରି ସେ ସମ୍ମତି ବହୁ ବାଧାବିଘ୍ନ ଦେଇ ଗତିକରି ସର୍ବ ଶେଷରେ ରୋମାଞ୍ଚକର ବିବାହରେ ପରିଣତ ହୋଇଥାଏ । ଏହା ହେଉଛି ମୋର ନିଜର ଅନୁଭୂତି । ଆଜି ମୁଁ (ରାଜକୁମାରୀ କଲ୍ଲୋଳିନୀ) ଜୀବନର ଶେଷ ସୋପାନରେ । କିନ୍ତୁ ଏସବୁ ମନେ ପକାଇଲେ ମୋର ଏବେ ମଧ୍ୟ ରୋମାଞ୍ଚ ଆସିଯାଇଥାଏ । ଏ ପ୍ରେମରେ ମୁଁ ଗଭୀର ପୀଡିତା ହେଲି ଓ ପରିଣାମ ବିଷୟରେ ଆଶାଶୂନ୍ୟ ହୋଇ କଷ୍ଟକର ସ୍ଥିତିରେ ମୁଁ ଥିଲି । ଯଦି ଏପରି ମୁଁ ଏକାକୀ ରହି ମାନସିକ ଯନ୍ତ୍ରଣା ଲାଭ କରୁଥାନ୍ତି, ମୋର ଭବିଷ୍ୟତ କ'ଣ ଯେ ହୋଇଥାନ୍ତା, ଆଜି ମୁଁ ଚିନ୍ତା କଲେ ଭୟଭୀତ ହୋଇଯାଉଛି । କିନ୍ତୁ ଏ ସବୁରୁ ଉଦ୍ଧାର ପାଇଗଲି, କାରଣ ମୋ ସାଙ୍ଗରେ ଥିଲା ମୋ ସଖୀ ସୁହାସିନୀ ଯାହାର ବିକଳ୍ପ ସେ ପରିସ୍ଥିତିରେ କିଛି ହିଁ ନ ଥିଲା । ତେଣୁ ଏ ସବୁରେ ସଖୀର ପ୍ରଧାନ ଭୂମିକା ବିଷୟ ଦୁଇ ପଦ ନ କହି ରହିପାରୁନାହିଁ ।

ସୁହାସିନୀ, ମୋ ବାଲ୍ୟକାଳରୁ ଥିଲା ସହପାଠିନୀ ଓ ଅନ୍ତରଙ୍ଗ ସଂଗିନୀ । ଆମ୍ଭେ ଉଭୟେ ମନେ କରୁଛୁ ଯେ, ଆମ୍ଭର ଏକ ମନ ଓ ଏକ ହୃଦୟ । ତା' ପିତା ଆମ ଯବଦେଶର ମହାବୀର ପରାକ୍ରମୀ ସେନାପତି ବୀରସେନ । ବର୍ତ୍ତମାନ ସୁହାସୀ ଯେପରି ମୋ କାର୍ଯ୍ୟ ନିର୍ବାହ କରୁଛି, ତାକୁ ଦେଖିଲା ପରେ ମନେ ହୁଏ ଯେ ସେ ତା' ପିତାଙ୍କ ଠାରୁ ଅଧିକ ବୀରତ୍ୱର ଅଧିକାରିଣୀ । ସେ କିପରି ମୋର ମାନସିକ ସ୍ଥିତିକୁ ନିମ୍ନଗାମୀ ହେବାରୁ ଉଠାଇ ଆଣି ଉଚ୍ଚଗାମୀ କରିଦେଲା ଓ ଲକ୍ଷ୍ୟ କରାଗତ କରିବାରେ ପଦକ୍ଷେପ ନେଲା, ସେ ବିଷୟରେ ତ ଅଳ୍ପ କିଛିଟା ବର୍ତ୍ତମାନ ମୁଁ ବଖାଣିଛି । କିନ୍ତୁ ଆଗକୁ ଅଛି ତାକୁ ଅନେକ କିଛି କରିବାକୁ । ସେ ସବୁ ମୁଁ ଧୀରେ ଧୀରେ ଜଣାଇବି । ବର୍ତ୍ତମାନ ସ୍ଥିତିରେ କେବଳ ଉଦୟନଙ୍କୁ ମୋ ପତ୍ର ଦେବା ଓ ସେ ସମୟରେ ବାକ୍ୟବାଣ ଛାଡି ତାକୁ ମନୋବଳ ପ୍ରଦାନ କରି ତାଙ୍କର ସମ୍ମତି ଆଣିବାରେ ସହାୟକ ହେବାରେ ସୁହାସୀର ଗୁରୁତ୍ୱପୂର୍ଣ୍ଣ ବିଷୟରେ ସୂଚନା ଦେଉଅଛି ।

ମଂଜୁଳା ଘରରୁ ଆସିଲା ପରେ ବିଦ୍ୟାପୀଠରେ ଶିକ୍ଷାଗ୍ରହଣ କରିବାକୁ ଯିବାରୁ ପ୍ରଥମ ଦୁଇଦିନ ଗୁପ୍ତଭାବେ ଉଦୟନଙ୍କୁ ମୋ ପତ୍ର କଥା ହୋଇ ଦେବାକୁ ସୁହାସୀକୁ ସୁଯୋଗ ମିଳିଲା ନାହିଁ । କିନ୍ତୁ ତୃତୀୟ ଦିନ ଆମ୍ଭେ ଶିକ୍ଷାଦାନ କକ୍ଷକୁ ଯିବାବେଳେ ବାହାରରେ ଦେଖିଲୁ ଯେ ଉଦୟନ ଆମ୍ଭର କିଛି ଆଗରେ ଅଛନ୍ତି । କିନ୍ତୁ ଆଉ ଅନେକ ସହପାଠୀ ମଧ୍ୟ ତାଙ୍କ ଓ ଆମ୍ଭର ଆଗରେ ଓ ପଛରେ ଅଛନ୍ତି । ଏ ସମୟରେ ସୁହାସୀ କହିବାରୁ ମୁଁ ଅଳ୍ପ କିଛି ବେଗ ବୃଦ୍ଧି କରି ହସି ଦେଇ ଉଦୟନଙ୍କୁ ଅତିକ୍ରମ କରି ଆଗକୁ କିଛି ନ ଜାଣିଲା ପରି ଚାଲିଗଲି । ସୁହାସୀ ମୋ ଠିକ୍ ପଛରେ ରହି ତା'ପରେ ଯେତେବେଳେ ତାଙ୍କୁ ଅତିକ୍ରମ କଲା, ସେତେବେଳେ ତତ୍‌କ୍ଷଣାତ୍ ଉଦୟନଙ୍କୁ ମୋର ପତ୍ରଟି ତାହାର ପୁସ୍ତକମାନଙ୍କ ମଧ୍ୟରୁ ବାହାର କରି ଦେଖାଇ ଦେଇକରି ସଂକେତରେ ଜଣାଇଦେଲା ଯେ 'ତୁମକୁ ଏ ପତ୍ରଟି ଦେବାର ଅଛି' । ତା'ପରେ ଆମ୍ଭେ ସମସ୍ତେ ଆସି କକ୍ଷରେ ଯୋଗଦାନ କଲୁ ।

ତା'ପରେ ଅପରାହ୍ନରେ ଶିକ୍ଷାଗ୍ରହଣ ଶେଷ ହେଲା ଓ ସେଠାରୁ ପ୍ରସ୍ଥାନ କରିବାରେ ଲାଗିଲୁ । ଆମ୍ଭେ ଦେଖିଲୁ ଯେ ବୋଧହୁଏ ଜାଣି ଜାଣି ଉଦୟନ ଆମ ପରି ମଧ୍ୟ ସମସ୍ତଙ୍କ ପଛରେ ରହୁଛନ୍ତି । ଏ ସୁଯୋଗ ନେଇ ମୁଁ ଶୀଘ୍ର ଆଗକୁ ଚାଲିଗଲି ଓ ସୁହାସୀ ଟିକିଏ ବିଳମ୍ବ କରି ଆସି ଧୀର ଗତିରେ ଚାଲୁଥିବା ଉଦୟନଙ୍କୁ ଅତିକ୍ରମ କରିବା ସମୟରେ ତାଙ୍କ ମୁଖକୁ ନ ଚାହିଁ କହି ଦେଲା, "ବଟ ନିମ୍ନ ସାୟମ୍" । ଏତଦ୍ୱାରା ଉଦୟନ ସୁହାସୀର ସଂକେତ ପାଇଗଲେ ଯେ " ବାହାରରେ ରହିଥିବା ବଟ (ବରଗଛ) ମୂଳକୁ ଆଜି ସଂଧ୍ୟାକୁ ଆସିଯାଅ'' । ଏହା ପରେ ସୁହାସୀ କକ୍ଷରୁ ବାହାରି ଆସି ମୋ ସହିତ ମିଳି ଆମ ଆବାସକୁ ଆସିଗଲା । ଦୁହେଁ ହସି ହସି ଏ ବିଷୟରେ ବାର୍ତ୍ତାଳାପ କଲୁ ।

ଅଂଶୁମାଳୀ (ସୂର୍ଯ୍ୟ) ଅସ୍ତ ହୋଇଗଲେ । ସଂଧ୍ୟାଦେବୀ ଧରାପୃଷ୍ଠରେ ଅବତୀର୍ଣ୍ଣ ହୋଇଗଲେ । ମୁଁ ସୁହାସୀକୁ କହିଲି, "ବର୍ତ୍ତମାନ ସମୟ ଆଗତ । ତୁ ଶୀଘ୍ର କାର୍ଯ୍ୟ ସଂପାଦନ ନିମିତ୍ତ ଯାଆ" । ସୁହାସୀ ହସି କରି ଉତ୍ତର ଦେଲା, " ତୁ ବ୍ୟଗ୍ର ହୁଅନାହିଁ । ପ୍ରେମିକର ମୁଁ ଉତ୍ସୁକତା ଟିକିଏ ବଢାଇ ଦେଉଛି । ଏ କିଛି ସମୟ ପ୍ରତୀକ୍ଷା କରନ୍ତୁ । ତା' ପରେ ଯାଇ ତାଙ୍କୁ ଏପରି ବାଣ ମାରିବି ଯେ ସେ ହୃଦୟ ଦମ୍ଭ କରି ତୋ' ପ୍ରେମ ପ୍ରାପ୍ତିପାଇଁ ଅଗ୍ରସର ହୋଇଯିବେ" । ତାକୁ କହିଲି, " ତୁ ଚତୁରୀ । ଯାହା ଉତ୍ତମ ତାହା କରେ । କିନ୍ତୁ ଅଧିକ କିଛି ବାଣ ମାରିଦିଏ ନାହିଁ ଯେ ସେ ଆହତ ହୋଇ ବିପରୀତ ଗତି କରିବେ ।'' ସେ କହିଲା, ''ତୁ ଦେଖିଥାଆ, କ'ଣ କ'ଣ ହୋଇ ଯାଉଛି ।" ତାପରେ ସେ କିଛି ବିଳମ୍ବ କରି ଅନ୍ଧକାରାଚ୍ଛନ୍ନ ବଟବୃକ୍ଷ ମୂଳକୁ ଗଲା ।

ସେଠାକୁ ସୁହାସୀ ଅପେକ୍ଷାରତ ଉଦୟନଙ୍କୁ ଦେଖି ଅଭିବାଦନ କରି କହିଲା, "ସଖା, ମୋତେ କ୍ଷମା କର । ତୁମ୍ଭକୁ ବୋଧହୁଏ ବହୁ ସମୟ ପ୍ରତୀକ୍ଷା କରାଇ କଷ୍ଟ ଦେଲି ।" ଉଦୟନ ତତ୍‌କ୍ଷଣାତ୍ ଉତ୍ତର ଦେଲେ, "ନାହିଁ ସଖୀ, ଅଧିକ ସମୟ ପ୍ରତୀକ୍ଷାରତ ହୋଇନାହିଁ ।" ତା'ପରେ ମୋ ପତ୍ରଟି ତାଙ୍କୁ ପ୍ରଦାନ କରି କହିଲା, " ହେ ପୁରୁଷତୁଙ୍ଗ, ତୁମେ ମୋ ସଖୀର ପ୍ରେମରେ ପଡି ଅନେକ ପୀଡା ପାଉଛ । ତୁମର ପୌରୁଷକୁ ଉଜାଗର କର । ପ୍ରେମର ଲକ୍ଷ୍ୟସ୍ଥଳ ହେଉଛି ବିବାହ । ତା' ପଥରେ ଯେଉଁ ସବୁ ପ୍ରତିବଂଧକ ଅଛି ତାକୁ ଦମ୍ଭ ଧରି ଦୂର କର । ସେଥି ପାଇଁ ମୁଁ ଓ ମୋ ସଖୀ ତୁମ୍ଭ ସାଥିରେ ଅଛୁ । ଏହା ନିଶ୍ଚୟ ଫଳବତୀ ହେବ ।" ଇତ୍ୟାଦି, ଇତ୍ୟାଦି । ତା'ର ବାକ୍ୟବାଣରେ ଉଦୟନ ଅଭିଭୂତ ହୋଇଗଲେ । କହିଲେ, " ମୁଁ ସବୁ ବୁଝୁଛି । ତୁମ୍ଭ ପ୍ରୋତ୍ସାହନ ପାଇଁ ମୁଁ ଆଭାରୀ ଅଟେ । ମୁଁ ପତ୍ର ପାଠ କରି ରାଜକୁମାରୀଙ୍କୁ ନିଶ୍ଚୟ ଉପଯୁକ୍ତ ଉତ୍ତର ଦେବି । ପୁନଃ ତୁମ୍ଭକୁ ଧନ୍ୟବାଦ ଦେଉଅଛି ।" ତା'ପରେ ଉଭୟ ପରସ୍ପରକୁ ବିଦାୟ ଦେଇ ନିଜ ନିଜ ଗୃହକୁ ଆସିଲେ ।

ସୁହାସୀ ଗୃହକୁ ଆସି ମୋତେ ସବୁ କଥା ବିଶଦରେ ହସି ହସି କହି ଚାଲିଲା । ମୁଁ ତା'ର ବାକ୍ୟବାଣର କଥା ଶୁଣି ସୁହାସୀକୁ ଅନେକ ପ୍ରଶଂସା ବାକ୍ୟ କହିଲି । ମନେ ହେଲା ସତରେ ସୁହାସୀ ମୋ ସାଥିରେ ନ ଥିଲେ ମୋର ଅବସ୍ଥା କ'ଣ ହୋଇଥାଆନ୍ତା ? ଦୁହେଁ ସବୁ ନିୟମିତ କାର୍ଯ୍ୟ ଶେଷ କରି ଶୋଇବାକୁ ଗଲୁ ।

କିନ୍ତୁ ମୋତେ ନିଦ୍ରା ଆସିଲା ନାହିଁ । ସୁହାସୀ ଉଦୟନଙ୍କୁ ଯେଉଁ ବାକ୍ୟଗଣ ମାରିଥିଲା, ତାହାର ଶବ୍ଦାବଳୀ ଓ ବାକ୍ୟ ମୋ ମନରେ ବାରମ୍ବାର ଗୁଂଜିତ ହେଉଥିଲା । ତେଣୁ ସେ ସବୁକୁ ଏକ ସୁଂଦର କବିତାରେ ଲେଖି ଚାଲିଲି । ଲେଖା ସମାପ୍ତ ହେଲା । କବିତାର ପ୍ରତ୍ୟେକ ପଦର ପ୍ରତ୍ୟେକ ଅଂଶ 'ପ'ରେ ଆରମ୍ଭହୋଇ ତାକୁ ସାଇତି ରଖିଲି । ପରଦିନ ରାତିରେ ସୁହାସୀକୁ ଦେଖାଇଲି । ସେ ତାହାକୁ 'ଅତି ସୁଂଦର, ଅତି ସୁଂଦର' କହି ଅତି ଆନଂଦିତ ହୋଇ ମୋତେ କୁଣ୍ଢାଇ ପକାଇଲା । କହିଲା, " ସଖୀ, ମୁଁ ପଢୁଛି ତୋ କବିତାକୁ । ତୁ ଶୁଣ" । ସେ ପଢି ଚାଲିଲା ଅଭିନୟ କରି । ସେ କବିତାଟି ନିମ୍ନରେ ଦେଉଛି ।

ପୁରୁଷତୁଂଗ ହେ ପୁରୁଷ ଉତ୍ତମ
ପୌରୁଷ ପ୍ରକାଶ କର
ପ୍ରେମ ପଥ ଏ ଯେ ପର୍ଯ୍ୟାପ୍ତ କଠିନ
ପ୍ରାପ୍ତ ହେବ ଜୟକାର ।।
ପଢ ଏହି ପତ୍ର ପଠାଇଛି ସଖୀ
ପ୍ରଶ୍ନ ପ୍ରତ୍ୟୁତ୍ତର ତୁମ
ପ୍ରତିକାର ସର୍ବ ପ୍ରକାଶିଛି ତତ୍ର
ପୁଣି ଆଣ ନାହିଁ ଭ୍ରମ ।।
ପ୍ରଭୂତ ଜ୍ଞାନରେ ପୂର୍ଣ୍ଣ ତୁମ ମତି
ପରାସ୍ତ କିଏ କରିବ
ପ୍ରତୀଚୀ ଆକାଶ ପ୍ରାଚୀ ପାଲଟିବା
ପ୍ରକୃତରେ କି ସମ୍ଭବ ।।
ପିତାମାତା ଗୁରୁ ପ୍ରଥମ ଶିକ୍ଷକ
ପର ତାଙ୍କୁ ଯେ ନ ମଣ
ପ୍ରସନ୍ନ ଚିତ୍ତରେ ପ୍ରମାଣ ଆଧାରେ
ପ୍ରସ୍ତାବ କରିବେ ମାନ୍ୟ ।।
ପ୍ରେମ ହିଁ ପବିତ୍ର ପ୍ରେମ ହିଁ ଜୀବନ
ପ୍ରେମ ହିଁ ପରମ ତୃପ୍ତି
ପ୍ରେମ ପ୍ରାପ୍ତି ପାଇଁ ପରିଶ୍ରମ ଶ୍ରେୟ
ପରିତ୍ୟାଗି ଭୟ ଭିତ୍ତି ।।
ପ୍ରେମିକା ତୁମର ପୀରତି ଲାଳସେ
ପୀଡା ଲଭେ ତୁମ ପ୍ରାୟ
ପ୍ରସ୍ତର ହୃଦୟେ ପ୍ରଶ୍ରୟ ଦେଉନା
ପ୍ରଶମନର ଉପାୟ ।।
ପ୍ରଥମ ପାବଚ୍ଛେ ପ୍ରତିଶ୍ରୁତି ଦିଅ
ପ୍ରଣୟ କରିବ ତା'ରେ
ପ୍ରତିବନ୍ଧ ସବୁ ପ୍ରତିହତ ହେବ
ପରସ୍ପର ପ୍ରଚେଷ୍ଟାରେ ।।
ପାରିବ ନିଶ୍ଚୟ ପର୍ବତକୁ ଲଂଘି
ପ୍ରେମୀ ମିତ୍ର ଏହା ଜାଣ
ପ୍ରଦର୍ଶନ କର ପ୍ରତିବଦ୍ଧ ପ୍ରେମ
... ।। (ଲେଖକଙ୍କ "କାବ୍ୟ କଲ୍ଲୋଳିନୀ"ରୁ ଉଦ୍ଧୃତ)

**ଶବ୍ଦାର୍ଥ : ପଦ (୧)ରୁ (୫) : ପୁରୁଷତୁଙ୍ଗ**- ଶ୍ରେଷ୍ଠ ପୁରୁଷ । **ପର୍ଯ୍ୟାପ୍ତ**-ଅଧିକ । **ଜୟକାର**-ଜୟଲାଭ । **ପ୍ରତ୍ୟୁତ୍ତର**-ପ୍ରଶ୍ନର ଉତ୍ତର । **ପ୍ରଭୂତ**-ଯଥେଷ୍ଟ, ଅଧିକ । **ପ୍ରତୀଚୀ**-ପଶ୍ଚିମ ଦିଗ । **ପ୍ରାଚୀ**-ପୂର୍ବଦିଗ । **ପ୍ରମାଣ ଆଧାର**-ତୁମେ ପ୍ରମାଣ ଦେଲେ ତା'ର ଆଧାରରେ । **ପ୍ରସ୍ତାବ**-କଲ୍ଲୋଳିନୀକୁ ବିବାହ କରିବାପାଇଁ ଉଦୟନଙ୍କ ପ୍ରସ୍ତାବ । **ଶ୍ରେୟ**-ସବୁଠାରୁ ଭଲ । ଭୟ ଭିତ୍ତି-ଭୟ ।

**ପଦ (୬) :** ପ୍ରେମିକା ତୁମର ପ୍ରୀତି ଲାଳସାରେ (ଆଶାରେ) ତୁମେ ଯେପରି ପୀଡା ପାଉଛ ସେପରି ସେ ମଧ୍ୟ ପୀଡା ପାଉଛି । କିନ୍ତୁ ତୁମେ ପ୍ରସ୍ତର (ପଥର ପରି) ହୃଦୟରେ ପ୍ରଶମନର ଉପାୟ (ଯାହା ଭଲ ବା ଶାନ୍ତ ହେବାର ଉପାୟ)କୁ ପ୍ରଶ୍ରୟ (ଆଶ୍ରୟ) ଦେଉନାହିଁ ।

**ପଦ (୭ ଓ ୮) : ପାବଚ୍ଛ**-ପାହାଚ । **ପ୍ରଣୟ**-ପ୍ରେମ, ବିବାହ । **ପ୍ରତିବନ୍ଧ**-ବାଧା । **ପ୍ରତିହତ ହେବ**-ନିବାରଣ ହେବ, ଦୂର ହୋଇଯିବ । **ପ୍ରଚେଷ୍ଟା**-ଚେଷ୍ଟା । **ପ୍ରତିବଦ୍ଧ**-ବାନ୍ଧି ହୋଇ ରହିଥିବା । **(କ୍ରମଶଃ)**

# ଦରଦୀ ଠାକୁର କାଳିଆ ଠାକୁର



ଆଶୁତୋଷ ନାୟକ
ଗୋପାଳପୁର, ବାଲେଶ୍ୱର,
ମୋ-୭୦୨୦୬୧୧୩୦୦

ଏ ବିଶ୍ୱ ବ୍ରହ୍ମାଣ୍ଡରେ ମନୁଷ୍ୟ ସର୍ବଶ୍ରେଷ୍ଠ ପ୍ରାଣୀ । ଆମ ହିନ୍ଦୁ ଶାସ୍ତ୍ରରେ ଏହା ବର୍ଣ୍ଣିତ ଅଛିଯେ ମନୁଷ୍ୟ ଜୀବନ ଅତି ଦୁର୍ଲଭ କାରଣ ଏହା ବିଶ୍ୱାସ କରାଯାଏ ଅନେକ ତପସ୍ୟା ଏବଂ ପୁଣ୍ୟ ବଳରେ ଏହି ଦୁର୍ଲଭ ମନୁଷ୍ୟ ଜନ୍ମ ମିଳିଥାଏ । ବିଶ୍ୱର ଅନେକ ପ୍ରସିଦ୍ଧ ବୈଜ୍ଞାନିକଙ୍କ ଆକଳନ ଅନୁଯାଇ ୧୮ ଲକ୍ଷ ପ୍ରଜାତିର ଜୀବଙ୍କ ମଧ୍ୟରୁ ମନୁଷ୍ୟ ସର୍ବଶେଷ୍ଠ,ସର୍ବଶକ୍ତିମାନ, ବିଚକ୍ଷଣ ବୁଦ୍ଧି ସମ୍ପନ ପ୍ରାଣୀ । ସେଥିପାଇଁ ଶ୍ରୀମଦଭାଗବତମଂ ୭/ ୬/୨ ରେ ଏହା ବର୍ଣ୍ଣିତ ଅଛି,

'କୌମାର ଆଚରେତ ପ୍ରାଜ୍ଞ
ଧର୍ମାନ ଭାଗବତାନିହ ।
ଦୁର୍ଲଭଂ ମାନୁଷଂ ଜନ୍ମ ତଦପ୍ୟ
ଧ୍ରୁବମର୍ଥଦମ୍ ।'

ପରମ ଶାସ୍ତ୍ର ଭାଗବତରେ ଏହା ବର୍ଣ୍ଣିତ ରହିଛି ୮୪ଲକ୍ଷ ଜନ୍ମ ପରେ ଦୁର୍ଲଭ ମନୁଷ୍ୟ ଜନ୍ମ ମିଳିଥାଏ । ସେଥିପାଇଁ କୁହାଯାଇଛି ବାଲ୍ୟକାଳରୁ ମନୁଷ୍ୟକୁ ଈଶ୍ୱରଙ୍କ ଆଶ୍ରିତ ହେବା ଅତ୍ୟନ୍ତ ଆବଶ୍ୟକ କାରଣ ଏହି ଦୁର୍ଲଭ ମନୁଷ୍ୟ ଜନ୍ମ କ୍ଷଣିକ ଏବଂ ପରମାର୍ଥ ପ୍ରଦାନ କରିବାରେ ସମର୍ଥ । ଏ ବିଶ୍ୱବ୍ରହ୍ମାଣ୍ଡରେ ଦେଖାଯାଉଥିବା ସମସ୍ତ ସୁନ୍ଦର ବସ୍ତୁ ବଡ଼ ବଡ଼ ଅଟ୍ଟାଳିକାଠାରୁ ଆରମ୍ଭ କରି ନଦୀ ପୁଷ୍କରିଣୀ ଅରଣ୍ୟ ସାଗର ପ୍ରଯ୍ୟନ୍ତ ସବୁଦିନ ମାଟିରେ ମିଶିବ । ଯାହାର ସୃଷ୍ଟି ହୋଇଛି ତାହାର ଧ୍ୱଂସ ସୁନିଶ୍ଚିତ ସେ ସଜୀବ ହୁଅନ୍ତୁ କିମ୍ବା ନିର୍ଜୀବ । ଏହା ଚିରନ୍ତନ ସତ୍ୟ । ମନୁଷ୍ୟ ଜୀବନ ମଧ୍ୟ କ୍ଷଣସ୍ଥାୟୀ । ପାଣି ଫୋଟକା ପରି ମନୁଷ୍ୟ ର ଆୟୁଷ ମଧ୍ୟ ଅତି ସଂକ୍ଷିପ୍ତ । ଏ ବିଶ୍ୱବ୍ରହ୍ମାଣ୍ଡର ସ୍ୱାମୀ ଈଶ୍ୱରଙ୍କ ସବୁଠାରୁ ଶ୍ରେଷ୍ଠ ସଂରଚନା ହେଉଛି ମନୁଷ୍ୟ । ଲକ୍ଷ ଲକ୍ଷ ଜୀବଜନ୍ତୁଙ୍କ ମଧ୍ୟରେ ଶ୍ରେଷ୍ଠଜୀବ ମନୁଷ୍ୟ । ନିଜର ବୁଦ୍ଧି ଓ ବିବେକ ପାଇଁ ଶ୍ରେଷ୍ଠତ୍ୱର ଆସନ ଅଳଂକୃତ କରିଛି ମନୁଷ୍ୟ । ଶାସ୍ତ୍ରରେ ଏହା ବର୍ଣ୍ଣନା କରାଯାଇଛି କି କେତେ ଜନ୍ମର ତପସ୍ୟା ଓ ପୁଣ୍ୟ ବଳରେ ଏହି ମନୁଷ୍ୟ ଜନ୍ମ ପ୍ରାପ୍ତି ହୁଏ । ଏହି ମନୁଷ୍ୟ ଜୀବନ ଅତ୍ୟନ୍ତ ଦୁର୍ଲଭ । ସେଥିପାଇଁ ମନୁଷ୍ୟ ମଧ୍ୟରେ ସ୍ନେହ, ପ୍ରେମ, ଦୟା, ମାନବିକତା, ପରୋପକାରିତା ଭଳି ସୁଗୁଣ ରହିବା ଅତ୍ୟନ୍ତ ଆବଶ୍ୟକ ତାହେଲେ ଯାଇ ଏ ମନୁଷ୍ୟ ଜୀବନ ସାର୍ଥକ ହେବ ।

କିନ୍ତୁ ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଏହିକି ବିଶ୍ୱର ଶ୍ରେଷ୍ଠ ଜୀବ ବୋଲି ଡିଣ୍ଡିମ ପିଟୁଥିବା ମନୁଷ୍ୟ ଅନେକ କ୍ଷେତ୍ରରେ ମାନବିକତା ଶୂନ୍ୟ ଏବଂ ସମ୍ବେଦନହୀନତାର ପରିଚୟ ଦେଇ ସମଗ୍ର ମାନବ ଜାତିକୁ କଳଙ୍କିତ କରିଛି । ଏପରି ଅନେକ ଦୃଷ୍ଟାନ୍ତ ରହିଛି । ଏକବିଂଶ ଶତାବ୍ଦୀର ଅର୍ଥସର୍ବସ୍ୱ ସ୍ୱାର୍ଥପର ମନୁଷ୍ୟ ପାଇଁ ଅର୍ଥ ସବୁକିଛି ହୋଇପଡିଛି ତା ପାଖରେ ଦୟା, ମାନବିକତା, ପ୍ରେମ, ସ୍ନେହ, ମମତା, ଆବିଳତା ଯେପରି ମୂଲ୍ୟହୀନ ହୋଇପଡିଛି । ସାମାନ୍ୟ ଅର୍ଥ ଲାଳସାରେ ପୁଳା ପୁଳା ଟଙ୍କା ବାଟି ବାଟି ସମ୍ପତ୍ତି ଲୋଭରେ ଆମ ସମାଜରେ ଅନେକ ବ୍ୟକ୍ତି ଖାଦ୍ୟଦ୍ରବ୍ୟ ଟାରୁ ଆରମ୍ଭ କରି ଜୀବନ ରକ୍ଷାକାରୀ ମେଡ଼ିସିନ ପ୍ରଯ୍ୟନ୍ତ ବ୍ୟାପକ ଅପମିଶ୍ରଣ କରି ଅନେକ ନିରୀହ ବ୍ୟକ୍ତିଙ୍କ ଜୀବନକୁ ବିପଦରେ ପକାଉଛନ୍ତି ।

ଏପରି ଅନେକ ଦୃଷ୍ଟାନ୍ତ ଅଛି ଯେଉଁଠି ନିରୀହ ପଶୁପକ୍ଷୀ ତଥା ସରଳ ସାଧାରଣ ବ୍ୟକ୍ତିଙ୍କୁ ଅକଥନୀୟ ଅତ୍ୟାଚାର ସହିବାକୁ ପଡିଛି । ନିଜର ସ୍ୱାର୍ଥସାଧନ ପାଇଁ ଯେଉଁଠି କିଛି ସନ୍ତାନ, ସନ୍ତତି ନିଜର ଜନ୍ମ କଲା ବୃଦ୍ଧ ପିତାମାତାଙ୍କୁ ଜୀବନରେ ମାରିଦେବାକୁ ମଧ୍ୟ ତିଳେମାତ୍ର ପଛଘୁଞ୍ଚା ଦିଅନ୍ତି ନାହିଁ । ଏପରି ଅନେକ ଦୃଷ୍ଟାନ୍ତ ଅଛି ଯେଉଁଠି ନିରୀହ ପଶୁପକ୍ଷୀ ତଥା ସରଳ ସାଧାରଣ ବ୍ୟକ୍ତିଙ୍କୁ ଅକଥନୀୟ ଅତ୍ୟାଚାର ସହିବାକୁ ପଡିଛି । ଜନ୍ମ ଏବଂ ମୃତ୍ୟୁ ମନୁଷ୍ୟର ନିୟଂତ୍ରଣରେ ନଥାଏ । ଅନନ୍ତ କୋଟି ବ୍ରହ୍ମାଣ୍ଡ ନାୟକ ସୃଷ୍ଟିକର୍ତ୍ତା ଜଗତର ନାଥ ଜଗନ୍ନାଥଙ୍କ ନିର୍ଦ୍ଦେଶ ବିନା କୌଣସି କାର୍ଯ୍ୟ ହୋଇନଥାଏ । କିନ୍ତୁ ଅତ୍ୟନ୍ତ ଦୁଃଖ ଏବଂ ପରିତାପର ବିଷୟ ଏହିକି ଏକବିଂଶ ଶତାବ୍ଦୀର ଅହଙ୍କାରୀ ସ୍ୱାର୍ଥବାଦୀ ମନୁଷ୍ୟ କାମନା ବାସନା ଓ ମାୟାବନ୍ଧନରେ ଆବଦ୍ଧ ହୋଇ ଈଶ୍ୱରଙ୍କ ଅସିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ମୃତ୍ୟୁ କେତେବେଳେ କେଉଁ ରୂପରେ କାହା ମାଧ୍ୟମରେ ଆସିବ ତାହାକୁ କଳ୍ପନା କରିବା ମନୁଷ୍ୟ ପକ୍ଷରେ ଅସମ୍ଭବ । ତାହା କେବଳ ସୃଷ୍ଟିକର୍ତ୍ତା ପରମବ୍ରହ୍ମ ଅନାଥର ନାଥ କାଳିଆ ସାଆନ୍ତଙ୍କୁ ଜଣା ।

ବେଦ ଓ ଉପନିଷଦ କହେ ସନାତନ ହିନ୍ଦୁ ଧର୍ମ ସର୍ବପୁରାତନ ଓ ସର୍ବଶ୍ରେଷ୍ଠ । ମହାନ୍ ଦାର୍ଶନିକ ତଥା ମହାପୁରୁଷ ସ୍ୱାମୀ ବିବେକାନନ୍ଦ ହିନ୍ଦୁ ସନାତନ ଧର୍ମର ମୂଳମନ୍ତ୍ର ବସୁଧୈବ କୁଟୁମ୍ବକମ୍ ବାର୍ତ୍ତାକୁ ସାରା ବିଶ୍ୱରେ ପହଞ୍ଚାଇଥିଲେ ଏବଂ ସନାତନ ଧର୍ମର ପ୍ରକୃତ ଉଦ୍ଦେଶ୍ୟ ସରଳ ନିର୍ଭୁଲ ଓ ପ୍ରାଞ୍ଜଳ ଭାବରେ ତାର ବ୍ୟାଖ୍ୟା ଆମେରିକାର ଚିକାଗୋ ସହରରେ ନିଜର ଓଜସ୍ୱିନୀ ବକ୍ତୃତା ଦ୍ୱାରା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଚିକାଗୋର ଧର୍ମ ସମ୍ମିଳନୀରେ ସେ ସନାତନ ହିନ୍ଦୁଧର୍ମକୁ ସଠିକ ଭାବରେ ଉପସ୍ଥାପନ କରିଥିବାରୁ ଆମଦେଶ ଭାରତର ସଂସ୍କୃତି ଓ ପରମ୍ପରାର ମହାନତାର ଗାଥା ସାରା ବିଶ୍ୱ ପାଇଁ ଉଦାହରଣ ସୃଷ୍ଟି କରିଥିଲା ।

ଏକବିଂଶ ଶତାବ୍ଦୀର ସ୍ୱାର୍ଥବାଦୀ ମନୁଷ୍ୟ ଅହଂକାରରେ ବଶବର୍ତ୍ତୀ ହୋଇ ଅର୍ଥ ଏବଂ ପ୍ରାଚୁର୍ଯ୍ୟ ବଳରେ ଅନ୍ଧ ହୋଇ ନିଜକୁ ସର୍ବଶ୍ରେଷ୍ଠ, ସର୍ବଶକ୍ତିମାନ ମନେକରୁଛି । ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଏହିକି କଳିଯୁଗ ମନୁଷ୍ୟର ଔଦ୍ଧତ୍ୟ ଏବେ ଚରମସୀମାରେ । ଈଶ୍ୱରଙ୍କ ସୁନ୍ଦର ସୃଷ୍ଟି ପ୍ରକୃତିକୁ ଧ୍ୱଂସ କରିବାରେ ସେ ବ୍ୟଗ୍ର । ଅନେକ ଜଙ୍ଗଲ, ଗଛଲତାକୁ ମନୁଷ୍ୟ ନିଜର ସ୍ୱାର୍ଥ ପାଇଁ ଧ୍ୱଂସ କରିଦେଉଛି । ଏହାଛଡା ନିରୀହ ପଶୁ,ପକ୍ଷୀଙ୍କ ଉପରେ ସ୍ୱାର୍ଥବାଦୀ ମନୁଷ୍ୟ ନିଷ୍ଠୁରତା, ବର୍ବରତା ଆଚରଣ କରୁଛି । କେତେବେଳେ ସେମାନଙ୍କ ଉପରେ ଏସିଡ, ଗରମ ପାଣି ପକାଇଦଉଚି, ସେମାନଙ୍କ ଖାଉ ଥିବା ଖାଦ୍ୟରେ ବିଷ ମିଶାଇଦଉଚି ତ ଆଉ କେତେବେଳେ ସେମାନଙ୍କୁ ହତ୍ୟା କରି ସେମାନଙ୍କ ମାଂସ ଭକ୍ଷଣ କରୁଛି ।

ସତ୍ୟସନାତନ ହିନ୍ଦୁ ଧର୍ମ ଶାସ୍ତ୍ରରେ ଉଲ୍ଲେଖ ରହିଛି ବିଶ୍ୱର ଶକ୍ତିଶାଳୀ ରାଷ୍ଟ୍ର ଯେପରି ଆମେରିକା, ରୁଷ , ଜାପାନ, ଇଂଲଣ୍ଡ ମଧ୍ୟ ସନାତନ ହିନ୍ଦୁ ଧର୍ମକୁ ଯଥେଷ୍ଟ ସମ୍ମାନ କରନ୍ତି ଏବଂ ଏହାର ଉପାଦେୟତା ଓ ମହତ୍ତ୍ୱକୁ ବୁଝି ନିଜର ବ୍ୟସ୍ତବହୁଳ ଜୀବନକୁ ସରସ ସୁନ୍ଦର ଏବଂ ଶାନ୍ତିପୂର୍ଣ୍ଣ କରିବା ପାଇଁ ଯଥାସମ୍ଭବ ପ୍ରଚେଷ୍ଟା କରୁଛନ୍ତି । ସେଥିପାଇ କୁହାଯାଇଛି

' ସର୍ବ ପୁରାତନ ଧର୍ମ ସତ୍ୟରେ ସ୍ଥାପିତ, ସନାତନ ଧର୍ମ ନାମେ ବିଶ୍ୱରେ ବିଦିତ ।
ବେଦରେ ପର୍ଯ୍ୟବେଶିତ ଏହି ଆମ ଧର୍ମ, ସର୍ବଦା ବିକାଶଶୀଳ ବୈଜ୍ଞାନିକ ଧର୍ମ, ପୃଥିବୀର ସୃଷ୍ଟି ବେଳୁ ରହିଛି ଏକ ଧର୍ମ ଏବଂ ସୃଷ୍ଟି ନାଶ ଯାଏ ରହିବ ଏ ଧର୍ମ ।
ବହୁମତ ବହୁପଥ ମିଳିତ ଏଠାରେ, ସ୍ଥାପିତ ନୁହେଁ ଏ ଧର୍ମ ବ୍ୟକ୍ତି ବିଶେଷରେ ।
ବିନାଶ କରିବା ପାଇଁ ଏ ଧର୍ମ ଅସ୍ତିତ୍ୱ, ବିଧର୍ମୀ ଷଡ଼ଯନ୍ତ୍ରର ରହିଛି ଦୃଷ୍ଟାନ୍ତ, ସବୁ ଭୟ ପ୍ରଲୋଭନ କରି ପ୍ରତିହତ, ଆଜିବି ଏ ଧର୍ମ ଅଛି ଦିଗନ୍ତ ବିସ୍ତୃତ । ସତ୍ୟ ଓ ଅହିଂସା ମୂଳତତ୍ତ୍ୱ ଏ ଧର୍ମର, ଦୟା, କ୍ଷମା, ଦାନ, ପରୋପକାର ଚରିତ୍ର ହିନ୍ଦୁର । ଅହିଂସା ପରମ ଧର୍ମ ମାନିଥାଏ ହିନ୍ଦୁ । ଧର୍ମ, ଅହିଂସା ନୀତି ପାଳିଥାଏ ହିନ୍ଦୁ । ଭାଗବତ ଗୀତା ହିନ୍ଦୁ ଜୀବନ ଆଦର୍ଶ । ତହିଁରେ ରହିଛି ସବୁ ଜ୍ଞାନର ନିଷ୍କର୍ଷ । ଋକ,ସାମ, ଯଜୁ ଏବଂ ଅଥର୍ବ ଯେ ବେଦ, କୋଟି ବ୍ରହ୍ମାଣ୍ଡର ଜ୍ଞାନ ତହିଁ ଲିପିବଦ୍ଧ । ଅନେକ ପରମ୍ପରା ଓ ଦର୍ଶନ ନୀତି,ନିୟମ ଆଦର୍ଶ ର ମେଳ, ସନାତନ ଧର୍ମ ଏହାଥିବ ଚିରକାଳ ।'

ଇତିହାସରୁ ଜଣାଯାଏ ଯେ ଶ୍ରୀମନ୍ଦିର ଉପରେ ସମୁଦାୟ ଅଠରଥର ଆକ୍ରମଣ ହୋଇଥିଲା । ଏଥିମଧ୍ୟରୁ ପାଞ୍ଚଥର ଆକ୍ରମଣର ସବିଶେଷ ବିବରଣୀ ଗବେଷଣା ହୋଇ ଆଲୋଚନା ପରିସରକୁ ଆସିନାହିଁ । ତେରଥର ଆକ୍ରମଣ କାଳରେ ମହାପ୍ରଭୁ ଶ୍ରୀମନ୍ଦିର ରତ୍ନବେଦିରୁ ଯାଇ ଓଡ଼ିଶାର ବିଭିନ୍ନ ସ୍ଥାନକୁ ୨୧ ଥର ସ୍ଥାନାନ୍ତର ହୋଇଛି । ସେଥିମଧ୍ୟରୁ ଦୁଇଥର ଶ୍ରୀକ୍ଷେତ୍ର ଭିତରେ ଲୀଳା ହୋଇଥିବା ବେଳେ ଶ୍ରୀକ୍ଷେତ୍ର ବାହାରେ ଉଣେଇଶ ଥର ସ୍ଥାନାନ୍ତର ହୋଇ ଲୀଳା କରିଛନ୍ତି । ଚିଲିକାର ଗୁରୁବାଇଗଡ଼ ଓ ବାଣପୁର ତହସିଲର ନଇରୀଗ୍ରାମର ହରେଶ୍ୱର ମଣ୍ଡପକୁ ଦୁଇ ଦୁଇ ଥର ବିଜେ କରି ଲୀଳା କରିଥିଲେ । ମହାପ୍ରଭୁ ସମୁଦାୟ ଦୁଇଥର ପାତାଳୀ ଲୀଳା କରିଛନ୍ତି । ଥରେ ସୋନପୁରଠାରେ ଓ ୧୫୬୮ ମସିହାରେ କଳାପାହାଡ଼ ଆକ୍ରମଣରେ ଚିଲିକାର ହାତୀପଡ଼ାଠାରେ ମହାପ୍ରଭୁଙ୍କର ପାତାଳୀଲୀଳା ହୋଇଥିଲା । ଦୁଇଥର ମହାପ୍ରଭୁ ବ୍ରହ୍ମଲୀଳା କରିଛନ୍ତି । ଏହାଥିଲା ମହାପ୍ରଭୁଙ୍କର ଅଭିନବ ବ୍ରହ୍ମଲୀଳା । ନଷ୍ଟ ହେଇଯାଉ ଦାରୁ ବିଗ୍ରହ, କିନ୍ତୁ ବ୍ରହ୍ମ ସୁରକ୍ଷିତ ଥାଆନ୍ତୁ । ଏ ଜାତିର 'ବିଶ୍ୱାସ' ଟିକକ ହସ୍ତାନ୍ତର ହୋଇ ନଯାଉ କି ମନୋବଳ ଭାଙ୍ଗି ଚୁରମାର ହୋଇ ନଯାଉ । ସେହି ବିଶ୍ୱାସରେ ବ୍ରହ୍ମଲୀଳା ସମ୍ପନ୍ନ ହୋଇଥିଲା । ପ୍ରଥମ ବ୍ରହ୍ମଲୀଳା ବିଶର ମହାନ୍ତିଙ୍କଦ୍ୱାରା ହୋଇଥିଲା । ଦ୍ୱିତୀୟ ବାର ବ୍ରହ୍ମଲୀଳା ୧୬୨୨ ମସିହାରେ ମିର୍ଜା ଅହମ୍ମଦ ବେଗ ସମୟରେ ହୋଇଥିଲା । ଖୁବ ଗୋପନରେ ଗଜପତିଙ୍କ ପରାମର୍ଶରେ ସେବକମାନେ ଖୋର୍ଦ୍ଧା ଜିଲାର ଗଡ଼ମାଣତ୍ରୀରେ ବ୍ରହ୍ମଲୀଳା କରେଇଥିଲେ । ୧୭୩୧ ମସିହାରେ ଶ୍ରୀମନ୍ଦିର ଉପରେ ତକି ଖାଁ ଦ୍ୱିତୀୟବାର ଆକ୍ରମଣ କରିଥିଲେ । ସେତିକିବେଳେ ମହାପ୍ରଭୁଙ୍କୁ ଭାର୍ଗବୀ ନଦୀର ଦୋବନ୍ଧା ପେଣ୍ଠରୁ ବଡ଼ ପରୀକ୍ଷା ପରମାନନ୍ଦ କୁଅଁର ମହାପାତ୍ର ଓ ସାନ ପରୀକ୍ଷା ବିଷ୍ଣୁ ପଶ୍ଚିମ କବାଟ ଚିଲିକା ବାଟଦେଇ ନଇରୀ ଗ୍ରାମର ମଣ୍ଡପରେ ଗୋପନରେ ବିଜେ କରାଇଥିଲେ । ଶ୍ରୀମନ୍ଦିର ଉପରେ ପ୍ରଥମେ ୬୭୦ ମସିହାରେ ଆକ୍ରମଣ ହୋଇଥିଲା । ଏହା ୧୭୩୩ ମସିହା ପର୍ଯ୍ୟନ୍ତ ଚାଲିଥିଲା । ଏହି ସମୟ ମଧ୍ୟରେ ହାରାହାରି ୨୫୦ ବର୍ଷରୁ ଅଧିକ ସମୟ ମହାପ୍ରଭୁ ଶ୍ରୀକ୍ଷେତ୍ର ବାହାରେ ଲୀଳା କରିଥିଲେ । ତାଙ୍କର ଲୀଳାରେ ଶ୍ରୀକ୍ଷେତ୍ର ବାହାରେ ନଇରୀଠାରେ ଗୋଟିଏ ଥର ରଥଯାତ୍ରା ହୋଇଥିଲା ।

ଶାସ୍ତ୍ର ବେଦ ଉପନିଷେଦ କହେ ସନାତନ ହିନ୍ଦୁ ଧର୍ମ ସର୍ବଶ୍ରେଷ୍ଠ ଓ ସର୍ବପୁରାତନ ଏଥିରେ ହିଂସାର କୌଣସି ସ୍ଥାନ ନଥାଏ । ଅନାଥର ନାଥ କାଳିଆ ସାଆନ୍ତ,ଦୀନବନ୍ଧୁ, ଭାବଗ୍ରାହୀ, ଭକ୍ତବତ୍ସଳ ଜଗନ୍ନାଥଙ୍କ ବାଖ୍ୟା କରିବାକୁ କିଏ ବା ସମର୍ଥ ହେବ । ସେ ଅନନ୍ତ, ଅସୀମ, ଚିରସତ୍ୟ ତାଙ୍କର ଆଦି ନାହିଁ କି ଅନ୍ତ ନାହିଁ , ସେ ନଶ୍ୱର, ନିରାକାର, ପରମବ୍ରହ୍ମ, ପୁରୁଷୋତ୍ତମ । ମହାପ୍ରଭୁ କାଳିଆ ସାଆନ୍ତ ବିଶ୍ୱର ସବୁଠାରୁ ରହସ୍ୟମୟ ଠାକୁର । ଜଗନ୍ନାଥ ମନ୍ଦିରର ଇତିହାସ ଏବଂ ତାର ରହସ୍ୟ ବୁଝିବା ଆମ ପରି ରକ୍ତ ମାଂସ ଧାରୀ ସାଧାରଣ ମନୁଷ୍ୟ ପକ୍ଷେ ଅସମ୍ଭବ ।

ଅନେକ ବିଦ୍ୱାନ ପଣ୍ଡିତ, ଶାସ୍ତ୍ର ବିଶାରଦ, ଜ୍ଞାନୀ ଗୁଣୀ, ଜଗନ୍ନାଥ ସଂସ୍କୃତି ଇତିହାସ ସମ୍ପୂର୍ଣ୍ଣ ଭାବେ ବୁଝିବାରେ ଜାଣିବାରେ ସମର୍ଥନ ହୋଇପାରି ନାହାନ୍ତି । ଏବେବି ଏହା ରହସ୍ୟମୟ ହୋଇରହିଛି । ଜଗନ୍ନାଥ ଉପାସନା କେବେ କେଉଁଠାରୁ ହେଲା ଓ ଜଗନ୍ନାଥଙ୍କ ନାମକରଣ କେବେ କାହିଁକି ହେଲା ସେ ବିଷୟ ଏବେବି ନିର୍ବିବାଦରେ ନିର୍ଣ୍ଣିତ ହୋଇପାରିନାହିଁ । ଜଗନ୍ନାଥଙ୍କ ସଂସ୍କୃତି ସହିତ ବହୁ ଧର୍ମ ଜଡିତ ହୋଇରହିଛି । ଯୁଗ ଯୁଗ ଧରି ଜଗନ୍ନାଥ ରହସ୍ୟମୟ ଦେବତା ହୋଇ ରହିଆସିଛନ୍ତି । ଅନାଥର ନାଥ ଜଗତର ନାଥ ଜଗନ୍ନାଥ ଏକ ଚେତନାର ଚିନ୍ତାଧାରାର ସଂସ୍କୃତିର ସଂକେତ । ଜଗନ୍ନାଥ ସଂସ୍କୃତି ପରମ୍ପରା ବସୁଦେବ କୁଟୁମ୍ବକମର ଚିନ୍ତାଧାରା ଉପରେ ପ୍ରଯ୍ୟବେଶିତ ।ସମଗ୍ର ବିଶ୍ୱକୁ ଏକତା ସୂତ୍ରରେ ବାନ୍ଧି ରଖିବା ଏହାର ମୂଳମନ୍ତ୍ର । ଜଗନ୍ନାଥ ସଂସ୍କୃତିର ମୂଳମନ୍ତ୍ର ବିଶ୍ୱପ୍ରେମ, ଶାନ୍ତି, ଅହିଂସା, ପ୍ରେମ ମୁକ୍ତି, ଆନନ୍ଦ, ସତ୍ୟ, ଦୟା, କ୍ଷମା ଓ ଅନନ୍ତ ବ୍ୟାପିର ପ୍ରତୀକ । ଅନନ୍ତ କୋଟି ବ୍ରହ୍ମାଣ୍ଡ ନାୟକ କାଳିଆ ସାଆନ୍ତ ଅସୀମ ବିଶ୍ୱବ୍ରହ୍ମାଣ୍ଡର ଜୀବନ୍ତ ଦେବତା । ସେ ପରବ୍ରହ୍ମ, ପୁରୁଷୋତ୍ତମ ସର୍ବବ୍ୟାପି, ସାର୍ବଭୌମ୍ୟ, ନିରାକାର । ତାଙ୍କର ଆରମ୍ଭ ନାହିଁ କି ଅନ୍ତ ନାହିଁ । ସେ ଅନାଦି ସେ ଅଶେଷ । ପୁଣି ତାଙ୍କର ଯେଉଁ ଦୁଇଟି ବାହୁର କଳ୍ପନା କରାଯାଇଛି ତାହା ସମାନ୍ତରାଳ । ଦୁଇ ସମାନ୍ତରାୟ ସରଳ ଲେଖାରେ ମିଳନ ଏକ ଅନନ୍ତ ବିନ୍ଦୁରେ । ଜଗନ୍ନାଥଙ୍କ ପରମ ଓ ଚରମ ସତ୍ତ୍ୱ ସେହି ସେହି ଅନନ୍ତ ବିନ୍ଦୁରେ ହିଁ ଉପଲବ୍ଧି କରିହୁଏ । ସେ ଅରୂପ ପୁଣି ସ୍ୱରୂପ । ସେ ନିର୍ଗୁଣ ପୁଣି ସଗୁଣ ।

ବହୁ ରୂପରେ ତାଙ୍କର ପରିକଳ୍ପନା । ବିଶ୍ୱର ତେତିଶି କୋଟି ଦେବାଦେବୀଙ୍କ ମଧ୍ୟରେ ଜଗନ୍ନାଥଙ୍କର ନୀତିକାନ୍ତି ସ୍ୱତନ୍ତ୍ର ଏବଂ ସର୍ବଶ୍ରେଷ୍ଠ । ଆଉ କୌଣସି ଦେବତାଙ୍କର ଏପରି ମାନବୀୟ ଲୀଳା ଦେଖିବାକୁ ଏ ବିଶ୍ୱ ବ୍ରହ୍ମାଣ୍ଡରେ ମିଳିନଥାଏ । ବୈଷ୍ଣବ ଭକ୍ତମାନେ ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରନ୍ତି ଭଗବାନ ବିଷ୍ଣୁ ରୂପରେ । ବୌଦ୍ଧ ଭକ୍ତମାନେ ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରନ୍ତି ଭଗବାନ ବୁଦ୍ଧ ରୂପରେ । ଶୈବ ଭକ୍ତମାନେ ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରନ୍ତି ଭଗବାନ ଶିବ ରୂପରେ । ଗାଣପତ୍ୟ ଭକ୍ତ ମାନେ ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରନ୍ତି ଗଣପତି ରୂପରେ । ତେଣୁ ମହାପ୍ରଭୁ ଜଗନ୍ନାଥ ନିର୍ଦ୍ଦିଷ୍ଟ ସୀମା ବା ରୂପରେ ଆବଦ୍ଧ ନୁହନ୍ତି । ଗୋଟିଏ ବଳୟ ଭିତରେ ଗୋଟିଏ ନିର୍ଦ୍ଦିଷ୍ଟ ପରିସୀମା ଭିତରେ ମହାପ୍ରଭୁ କାଳିଆ ସାଆନ୍ତଙ୍କର ସ୍ଥିତି କଳ୍ପନା କରିବା ଅସମ୍ଭବ । ଜଗନ୍ନାଥ ହେଉଛନ୍ତି ବଡ଼ ଠାକୁର, ଜଗନ୍ନାଥଙ୍କର ଦେଉଳ ହେଉଛି ବଡ଼ ଦେଉଳ, ଜଗନ୍ନାଥଙ୍କ ଦାଣ୍ଡ ହେଉଛି ବଡ଼ ଦାଣ୍ଡ,ପଣ୍ଡା ହେଉଛି ବଡ଼ ପଣ୍ଡା, ତାଙ୍କର ଦୀପ ହେଉଛି ମହାଦୀପ, ତାଙ୍କର ଉଦଧି ହେଉଛି ମହା ଉଦଧି (ମହୋଦଧି ), ତାଙ୍କର ଶକ୍ତି ହେଉଛନ୍ତି ମହାଲକ୍ଷ୍ମୀ, ତାଙ୍କର ପ୍ରସାଦ ହେଉଛି ମହା ପ୍ରସାଦ । ତେଣୁ ଜଗନ୍ନାଥଙ୍କ ଚେତନା ଭିତରେ ନାହିଁ ସଂକୀର୍ଣ୍ଣତା, ନାହିଁ ଅହମିକା, ନାହିଁ ଅହଂକାର, ନାହିଁ ଉଚ୍ଚନୀଚ, ବଡ଼ସାନର ଭେଦଭାବ ।

ଶ୍ରୀକ୍ଷେତ୍ର, ସୁଭଦ୍ରା, ବଳଭଦ୍ର, ସୁଦର୍ଶନଙ୍କ ନାମ ଭିତରେ ରହିଛି ସୁସୁନ୍ଦର,ଶିବ ବା ଶୁଭର ସୂଚନା । ନୀଳଚକ୍ର ଚିରନ୍ତନ ସତ୍ୟ ଓ ନ୍ୟାୟର ପ୍ରତୀକ ।କାଳିଆ ସାଆନ୍ତଙ୍କ ସିଂହଦୁଆରରୁ କୌଣସି ଭକ୍ତ ଖାଲି ହାତରେ ଫେରିନି । ମହାପ୍ରଭୁ ପାଖରେ ଧନୀ, ଗରିବ ସମସ୍ତେ ସମାନ । ସମସ୍ତଙ୍କର ମନସ୍କାମନା ପୂର୍ଣ୍ଣ କରିଛନ୍ତି ଦରଦୀ ଠାକୁର, ଦୀନବନ୍ଧୁ, ଅନାଥର ନାଥ, ଜଗତର ନାଥ ବଡ଼ ଠାକୁର ଜଗନ୍ନାଥ ।

ମହାପ୍ରଭୁ କାଳିଆ ସାଆନ୍ତଙ୍କ ଦିବ୍ୟ ଲୀଳାକୁ ଆମ ପରି ସାଧାରଣ ରକ୍ତ ମାଂସ ଧାରୀ ମନୁଷ୍ୟ ବୁଝିବା ଅସମ୍ଭବ । ବିଶ୍ୱ ବ୍ରହ୍ମାଣ୍ଡର ସର୍ବଶ୍ରେଷ୍ଠ ଯାତ୍ରା ଘୋଷଯାତ୍ରାର ଯେଉଁ ଈଶ୍ୱରୀୟ ବାର୍ତ୍ତା ରହିଛି ତାହା ଆମ ମାନବ ସମାଜ ପାଇଁ ଅତୀବ ଉପାଦେୟ । ମହାପ୍ରଭୁ କାଳିଆ ସାଆନ୍ତଙ୍କ ପାଖରେ ଧନୀ, ଗରିବ, ଉଚ୍ଚ, ନୀଚର ଭେଦଭାବ ନଥାଏ ।ଏ ବିଶ୍ୱବ୍ରହ୍ମାଣ୍ଡର ମାଲିକ ଜଗନ୍ନାଥ । ସମସ୍ତଙ୍କ ଦୁଃଖ ବୁଝନ୍ତି ସେ । ଏ ବିଶ୍ୱବ୍ରହ୍ମାଣ୍ଡରେ କେହିବି ଅନାଥ, ନିରାଶ୍ରୟ, ନହୁଅନ୍ତୁ ଏହି ଆଶ୍ୱାସନା ମିଳେ ଜଗନ୍ନାଥଙ୍କ ନାମ ଭିତରେ । ଜାତିବର୍ଣ୍ଣ, ଧର୍ମ ନିର୍ବିଶେଷରେ ମହାପ୍ରଭୁ ଚକାଡୋଳା ଅନନ୍ତକୋଟି ବ୍ରହ୍ମାଣ୍ଡ ନାୟକ ଜଗତର ନାଥ ଜଗନ୍ନାଥ ଦର୍ଶନ ଦିଅନ୍ତି ରଥଯାତ୍ରାରେ । ସେହ୍ନ, ପ୍ରେମ, ଭାତୃତ୍ୱ, ବଳିଦାନ, ଭଲପାଇବା, ମାନବିକତା, ତ୍ୟାଗର ବାର୍ତ୍ତା ମିଳେ ରଥଯାତ୍ରାରେ । ଯେଉଁଠି ସ୍ୱାର୍ଥପର ଅହଂକାରୀ ମନୁଷ୍ୟ ପୁଳା ପୁଳା ଟଙ୍କା ବାଟି ବାଟି ସମ୍ପତ୍ତି ପାଇଁ ନିଜର ଜନ୍ମଦାତା ପିତା, ଜନ୍ମଦାତ୍ରୀ ମାତା, ବନ୍ଧୁ, ପରିଜନକୁ ହତ୍ୟା କରିବାକୁ ପଛଘୁଞ୍ଚା ଦେଉନାହିଁ, ସେଠି ମହାପ୍ରଭୁ ଜଗନ୍ନାଥଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ନିଜ ଜୀବନକୁ ଶୃଙ୍ଖଳିତ କରିପାରିଲେ ମାନବ ସମାଜ ପାଇଁ ଏହା ଏକ ବରଦାନ ସାବ୍ୟସ୍ତ ହେବ । ନିଜର ମାନ, ଅଭିମାନ, ରାଗ, ହିଂସା, କ୍ରୋଧ, ଘୃଣା ଭାବକୁ ପରିତ୍ୟାଗ କରି 'ମଣିଷପଣିଆ' ହିଁ ସର୍ବଶ୍ରେଷ୍ଠ ଏହାକୁ ସମଗ୍ର ମାନବଜାତି ଅନୁଭବ କରିବାର ସମୟ ଆସିଛି । ଏହାକୁ ବୁଝିବାକୁ ହେବ ଯେ ନିୟତିର ନିଷ୍ପତ୍ତି ନିକଟରେ ସମଗ୍ର ମାନବଜାତି ଦୁର୍ବଳ ଏବଂ ଅସହାୟ । ଆମକୁ ନିଜର ଅହଂକାର ପରିତ୍ୟାଗ କରିବାକୁ ପଡିବ । ମହାପ୍ରଭୁ କାଳିଆ ସାଆନ୍ତଙ୍କ ଚରଣଆଶ୍ରିତ ଏବଂ ନତମସ୍ତକ ହେବାକୁ ପଡିବ । ମହାପ୍ରଭୁ ଅନାଥର ନାଥ କାଳିଆ ସାଆନ୍ତଙ୍କ ବିନା ସମଗ୍ର ମାନବଜାତିର ପରିକଳ୍ପନା କରିବା ଅସମ୍ଭବ ଏହାକୁ ବିଶ୍ୱବ୍ରହ୍ମାଣ୍ଡ ରେ କେହି ଭି ଅସ୍ୱୀକାର କରିପାରିବେ ନାହିଁ ।

*Printed & Published by* **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy** **E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022** ସମ୍ପାଦକ : **ଜୟାଶୀଷ ରାୟ**

# ନିବୁଜ ଘରର କାହାଣୀ



*ଡ଼ ସୀତାକାନ୍ତ ତ୍ରିପାଠୀ*

କାହିଁ କେତେ ଦିନରୁ ଆଉ କାହିଁକି ଘରଟି ନିବୁଜ ରହିଛି
ତାର ସଠିକ୍ ହିସାବ କାହାରି ପାଖରେ ନାହିଁ।

ନଜାଣିଲା ଲୋକେ ଜାଣିଲା ଭଳି କୁହନ୍ତି ସେଠି କାଳେ ଅଶରିରୀ ମାନେ ରୁହନ୍ତି
ଆଉ ଚୁପ୍ ଚାପ୍ ନିଜ ନିଜ ଭିତରେ କଥା ହୁଅନ୍ତି।

କିଏ କହେ ଇଏ ଗୋଟେ ବଡ଼ଁଶବୁଡ଼ା ପରିବାରର କାହାଣୀ ତ
ଆଉ କିଏ କୁହେ ଇଏ ହେଲା ଜଣେ ଉଦ୍ଧତ- ଅତ୍ୟାଚାରୀ କିମ୍ବା ନିସଙ୍ଗର ଆତ୍ମଲିପି।



ଘର ଖୋଲା ଥିଲେ ଅନ୍ତତଃ ଜାଣି ହୁଅନ୍ତା ଏହାର ଅସଲ ସ୍ୱରୂପ
ଆଉ ମିଳି ପାରନ୍ତା ଏ ବାବଦୀୟ କିଛି ନଥିପତ୍ର ।

କିନ୍ତୁ ଆଇନ୍‌କୁ ହାତକୁ ନେଇ ଏ ବାବଦରେ ଭାବିବା ଆଉ
ଚିନ୍ତା କରିବାର ଅବକାଶ ଏ ପର୍ଯ୍ୟନ୍ତ ବୋଧେ କାହାକୁ ଯୁଟିନାହିଁ।

ଆମ ମନ କଣ ନିବୁଜ ଘରର କାହାଣୀ ଠାରୁ କିଛି କମ୍,
ସେ ବିଷୟରେ ନା ଅଛି କିଛି ଶୋଚନା ନା କିଛି ଅନ୍ତର୍ଦାହ ବରଂ ଫାଙ୍କି ଚାଲିବାର ଅଦମ୍ୟ ଲାଳସା।

*ଅର୍ଣ୍ଣପାଳ, ଭଦ୍ରକ*
*ମୋ-୯୭୭୮୭୬୪୩୯୪*

# ପରିପୂର୍ଣ୍ଣ

*ପ୍ରଭାତୀ ଜେନା*

ବିଶ୍ୱାସର ଆଳାପରେ
ତୁମେ ତ ଅଦ୍ୱିତୀୟ ପରବ୍ରହ୍ମ
ନିରାକାର ରୂପହୀନ ଅନନ୍ତ ଈଶ୍ୱର
ତୁମକୁ ଭେଟୁଛି ମୁଁ ପ୍ରତିଥର
ନିଭୃତ୍ତ ନିକ୍ୱଣ ରୁମଝୁମ୍
ସୁରର ତାନ୍ ଭିତରେ
ପୁରା ମେଘ ମହ୍ଲାର
ରାଗିଣୀ ସୁରରେ... ।
ସୋରିଷ ଫୁଲର ରଙ୍ଗ ଭିତରେ
ମୌସୁମୀ ପ୍ରବାହ ଭିତରେ
ତୁମ ସରାଗର ଝରା ବରଷାରେ
ଶୀତ ବସନ୍ତର କୋମଳ ସ୍ପର୍ଶରେ

ସୂର୍ଯ୍ୟାସ୍ତର ନାଲି ଅରୁଣିମା
ପ୍ରଭାତୀର ଆଦ୍ୟ ଉଚ୍ଛୁଳା
ଅନୁରାଗ ସୁରରେ,
ଅଭିସ୍ୱାର ମୁକ୍ତାର ଟୋପା ଟୋପା
ଦୂବ ଘାସ ଉପରେ ପଡ଼ିଥିବା
କରୁଣାର ପ୍ରତିମ୍ବିବରେ।
ମନ ଅଗଣାର ଇନ୍ଦ୍ରଧନୁ ସାଜସଜ୍ଜାରେ
ନୀରିହ ଆଖିର ପ୍ରତାୟୁର ଭାଷାରେ
ଖିଆଲି ମନର ପରିପୂର୍ଣ୍ଣ ମାପ କାଠି
ଅବା ପୂର୍ଣ୍ଣାହୁତି ଇଚ୍ଛା ଅନିଚ୍ଛାର ଯଜ୍ଞ କୁଣ୍ଡରେ
ଯାଜ୍ଞସେନୀ ରୂପ ଆବାହନ ମନ୍ତ୍ରରେ
ଆବିର୍ଭୂତା ଆତ୍ମ ସମର୍ପଣରେ.... ।

*ପ୍ଲଟ୍ ନଂ-୮୬୦, ପଟିଆ, ଜଗନ୍ନାଥ ମନ୍ଦିର*
*ଭୁବନେଶ୍ୱର, ଖୋର୍ଦ୍ଧା, ଓଡ଼ିଶା- ୭୫୧୦୨୪*
*ଫୋନ୍- ୬୩୭୦୦୩୭୨୩୫*

# ସିନ୍ଦୂରର ତିନୋଟି ସ୍କେଚ୍

*ଡକ୍ଟର ପ୍ରୀତିପଦ୍ମା ପଣ୍ଡା*



୧

ଏ ଆଖି ଦେଖିଛି ଶୋଣିତରେ ଭିଜା ଘାସ ଗାଲିଚାରେ ଲାଲ୍ ଛିଟା..
ତୋ ଚକ୍ଷୁରେ ବୋଳିଦେ ମୋ କୋହ କଜଳ କାଳିମାର କଳା ଚିଠା....
ମୋ ଧନ ଦେଖିଛି ନିଷ୍ପାପ ନୟନେ ଭୟାତୁର ବର୍ବରତା...
ଏ ହସ୍ତ ତୋଳିଛି ମୋ ସୁହାଗ ସିନ୍ଦୂର ପ୍ରାଣ ପକ୍ଷୀର ଯନ୍ତ୍ରଣା ବ୍ୟଥା...

୨

ସିନ୍ଦୂରା ଆଜି ଫାଟିଲା ବେଳକୁ ଶୂନ୍ୟ ସିନ୍ଦୂର ମୋ କହେ ହସି...
ତୋ ଦୁଆରେ ଆଜି ବାଦଲ ବିଗୁଲ୍ ମୋ ଆଖିରେ ତାରକସୀ..
କିଏ ସେ କହିଲା ଛଡ଼ାଇ ନେବାକୁ ମୋ ସିନ୍ଦୂରର ଅଧିକାର...
ଏବେ ଚନ୍ଦନ ଭାବି ତୋ ଦେହେ ବୋଳି ଦେ ମୋ ଜହର ଫୁତ୍କାର..

୩

ଦେଖ୍ ଜଳୁଛି ତୋ ଗାଁ ଜଳୁଛି ତୋ ରାଜ୍ୟ କୁହୁଳୁଛି ତୋର ଆତଙ୍କବାଦର ଦେଶ...
ଜଳିଯାଉ ତୋର କଳା ସାମ୍ରାଜ୍ୟ ହିଂସା ଦ୍ୱେଷ ଭରା ଛଳ ଛଦ୍ମ କପଟୀ ବେଶ...
ମୋ ଶୂନ୍ୟ ସୀମନ୍ତେ ପ୍ରତିଜ୍ଞା କରୁଛି ମୁଁ ଭାରତର ବହ୍ନି କନ୍ୟା..
ମୋ ସିନ୍ଦୂରର ଦାନ ଯିବନି ବ୍ୟର୍ଥ କଳା କାଳିରେ ଲେଖିବି ତୋହରି ନାଁ....

*କିଟ୍ ବିଶ୍ୱବିଦ୍ୟାଳୟ*
*ଭୁବନେଶ୍ୱର*

# କାଠ

*ଚନ୍ଦନ କୁମାର ଦାସ*

ମାଟି ଆଜି ମାଗିବସେ
କିଛି ସତେଜ ସ୍ନେହର ସବୁଜ ଜୋଛନା
ହେଲେ ବୃକ୍ଷଟିଏ ନ ହୋଇ ଏଠି
ପ୍ରତିକ୍ଷଣେ କାଠ ହେବାର କରୁଣ ଛଳନା
କାଠ ଖଣ୍ଡେ କଣ କହିପାରେ
ଜୀବନର କଥା
ନା, ବୁଝିପାରେ ହୃଦୟର ବ୍ୟଥା
କାଲି ପର୍ଯ୍ୟନ୍ତ ଫାଙ୍କା ଥିବା
ଋରି ଖଣ୍ଡ କାଠର ଫ୍ରେମ୍ ଭିତରେ
ଆଜି କିନ୍ତୁ ଅମାପ ଭିଡ, ଅପ୍ରତ୍ୟାଶିତ ଗହଳି
ଫଟୋ ହେବାର ପ୍ରତିଯୋଗିତା ଭିତରେ
କାଠ କାଳେ ଗିଳିଯାଉଛି ଅସଂଖ୍ୟ ମଣିଷ
ଭାଙ୍ଗି ଦେଉଛି ନିଡ
ଉଜାଡ଼ି ଦେଉଛି ସୁପଥ୍ୟ ସକାଳର ହସ
ତଥାପି କାଠ ହେବାର ଯୋଜନାରେ
ସଭିଁଏ ଏଠି କାଠ ମନସ୍କ
କାଠ ପାଇଁ ପ୍ରତିକ୍ଷଣେ ବିକ୍ରି ହୁଏ
ମଣିଷ ଭିତରର ଆଉ ଜଣେ ମଣିଷ
କାଠର କଠିନ ବନ୍ଧନି ମଧ୍ୟରେ
ଜଳୁ ଥାଏ ରୂପ, ରସ ଆଉ ବାସ ।

*ଭୋଗରାଇ, ବାଲେଶ୍ୱର*
*ଦୂ.ଭା-୮୧୧୪୩୪୫୯୮୮*



# ବେଳ ଥାଉ ଥାଉ ଗଲେ ସୁଧୁରି...

*ବିନୟ ଭୂଷଣ ପାଣିଗ୍ରାହୀ (ମିଟୁ)*

ଆସିଲା ବର୍ଷା, ଋଷୀଭାଇ ମନେ ଭରସା ଭରି
ବିହନ ନେଇ, ବୁଣିଲା ତଳିରେ ଯତନ କରି
ସକାଳୁ ଉଠି, କ୍ଷେତକୁ ଧାଇଁଲା ଲଙ୍ଗଳ ଧରି
ଦି' ଗାର ଦେଇ, କାଦୁଅ କରିବ ସରସା କରି
ଉଠିଲେ ତଳି, ବଢ଼ିବାକୁ ଜମା ହେବନି ଡେରି
ଏତିକିବେଳେ, ଅଳସୁଆ ହେଇ ବସିଲେ ଘରେ
ନେଡି ଗୁଡ ଯିବ କହୁଣି ପାରି

ଚସାପୁଅ ସେ, ଦାନାପାଇଁ ଖଟେ ସୈନିକ ପରି
ମାଗଣା ଆହାର, ଲାଗେ ତା'ପାଟିକୁ ଜହର ସରି
କ୍ଷେତ ତା'ର ମା' - ସେବକ ସେ ତା'ର ସଙ୍କୋଚ ଭାରି
ଶ୍ରମ ବଦଳେ, ଶ୍ରଦ୍ଧାରେ ଦିଏ ମା' ପଣତଭରି
ତହିଁରେ ପୋଷେ, ପିଲା - ପରିବାର ହିସାବ କରି
ଅନ୍ନଦାତା ସେ, ମାଗଣା ଦାନାକୁ ଭରସିବ ଯଦି
ଇଜ୍ଜତ ତାହାର ଯିବନି ସରି !

ଭାବୁଛି ବସି, ଆକାଶରୁ ମେଘ ଗଲାକି ସରି !
କରିବ କିସ, ଫାଟିଲାଣି ଜମି ଚକଡ଼ା ମାରି
କୁହନ୍ତି ଜନେ, ପ୍ରକୃତି ସାଜିଛି ଏବେ ବଇରୀ
ବିନା କାରଣେ, ମାରୁଛି ସଭିଙ୍କୁ ଋଣ୍ଡାଳି ପରି
ମୂରୁଖ ସିନା, ବୁଝିଛି ଏକଥା ସେ ଭଲକରି
ଏଇ ମଣିଷ, ଜଙ୍ଗଲକୁ କାଟି କରିଲା ଶେଷ
ସେପାଇଁ ପ୍ରକୃତି ହେଲା ଭଗାରୀ

ଆରମ୍ଭ ଇଏ, ଭବିଷ୍ୟତ ହେବ ପ୍ରଳୟଙ୍କାରୀ
ଆଗକୁ ଦେଖି,ବେଳ ଥାଉଥାଉ ଗଲେ ସୁଧୁରି
ତା'ପର ପିଢ଼ି, ଦୁଃଖ ଯନ୍ତ୍ରଣାରେ ନହେବେ ଘାରି
ଲଗାଇ ଗଛ, ଗଢ଼ିବା ଧରଣୀ ସବୁଜ କରି
କମିବ ତାତି, ପାଣିପାଗ ହେବ ପୁରୁବ ପରି
ହସିବ ଋଷୀ, ଉପୁଜାଇ ଦାନା ଭଳିକି ଭଳି
ସଭିଙ୍କର ପେଟ ଦେବ ସେ ଭରି ।

*ହରସିଂହ ପୁର, ପୀରହାଟ ବଜାର ଭଦ୍ରକ- ୭୫୬୧୩୧*
*ମୋ- ୯୯୩୭୫୪୮୪୩୧/୯୪୩୮୬୭୦୧୨୦*

# ନରସଂହାର

*ଚିତ୍ତରଞ୍ଜନ ପୃଷ୍ଟି*



କିଏବା ଜାଣିଥିଲା ଅସରନ୍ତି ସ୍ୱପ୍ନକୁ ସାଥି କରିଥିବା ଜୀବନଟି
ମୃତ୍ୟୁକୁ ଆଲିଙ୍ଗନ କରିବ
ପରିବାର ଆଗରେ ଗୋଟି ଗୋଟି କରି ଲିଭିଯାଇଥିଲା,
ଜୀବନ ପ୍ରଦୀପର ଆୟୁଷ ସଳିତା ।

ନିମିଷକ ମଧ୍ୟରେ ପ୍ରାକୃତିକ ସୌନ୍ଦର୍ଯ୍ୟର ଭୂସ୍ୱର୍ଗ,
ପାଲଟି ଯାଇଥିଲା ନର୍କଲୋକ
ନୀରବି ଯାଇଥିଲା ପବନର ବେଗ
ମୂକ ପାଲଟି ଯାଇଥିଲେ ପାଇନ୍ ଗଛସବୁ ।

ଚାହୁଁ ଚାହୁଁ ସବୁଜ ଗାଲିଚାରେ ପଡିଗଲା
ଲାଲ ରଙ୍ଗର ଝୋଟି
ବିକଳ ଚିତ୍କାରର ଶବ୍ଦ ପ୍ରତିଧ୍ୱନିତ ହେଉଥିଲା ଦୂର ପାହାଡରେ
ବଞ୍ଚିବା ପାଇଁ କାକୁତି ମିନତି ହେଉଥିବା ମଣିଷ,
ଲୋଟିପଡୁଥିଲେ ଭୂଇଁ ଉପରେ ।

ନିଷ୍ପାପ ପ୍ରାଣର ବୁକୁଫଟା ଆର୍ତ୍ତନାଦରେ
ସ୍ତମ୍ଭୀଭୂତ ହୋଇଯାଇଥିଲା ଭୂସ୍ୱର୍ଗ
ଲୁହରେ ଭିଜିଥିଲା ମା'ର ପଣତ
କୋହରେ ଫାଟିପଡିଥିଲା ପତ୍ନୀର ହୃଦୟ ।

ସଂସାରର ନୂତନ କିରଣ ଦେଖିବା ପୂର୍ବରୁ
ଅସ୍ତ ହୋଇଗଲା ଆୟୁସୂର୍ଯ୍ୟ
ଅକାଳେ ବୈଧବ୍ୟ ଯାତନା ଦେଇ
ଶରୀର ପାଲଟିଗଲା ଶବ ।

ପିଶାଚରୂପୀ ଆତଙ୍କି ରକ୍ତରେ ଖେଳିଲା ହୋଲି
ଛଡାଇ ନେଲା ସଧବା ମୁଣ୍ଡରୁ ସିନ୍ଦୂରକୁ
ନିଷ୍ପାପ ଶିଶୁର ବାପକୁ
ଫେରିବା ବାଟକୁ ଚାହିଁ ବସିଥିବା ବୃଦ୍ଧ ବାପା ମା'ର ପୁଅକୁ

ଧର୍ମ ନାମରେ ନରସଂହାର
ଏହା କଣ ସତରେ ନିୟତିର ନିଷ୍ଠୁର ପରିହାସ
ଧର୍ମ କଣ ହିଂସାର ଅସ୍ତ୍ର ?
ଧର୍ମର ଧ୍ୱଜା ଉଡାଉଥିବା ଧର୍ମାନ୍ଧ ମଣିଷ ଭିତରେ
ଆଜି ହଜିଯାଇଛି ମାନବିକତା
ଧର୍ମ ନାମରେ ହିଂସାର ପଥକୁ ବାଛିନେଇ
ଭୁଲି ଯାଇଛି ମାନବୀୟ ମୂଲ୍ୟବୋଧକୁ ।

ଏହା କିନ୍ତୁ ଧ୍ରୁବସତ୍ୟ
ହିଂସା ସୃଷ୍ଟିକାରୀ ଦିନେ ହିଂସାର ଶିକାର ହେବେ
ପାଲଟିଯିବେ ଜଣେ ଜଣେ ଭସ୍ମାସୁର
ସେ ଦିନ ଏ ଧରା ପୃଷ୍ଠରେ ଉଡିବ ସତ୍ୟର ବୈଜୟନ୍ତୀ ।

*ନିମାପଡା, ପୁରୀ*
*ମୋ-୯୭୭୮୧୭୭୫୦୧*



# ଅନୁରାଗ

*ବେଣୁଧର ସୂତାର*

ଅନୁରାଗ ପରା ଅସରା ବନ୍ଧନ
ଅମୃତର ପରିତୃପ୍ତି
ମୁକୁଳା ବୁକୁର ଉଚ୍ଛୁଳା ତରଙ୍ଗେ
ଉନ୍ମେଷର ନବ ଦୀପ୍ତି ॥

ମନ ଉପବନ ଶ୍ୟାମଳ ଶୋଭନ
ଭିଜା ହୃଦୟର ପ୍ରୀତି
ଆତ୍ମତୃପ୍ତିର ଏ ସୁଧା ସମ୍ମୋହନ
ଭାବ ମୂର୍ଚ୍ଛନାର ଗୀତି ॥

ସମ୍ପର୍କ ଆଶ୍ଳେଷ ବହଳ ବିଶ୍ୱାସ
ଅନାବିଳ ଅନୁରାଗ
ଭାବ ବନ୍ଧନର ମୁଗ୍ଧ ଅନ୍ତଃସ୍ୱର
ଆବେଗର ପଦ୍ମ ରାଗ ॥

ମୁଗ୍ଧ ସଦିଚ୍ଛାର ସ୍ନିଗ୍ଧ ସମ୍ମୋହନ
ଅମୃତ ପରଶ ଦିଏ
ଭାବ ସଂପ୍ରତିରେ ଛଳଛଳ ଆତ୍ମା
ବିନ୍ଦୁରୁ ବ୍ରହ୍ମାଣ୍ଡ ଯାଏ ॥

ଲତା ବିତାନର ପୁଷ୍ପିତ କୁଞ୍ଜରେ
ମଧୁ ମକ୍ଷିକାର ଗାନ
କୋକିଳ ରାଣୀର ମଧୁ ମୂର୍ଚ୍ଛନାରେ
ଫଗୁଣର ଅଭିଯାନ ॥

ପ୍ରୀତି ଅନୁରାଗେ ସରସୀ ପଙ୍କଜେ
ଭ୍ରମର ଯେ ଉନମତା
ବିତଇ ରଜନୀ ନିବିଡ଼ ରାସରେ
ପାଶୋରି ଜୀବନ ସତ୍ତା ॥

ମାଆର ମମତା ଭଗିନୀର ସ୍ନେହ
ପ୍ରିୟତମା ପ୍ରୀତି ଧାରା
ସଦା ପରିବ୍ୟାପ୍ତ ଭୂମି ଠାରୁ ଭୂମା
ଅନୁରାଗ ରଙ୍ଗ ଭରା ॥

ଅନୁରାଗ ସିନା ସ୍ୱର୍ଗୀୟ ବନ୍ଧନ
ନାହିଁ ତା'ର ପରିସୀମା
ଶାଶ୍ୱତ ପ୍ରେମର ଦିବ୍ୟ ଅନୁଭବ
ନୈସର୍ଗିକ ସୁରନାମା ॥

ମାନବ ଧର୍ମର ମହାନତା ପଣେ
ଚେତନାର ଗଭୀରତା
ପ୍ରୀତି ଅନୁରାଗ ସେନେହ ସୋହାଗ
ଭିନ୍ନ ଏକ ପ୍ରାଣ ସତ୍ତା ॥

*କେଶଦୁରାପାଳ, କେନ୍ଦୁଝର*
*ମୋ-୯୧୭୮୫୬୮୨୪୬*



ଶ୍ୱେତପଦ୍ମା ପାଢୀ ତ୍ରିପାଠୀ

# ଲସି



ତିନୋଟି ସ୍କେଚ୍

**ସ୍କେଚ୍ - ୧ (ମ୍ୟାଙ୍ଗୋ ଲସି)**

ବହୁତ ଦିନପରେ ବୋଉ ଆସିଥିଲା । ଯୁଗ ଯାଇ କୋଉଠି ପହଞ୍ଚିଲାଣି କିନ୍ତୁ ଝିଅ ଘରେ ରହିବା କଥା ନୁହଁ କହି ଆଜି ଯାଏଁ କାନିରେ ଗଣ୍ଠି ପକେଇଛି । ଏଥର ଜବରଦସ୍ତି ରୋକି ଦେଲି ନିଜ ପାଖରେ । ସବୁଦିନ କୁଆଡେ ନା କୁଆଡେ ବାହାନା କରି ବୁଲିବାକୁ ଆଳ କରୁଛି । ଉଚ୍ଚ ରକ୍ତଚାପ ସେଥିରେ ଚାଟ୍ ଖାଇବ ଗୁପ୍‌ଚୁପ୍ ଖାଇବାକୁ ଲୋଭ । ହେଲେ ସେ କୋଉ ମାନୁଛି ! ସେ ପଳେଇଲା ପରେ ମୁଁ ବି ଏକୁଟିଆ କୁଆଡେ ଯିବି ବୁଲିବାକୁ ଭାବି ତାକୁ ସବୁଆଡେ ବୁଲେଇ ନେଉଛି । କାଲି ସକାଳୁ ତା'ର ଟ୍ରେନ୍ ଫେରିଯିବ ଭାଇ ପାଖକୁ । ଆଜି ସନ୍ଧ୍ୟାରେ ଫେରେ ବୁଲିଯିବାକୁ ଜିଦି ଧରିଲା । ଚିଡିଗଲି ତା ଉପରେ । ସବୁଦିନ ବାହାରେ ଖାଇ ଖାଇ ମୋତେ ବିରକ୍ତ ଲାଗିଲାଣି । ମୋର ଯିବାକୁ ଇଚ୍ଛା ନଥିଲା କି ସମୟ ବି ନଥିଲା । ମନରେ ବି ମୋର ଥିଲା ଗୋଟେ ଭୟ । କିଛି ଇଚ୍ଛା ବାକି ରହିଯାଉ ବୋଉର । ସେଇ ଇଚ୍ଛା ପୁଣି କାଳେ ତାକୁ ଟାଣି ଆଣିବ ଓଡ଼ିଶା ମୋ ପାଖକୁ । ହେଲେ ସେ ମୁହଁ ଫୁଲେଇ କହିଲା, 'ପିଲାଦିନେ ତୁ ଯେତେବେଳେ ଜିଦି କରୁଥିଲୁ ମୁଁ ତୋ ଅଳିଅର୍ଦ୍ଦଳି ପୂରଣ କରୁଥିଲି ! ମୋତେ ଏବେ ମ୍ୟାଙ୍ଗୋ ଲସିଟିଏ ପିଏବାକୁ ନେଇ ପାରିବୁନି ?' ଏଥର ମୋତେ ନିସ୍ତାର ନଥିଲା । କିଛି ସ୍ମୃତି ଏବେ ମୋତେ ଆବୋରି ବସିଲେ ।

**ସ୍କେଚ୍ -୨ (ମାଟିହାଣ୍ଡି ଲସି)**

ପିଲାବେଳୁ ସ୍ୱପ୍ନାକୁ ଏମିତି ଦୁଃସ୍ୱପ୍ନ ଆସେ । ସ୍କୁଲ କଲେଜ ସବୁଠି ସାଙ୍ଗ ମେଳରେ ବି ଭୟ ଲାଗେ । ପରୀକ୍ଷା ଦେବାକୁ ଭୟ ନଥିଲା; ବରଂ ଇଣ୍ଟରଭ୍ୟୁ ନେଉଥିବା ଲୋକଟା ପ୍ରତି ଭୟ ଆସୁଥିଲା । ବସ୍ ମେଟ୍ରୋରେ ଗଲା ବେଳକୁ ଡର ଲାଗୁଥିଲା । ଭିଡକୁ ଭୟ ନଥିଲା, ବରଂ ଭିଡ଼ରୁ ବାହାରି କେହି ଜଣେ ତା'ର ହତ୍ୟା କରିଦେବ ବୋଲି ଭାବି ଭୟ ଲାଗୁଥିଲା । ମନ ମସ୍ତିଷ୍କରେ ବିଜୁଳି ବେଗରେ ଦୌଡୁଥିବା ସେ ଭୟକୁ ସ୍ୱପ୍ନା ଯେତେ ଚେଷ୍ଟା କଲେ ମଧ ଏଡାଇ ପାରୁନଥିଲା । କିଛି ଦିନ ହେଲାଣି ଲକ୍ଷ୍ୟ କରୁଛି ମ୍ୟାନେଜର ତା' ସହିତ ଅନ୍ତରଙ୍ଗ ହେବାକୁ ଚେଷ୍ଟା କରୁଛି । ସେଦିନ ସନ୍ଧ୍ୟାରେ ଅଫିସ୍ କ୍ୟାଣ୍ଟିନ୍‌ରେ ହଠାତ୍ ମ୍ୟାନେଜର୍ ତା'ର ହାତ ଧରି ପକାଇଲା । ସ୍ୱପ୍ନାକୁ ସେଇ ଭୟ ପୁଣି ଗ୍ରାସ କଲା । ତାକୁ ଲାଗିଲା ମ୍ୟାନେଜର ଜୀବନରେ ମାରିଦେବ । ସ୍ୱପ୍ନା ଅଣନିଃଶ୍ୱାସୀ ହେଇପଡ଼ିଲା । ମୁହୂର୍ତ୍ତକ ପାଇଁ ଭାବିଲା ମ୍ୟାନେଜର୍‌କୁ ମାରିଦେବ କି ! ସମସ୍ତ ବଳ ପ୍ରୟୋଗକରି ମ୍ୟାନେଜରକୁ ଠେଲି ଦେଲା । ମ୍ୟାନେଜର ତଳେ ପଡ଼ିଗଲା । ହାତରେ ଥିବା ମାଟି ହାଣ୍ଡି ଲସିଟା ବି ତଳେ ପଡ଼ି ଭାଙ୍ଗିଗଲା । ସ୍ୱପ୍ନା ଭାବୁଥିଲା କାସ୍ ଏମିତି ହେଇଥାନ୍ତା, ଏଇ ମାଟି ହାଣ୍ଡି ପରି କ୍ଷଣସ୍ଥାୟୀ ହେଇଥାନ୍ତା ତା'ର ମାନସିକ ଅବସ୍ଥା !

**ସ୍କେଚ୍ - ୩(ରାବିଡି ଲସି)**


ଅସହ୍ୟ ଗରମ ଲାଗୁଛି । କାଳବୈଶାଖୀ ଆସିବ ଆସିବ ବୋଲି ପାଣିପାଗ ସୂଚନା ଦେଉଛି । ଅଥଚ ଗରମରୁ ନିସ୍ତାର ନାହିଁ । ସେପଟେ ସୀମା ଦାସ ମେସେଜ୍ କରି କହୁଛି ଏଇ ଧୁ ଧୁ ଖରାରେ ଆଇଜି ପାର୍କରେ ଦେଖା କରିବ । କିଛି ଅନ୍ତରଙ୍ଗ କଥା ହେବ । ବ୍ରେକ୍ ଅପ୍ ପରେ ଆଉ କ'ଣ ଅନ୍ତରଙ୍ଗ କଥା ହେବ ସେ ? ରୂପାଲି ଛକରେ ଲସି ଗ୍ଲାସ୍‌ଟେ ହାତରେ ଧରି ମୁଁ ଭାବୁଛି କିଛି ଗୋଟେ କରିବାକୁ ପଡ଼ିବ । ଆଜି ମାରି ଦେବି କି, ନା କାଲି ମାରିଦେବି ? ଏଇ ଖରା ଗରମରେ ତ ନିଜେ ସିଝି ଯାଉଛି ତାକୁ କେମିତି ମାରିବି । ହଁ ସନ୍ଧ୍ୟାରେ ଡାକି ମାରିଦେବି । ଅସ୍ତରାଗ ଯାଇ ଅନ୍ଧାର ଘନେଇ ପଡୁଥିବ ଠିକ୍ ସେତିକିବେଳେ ମାରିଦେବି । ପାର୍କ ସାରା ପ୍ରଜାପତି ବୁଲୁଥିବେ, ଫୁଲ ହସୁଥିବେ, କୋଇଲି ଗୀତ ଗାଉଥିବ, ମଣିଷମାନଙ୍କ ପାଦ ଶବ୍ଦ ଶୁଣାଯାଉଥିବ ଠିକ୍ ସେତିକିବେଳେ ସୀମା ତା'ର ବର୍ତ୍ତମାନ ବୟଫ୍ରେଣ୍ଡ୍ ବିଷୟରେ କହି ମନରେ ନିଆଁ ଲଗାଇବ । ସେତିକିବେଳେ ରୂପାଲି ଛକରୁ ପ୍ୟାକ୍ କରି ନେଇଥିବା ଥଣ୍ଡା ଲସି ପିଇବାକୁ ଦେବି । ଖୁବ୍ ମିଠା, ରାବିଡି ଦିଆ ସୁଆଦିଆ ଲସି ସୀମା ଦାସର ଗୋଲାପି ଓଠ ଛୁଇଁ ଆହୁରି ମିଠା ଲାଗୁଥିବ, ଠିକ୍ ସେତିକିବେଳେ ତାକୁ ମାରିଦେବି ।

*ଭୁବନେଶ୍ୱର*
*ଫୋନ୍-୯୧୬୮୦୫୩୮୬୮*

# ସରବାୟାଣୀ

*ଡ. ଚନ୍ଦ୍ରକଳା ନାୟକ*

ସରଳତାରୁ ବହୁ ଦୂରରେ ମୋ ଗାଁ ବେଣାର ପାଟ
ରେଲ ଲାଇନ ଓ ପର୍ବତ ମଝିରେ
ବିରାଟ ଏକ ପ୍ରସ୍ତର ଖଣ୍ଡ
ଯେଉଁଠୁ ବାହାରେ ଆତ୍ମୀୟତାର ସମ୍ମୋହନ
ଜୀବନଟା ଭିଜିଯାଏ ତା ଦେହର ସୁଗନ୍ଧରେ ।
ହଁ, ମୁଁ ବୁଝିଛି
କେତେବେଳେ ସେଠି ବାର୍ଦ୍ଧକ୍ୟ ଆସେ
ଭାଙ୍ଗି ପଡେ ଅଣ୍ଟାର ହାଡ
ଝୁଣ୍ଟି ପଡେ କଣ୍ଟାର ବାଡ
ନିରୁଦ୍ଦିଷ୍ଟ ହୁଏ କାଳିଆର ମାଆଟା।
କେହି କଣ କେବେ ଭୁଲିଯାଏ ତାର ସେହି.... ସ୍ମୃତିକୁ
ସକାଳ ହେଲେ ଏଠି ହାଟ ବସେ
ଦୂର ଦୂରରୁ ବେପାରୀ ଆସନ୍ତି ବାଟହୁଡି
ଡାଙ୍ଗ ଦୋକାନରେ ବିକ୍ରି ହୁଏ
ତତଲା ଡହଡହ କାଚ ଗିଲାସରେ ଚାହା
ତାକୁ ଢୋକେ ପିଇଦେଇ ଚାଷୀ ଚାଲିଯାଏ
ତାର ନିଇତି ବେଉସା ବାଟରେ।
କିଚିରି ମଚିରି ଶବ୍ଦରେ ଚଢେଇ ଗୁଡା
ଖାଦ୍ୟ ଅନ୍ୱେଷଣରେ ବାହାରି ପଡନ୍ତି
ଠିକ୍ ସେତିକିବେଳେ, ବାସି ପାଇଟିସାରି
କାଳିଆଶୁଣି ଅଳା ଖରକେ ମୋ ଗାଁ ସରବାୟାଣୀ।
ମୋ ବାପା ଡାକୁଥିଲେ ଶ୍ରଦ୍ଧାରେ ସର
ଲୋକେ କିନ୍ତୁ ଡାକନ୍ତି ସରବାୟାଣୀ



ଅଲରା କେଶ ସାଙ୍ଗକୁ, ମିଳିଛିଆ ଲୁଗା
ସେକାଳେ ଯୌବନରେ ଭାରି ଆକର୍ଷିତା
ପରିସ୍ଥିତିର ଚାପରେ ଅନେକଙ୍କ ଦ୍ୱାରା ଅନ୍ତସତ୍ତ୍ୱା
ତଥାପି ମୁହଁମାଡି
ବଂଚିବାକୁ ସର୍ବଦା ପ୍ରୟାସ କରେ।
ଆଜି ଏଠି, କାଲି ସତିଆ କି ରାମବାରଣ୍ଡା
ସଠିକ୍ ନଥାଏ ତା ଜୀବନର ଗତି
ତେବେବି ସେ ଦମ୍ଭ ଧରେ କାନିଭିଡେ
ସାହସରେ ଧାନ ଉଁସାଏ ଚାଉଳବି ପାଛୁଡେ
ଘର ଘର ବୁଲି ବାସି ପାଇଟି କରେ
ହେଲେ, ତା ଶୁଖିଲା ମୁହଁରୁ ହସକୁ ସେମାରେ।
ବାପା କହୁଥିଲେ- ତାର ଠିକଣା ତ ନିରୁଦ୍ଦିଷ୍ଟ, ଆଉ
ଗେରସ୍ତ ତାର ଛାଡି ଯାଇଛି କେବେଠାରୁ
ହୀନସ୍ତା ଯୌବନଟା ତାକୁ କଲବଲ କରିଛି
ମୋ ଗାଁକୁ ଆସିବା ଦିନଠୁ ତା ନିରୀହ ମନଟା
ବେଳେ ବେଳେ ଯୋରରେ କୁହୁଳି ଉଠିଛି
ବଳାତ୍କାରୀ ମାନଙ୍କ ସତ୍ତାକୁ ଦେଖିଛି।
ସବୁ ସରିଗଲା ପରେ ବି ଜୀବନଟାକୁ
ତୁଚ୍ଛା ପଣରେ ସେ ଆପଣେଇ ନେଇଛି।
ସରବାୟାଣିଟା ମୋର ଭାରି ସୁନ୍ଦରୀ
ଏବେ ତ ତା ଚମ ଧୁଡୁ ଧୁଡୁ ତୁଚ୍ଛା ବୁଢୀ
ତା ଦରସିଆଁ ଲୁଗା ଭିତରେ ମୋ ଗାଁ ପିଲାମାନେ
ଦଉଡି ଯାନ୍ତି, ତା ନିକଟକୁ ତାର ପୂର୍ବ
ଇତିହାସର ହରଣ ଗୁଣନ ହିସାବ କରିବାକୁ।
ଆଶଙ୍କାର ଅନ୍ଧାର ଭିତରେ ଏବେବି ଶିହରି ଉଠେ ତା ଜୀବନ
ତା ବଂଚିବା ଆଉ ନିଶ୍ୱାସ ଛାଡିବାର ପ୍ରକିୟା
ଯେମିତି ଜମାଟ ବାନ୍ଧୁଥାଏ ନିଇତି ପ୍ରତି
ପାଞ୍ଚ ଫୁଟ ତିନି ଇଞ୍ଚର ସର ବାୟାଣୀ
ଏଥର ଗ୍ରାମ ଦେବତୀଙ୍କ ଚରଣ ତଳେ ବୋଧେ
ପବନ ଟିକକ ବାହାର କରିବାକୁ
ସବୁଦିନ ପାଇଁ ଅଳାଟାରେ ଅହ୍ଲିଆ ପଡୁଛି ।
ଶୁଣିଥିଲି ସରର କାଳେ ଦିଟା ଭେଣ୍ଡିଆ ପୁଅ
ହେଲେ ସେ କିନ୍ତୁ ଠିକଣା ନଥିବା ରାଜରାସ୍ତା
ଏ ଦୋବଲା ଜିଇଁବାରେ ତାର ଆୟୁସ ସରି ଆସୁଛି
ପିଲାଠୁ ବୁଢା ସମସ୍ତଙ୍କ ଟାହିଟାପରାକୁ ସହି
ଛାତିକୁ ପଥର କରି ଆକାଶକୁ ଅନାଇ ରହିଛି ।
ଗାଁ ଶେଷ ଶ୍ମଶାନରେ ନିଆଁଟିକକୁ ଅପେକ୍ଷା ରଖିଛି
ଜୁଳୁଜୁଳୁ ନୟନରେ ଅତୀତକୁ ରୋମନ୍ଥନ କରୁଛି
ମୋ ଗାଁ ସର ଆଜି ସରବାୟାଣୀ ପାଲଟି
ମୃତ୍ୟୁର ଶର ଶଯ୍ୟାରେ ଶୋଇଛି।

*ଅଧ୍ୟାପିକା, ମହାପୁରୁଷ ହାଡିଦାସ ମହାବିଦ୍ୟାଳୟ,*
*ଛତିଆ, ଯାଜପୁର*
*ମୋ-୯୪୩୭୯୫୭୬୧୭*



# ଶିଶୁର ହସ

*ଆଦ୍ୟାଶା ମହାପାତ୍ର*

ଶିଶୁ ହସିଲେ ଦୁନିଆ ହସେ
ତା' ଓଠୁ ମୁକ୍ତା ଝରେ
ସେଇ ନିଷ୍ପାପ ହସଟି ପରା
କୋଟିଏ ପ୍ରାଣ ଭରେ

ଦୁନିଆକୁ ସେ କରେ କିମିଆ
ତା' ଅନାବିଳ ହସେ
ଦରୋଟି କଥା ସେ ହସ ସାଥେ
ଦୁଃଖ ସନ୍ତାପ ନାଶେ

ସୁମନ ପରି ତା ହସ ଦୃଶ୍ୟ
କେବେ ପରଜାପତି
ଛଳଛଳ ସେ ଝରଣା ସମ
ମନେ ଜଗାଏ ଶାନ୍ତି

ତାରା ଫୁଲର ହସ ଖେଳଇ
କହିଲେ ଗେହ୍ଲା କଥା
ଝାଉଁଳି ଯାଏ ହସ ପାଖୁଡ଼ା
ତା ମନେ ଦେଲେ ବ୍ୟଥା

ମହୁଠୁ ମିଠା ହସଟି ତା'ର
ନିର୍ମଳ ଭାବ ଚିତ୍ତ
ପବିତ୍ର ଧାରା ପାବନୀ ଗଙ୍ଗା
ହସ ତା ନିର୍ବିକଳ୍ପ

କୋମଳ ମତି ଶିଶୁ ଅନ୍ତରେ
ନାହିଁଟି ଅଭିମାନ,
ଛନ୍ଦ କପଟ ଜାଣେନା ଯେଣୁ
ହସ ତା ପ୍ରାଣଧନ

ଆଜିର ଶିଶୁ ଆଗାମୀ ପାଇଁ
ଉଜ୍ଜଳ ଭବିଷ୍ୟତ,
ତା' ଓଠୁ ହସ ଲିଭିଲେ ପରା
ଭୋଗିବ ଦଶା ଦେଶ।

*ନୂଆପଡ଼ା, କଟକ*

# ଜୁନ ୧୮ରୁ ଆରମ୍ଭ ହେବ ହକି ଇଣ୍ଡିଆ ମାଷ୍ଟର୍ସ କପ୍

## ଯୋଗଦେବେ ଭେଟେରାନ ଖେଳାଳି

**ନୂଆଦିଲ୍ଲୀ**



ଭେଟେରାନ ଖେଳାଳିଙ୍କୁ ନେଇ ହକି ଇଣ୍ଡିଆ ମାଷ୍ଟର୍ସ କପ୍‌ର ଉଦ୍‌ଘାଟନୀ ସଂସ୍କରଣ ଜୁନ୍ ୧୮ରୁ ୨୭ ପର୍ଯ୍ୟନ୍ତ ଚେନ୍ନାଇରେ ହେବ। ହକି ଇଣ୍ଡିଆ ଶୁକ୍ରବାର ବିଧିବଦ୍ଧ ଭାବେ ଇଭେଣ୍ଟର ଭେନ୍ୟୁ ଓ ତାରିଖ ଘୋଷଣା କରିଛି। ଟୁର୍ଣ୍ଣାମେଣ୍ଟ ଲାଗି ଉଭୟ ପୁରୁଷ ଓ ମହିଳା ଖେଳାଳି ନିଲାମ ପ୍ରକ୍ରିୟାରେ ଭାଗ ନେବେ। ଏହି ଲିଗ୍ ଭାରତୀୟ ହକିର ଏକ ନୂଆ ଅଧ୍ୟାୟ ହେବାକୁ ଯାଉଛି।

ଭେଟେରାନ ଖେଳାଳିମାନଙ୍କ ଲାଗି ଏହା ହେଉଛି ଏକ ଉତ୍ସର୍ଗୀକୃତ। ପ୍ଲାଟଫର୍ମ ଲିଗ୍‌ର ନିୟମାନୁସାରେ ଏଥିରେ ପୁରୁଷ ବିଭାଗରେ ୪୦ବର୍ଷ କିମ୍ବା ତଦୂର୍ଦ୍ଧ ବୟସର ଖେଳାଳି ଭାଗ ନେଇପାରିବେ। ସେହିପରି ମହିଳା ବିଭାଗରେ ୩୫ ଏବଂ ତା'ଠାରୁ ଅଧିକ ବୟସର ଖେଳାଳି ଅଂଶଗ୍ରହଣ କରିପାରିବେ।

ଉଭୟ ବିଭାଗର ଦଳଗୁଡ଼ିକର ନାମ ଖୁବ୍‌ଶୀଘ୍ର ଘୋଷଣା କରାଯିବ। ଏହି ଇଭେଣ୍ଟରେ ଅଂଶଗ୍ରହଣ କରିବାକୁ ହେଲେ ସମ୍ପୃକ୍ତ ଖେଳାଳିଙ୍କୁ ସେମାନେ ରାଜ୍ୟ ୟୁନିଟ୍ ଜରିଆରେ ନାମ ପଞ୍ଜୀକରଣ କରିବାକୁ ହେବ ବୋଲି ହକି ଇଣ୍ଡିଆ କହିଛି। ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଥିବା ଦଳଗୁଡ଼ିକ ସ୍ଥିର ହେବା ପରେ ପୁଲ୍ ଢାଞ୍ଚାରେ ଲିଗ୍-କମ୍ ନକ୍‌ଆଉଟ ଭିତ୍ତିରେ ଖେଳାଯିବ। ପୂର୍ବତନ ଭାରତୀୟ ମହିଳା ହକି ଦଳ ଅଧିନାୟିକା ଅସୁନ୍ତା ଲାକ୍ରା ଟୁର୍ଣ୍ଣାମେଣ୍ଟରେ ଭାଗନେବା ଲାଗି ତାଙ୍କର ଆଗ୍ରହ ପ୍ରକାଶ କରିଛନ୍ତି।



# ଆରସିବିକୁ ୪୨ ରନ୍‌ରେ ହରାଇଲା ହାଇଦ୍ରାବାଦ

**ଲକ୍ଷ୍ନୌ**



ଆଇପିଏଲ ୨୦୨୫ର ୬୫ତମ ମ୍ୟାଚ୍ ଶୁକ୍ରବାର ଆରସିବି ଟସ୍ ଜିତି ହାଇଦ୍ରାବାଦକୁ ପ୍ରଥମେ ବ୍ୟାଟିଂ ପାଇଁ ଅମନ୍ତ୍ରଣ କରିଥିଲା। ହାଇଦ୍ରାବାଦର ଓପନର ଅଭିଷେକ ଶର୍ମା ଏବଂ ଟ୍ରାଭିସ୍ ହେଡ୍ ଦଳକୁ ଭଲ ଆରମ୍ଭ ଦେଇଥିଲେ। ପ୍ରଥମ ୱିକେଟ୍ ପାଇଁ ଦୁହିଁଙ୍କ ମଧ୍ୟରେ ୫୪ ରନ୍ ଭାଗୀଦାରି ହୋଇଥିଲା। ଅଭିଷେକ ୧୭ ବଲ୍‌ରେ ୩୪ ରନ୍ କରି ଆଉଟ୍ ହୋଇଥିଲେ। ଟ୍ରାଭିସ୍ ହେଡ୍ ୧୦ ବଲ୍‌ରେ ୧୭ ରନ୍ କରି ଆଉଟ୍ ହୋଇଥିଲେ। ଏହାପରେ କ୍ଲାସେନ୍ ୧୩ ବଲ୍‌ରେ ୨୪ ରନ୍ କରି ଫେରିଥିଲେ।

ଅନିକେତ୍ ବର୍ମା ପ୍ରଭାବଶାଳୀ ବ୍ୟାଟିଂ କରିଥିଲେ। ସେ ୯ ବଲରେ ୨୬ ରନ୍ କରି ପାଭିଲିୟନ ଫେରିଥିଲେ। ନୀତିଶ ରେଡ୍ଡି ୭ଟି ବଲ୍‌ରେ ମାତ୍ର ୪ ରନ୍ କରିବାରେ ସକ୍ଷମ ହୋଇଥିଲେ। ଅଭିନବ ମନୋହର ୧୧ ବଲ୍‌ରେ ମାତ୍ର ୧୨ ରନ୍ କରିପାରିଥିଲେ। ପ୍ୟାଟ୍ କମିନ୍ସ ୧୩ ରନ୍ କରି ଅପରାଜିତ ରହିଥିଲେ। କିନ୍ତୁ ଇଶାନ ୪୮ ବଲ୍‌ରେ ସାତ ଚୌକା ଏବଂ ପାଞ୍ଚ ଛକା ବଳରେ ଅପରାଜିତ ୯୪ ରନ୍ କରିଥିଲେ। ଇଶାନଙ୍କ ବ୍ୟାଟିଂ ବଳରେ ସନ୍ ରାଇଜର୍ସ ଦଳ ୨୦ ଓଭରରେ ଛଅ ୱିକେଟ୍ ହରାଇ ୨୩୧ ରନ୍ କରିବାରେ ସଫଳ ହୋଇଥିଲା। ଆରସିବି ପକ୍ଷରୁ ସେଫର୍ଡ ଦୁଇଟି ୱିକେଟ୍ ନେଇଥିବା ବେଳେ ଭୁବନେଶ୍ୱର କୁମା, ଏନଗିଡି, ସୁୟାଶ ଏବଂ କୃଣାଲ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ।

୨୩୨ ରନର ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଆରସିବି ଫିଲ ସଲ୍ଟ ୪ ଚୌକା ୫ ଛକା ସହ ୬୨ ରନ୍ କରିଥିବା ବେଳେ ବିରାଟ କୋହଲି ୭ଟି ଚୌକା ଗୋଟିଏ ଛକା ମାରି ୪୩ ରନ୍ କରିଥିଲେ। ଏହାପରେ ମୟଙ୍କ ଅଗ୍ରୱାଲ ୧୧, ରଜତ ପଟିଦାର ୧୮, ଜିତେଶ ଶର୍ମା ୨୪, ଟିମ ଡାଭିଡ ୧, କୃଣାଲ ପାଣ୍ଡ୍ୟା ୮, ଭୁବନେଶ୍ୱର କୁମାର ୩ କରି ଆଉଟ ହୋଇଥିଲେ। ଆରସିବି ୧୦ ୱିକେଟ ହରାଇ ୧୮୯ ରନ କରିବାକୁ ସକ୍ଷମ ହୋଇଥିଲା। ଫଳରେ ହାଇଦ୍ରାବାଦ ୪୨ ରନ୍‌ରେ ମ୍ୟାଚ୍ ଜିତିନେଇଥିଲା।

# ଅବସର ନେବେ ଶ୍ରୀଲଙ୍କାର ଅଭିଜ୍ଞ କ୍ରିକେଟର ଆଞ୍ଜେଲୋ ମାଥ୍ୟୁସ୍

**ନୂଆଦିଲ୍ଲୀ**



ଶ୍ରୀଲଙ୍କାର ଅଭିଜ୍ଞ କ୍ରିକେଟର ଆଞ୍ଜେଲୋ ମାଥ୍ୟୁସ୍ ଟେଷ୍ଟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ଶୁକ୍ରବାର ଏକ ବିବୃତିରେ ୩୭ ବର୍ଷୀୟ ମାଥ୍ୟୁସ୍ ନିଶ୍ଚିତ କରିଛନ୍ତି ଯେ ଜୁନ୍ ମାସରେ ଗାଲେ ଆନ୍ତର୍ଜାତୀୟ ଷ୍ଟାଡିୟମରେ ବାଂଲାଦେଶ ବିପକ୍ଷରେ ହେବାକୁ ଥିବା ଟେଷ୍ଟ ମ୍ୟାଚ ତାଙ୍କର ଦୀର୍ଘତମ ଫର୍ମାଟରେ ଶେଷ ମ୍ୟାଚ୍ ହେବ। ମାଥ୍ୟୁସ୍ ୨୦୦୯ରେ ଗାଲେରେ ପାକିସ୍ତାନ ବିପକ୍ଷରେ ଟେଷ୍ଟ ଡେବ୍ୟୁ କରିଥିଲେ। ୧୬ ବର୍ଷର କ୍ୟାରିୟରରେ ସେ ଶ୍ରୀଲଙ୍କାର ଟେଷ୍ଟ ଇତିହାସରେ ତୃତୀୟ ସର୍ବାଧିକ ରନ୍ ସଂଗ୍ରହକାରୀ ହୋଇପାରିଛନ୍ତି, କୁମାର ସାଙ୍ଗାକାରା ଓ ମାହେଲା ଜୟବର୍ଦ୍ଧନେଙ୍କ ପଛରେ।

୧୧୮ ଟେଷ୍ଟରେ ମାଥ୍ୟୁସ୍ ୪୪.୬୨ ହାରରେ ୮,୧୬୭ ରନ୍ ସଂଗ୍ରହ କରିଛନ୍ତି, ଯେଉଁଥିରେ ୧୬ଟି ଶତକ ଓ ୪୫ଟି ଅର୍ଦ୍ଧଶତକ ରହିଛି। ତାଙ୍କର ସର୍ବାଧିକ ସ୍କୋର-୨୦୦-୨୦୨୦ରେ ଜିମ୍ବାୱେ ବିପକ୍ଷରେ ହାରାରେ ସ୍ପୋର୍ଟସ କ୍ଲବରେ ଆସିଥିଲା।

"କୃତଜ୍ଞ ହୃଦୟ ଓ ଅବିସ୍ମରଣୀୟ ସ୍ମୃତି ସହିତ, ମୁଁ ଖେଳର ସବୁଠାରୁ ପ୍ରିୟ ଫର୍ମାଟ, ଆନ୍ତର୍ଜାତୀୟ ଟେଷ୍ଟ କ୍ରିକେଟକୁ ବିଦାୟ ଦେବାର ସମୟ ଆସିଛି ! ଶ୍ରୀଲଙ୍କା ପାଇଁ ୧୭ ବର୍ଷ କ୍ରିକେଟ ଖେଳିବା ମୋ ପାଇଁ ସର୍ବୋଚ୍ଚ ସମ୍ମାନ ଓ ଗର୍ବର ବିଷୟ।


"ଜାତୀୟ ଜର୍ସି ପିନ୍ଧି ଦେଶପ୍ରୀତି ଓ ସେବାର ଅନୁଭବ ଅତୁଳନୀୟ। ମୁଁ କ୍ରିକେଟକୁ ସବୁକିଛି ଦେଇଛି ଓ କ୍ରିକେଟ ମୋତେ ବଦଳରେ ସବୁକିଛି ଦେଇ ଆଜିର ବ୍ୟକ୍ତିତ୍ୱରେ ଗଢ଼ିଛି," ମାଥ୍ୟୁସ୍ ତାଙ୍କ ସୋସିଆଲ ମିଡିଆ ହ୍ୟାଣ୍ଡେଲରେ ଲେଖିଛନ୍ତି।

ତେବେ ମାଥ୍ୟୁସ୍ ହ୍ୱାଇଟ-ବଲ ଫର୍ମାଟରେ ନିର୍ବାଚନ ପାଇଁ ନିଜକୁ ଉପଲବ୍ଧ ରଖିଛନ୍ତି। ୨୦୦୮ରେ ହାରାରେ ଜିମ୍ବାୱେ ବିପକ୍ଷରେ ତାଙ୍କର ଓଡିଆଇ ଡେବ୍ୟୁ ହୋଇଥିଲା, ଯାହା ଆଜକୁ ୧୭ ବର୍ଷ ହେଲା।

"ମୁଁ ଖେଳ ପ୍ରତି କୃତଜ୍ଞ ଓ ଶ୍ରୀଲଙ୍କା କ୍ରିକେଟର ହଜାର ହଜାର ପ୍ରଶଂସକଙ୍କୁ ଧନ୍ୟବାଦ ଦେଉଛି, ଯେଉଁମାନେ ମୋ କ୍ୟାରିୟରର ସର୍ବୋଚ୍ଚ ଓ ନିମ୍ନତମ ସମୟରେ ମୋ ସହ ଥିଲେ। ଜୁନରେ ବାଂଲାଦେଶ ବିପକ୍ଷରେ ପ୍ରଥମ ଟେଷ୍ଟ ମ୍ୟାଚ୍ ମୋ ଦେଶ ପାଇଁ ଶେଷ ରେଡ-ବଲ ଖେଳ ହେବ।

"ଟେଷ୍ଟ ଫର୍ମାଟକୁ ବିଦାୟ ଦେଉଥିବା ବେଳେ, ଚୟନକର୍ତ୍ତାଙ୍କ ସହ ଆଲୋଚନା ଅନୁଯାୟୀ ମୁଁ ହ୍ୱାଇଟ-ବଲ ଫର୍ମାଟ ପାଇଁ ନିର୍ବାଚନ ଲାଗି ଉପଲବ୍ଧ ରହିବି, ଯଦି ମୋ ଦେଶର ଆବଶ୍ୟକତା ହୁଏ। ମୁଁ ବିଶ୍ୱାସ କରେ ଏହି ଟେଷ୍ଟ ଟିମ୍ ଏକ ପ୍ରତିଭାବାନ ଦଳ, ଯେଉଁଥିରେ ଅନେକ ଭବିଷ୍ୟତ ଓ ବର୍ତ୍ତମାନର ମହାନ ଖେଳାଳି ରହିଛନ୍ତି," ମାଥ୍ୟୁସ୍ କହିଛନ୍ତି। ୨୨୬ ଦିନିକିଆ ଓ ୯୦ ଟି-୨୦ରେ ମାଥ୍ୟୁସ୍ ଯଥାକ୍ରମେ ୫,୯୧୬ ଓ ୧,୪୧୬ ରନ୍ ସଂଗ୍ରହ କରିଛନ୍ତି, ଯେଉଁଥିରେ ୩ଟି ଶତକ ଓ ୪୬ଟି ଅର୍ଦ୍ଧଶତକ ରହିଛି।

# ଜିତେଶ ଶର୍ମା ହେଲେ ଆରସିବିର ନୂଆ ଅଧିନାୟକ



**ନୂଆଦିଲ୍ଲୀ**

ଆଇପିଏଲ ୨୦୨୫ର ୬୫ତମ ମ୍ୟାଚ୍‌ରେ ଆରସିବି ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। କିନ୍ତୁ ବଡ଼ ଖବର ଥିଲା ଯେ ଦଳ ଏହାର ଅଧିନାୟକ ପରିବର୍ତ୍ତନ କରିଛି। ରଜତ ପାଟିଦାରଙ୍କ ସ୍ଥାନରେ ଜିତେଶ ଶର୍ମାଙ୍କୁ ଅଧିନାୟକ କରାଯାଇଛି। ତେବେ ରଜତ ପାଟିଦାର ଜଣେ ଇମ୍‌ପ୍ୟାକ୍ଟ ପ୍ଲେୟାର ଭାବରେ ଖେଳିବେ କିନ୍ତୁ ଆଘାତ ଯୋଗୁ ତାଙ୍କୁ ୪୦ ଓଭର ପର୍ଯ୍ୟନ୍ତ ପଡ଼ିଆରେ ରଖାଯାଇପାରିବ ନାହିଁ। ଜିତେଶ ଶର୍ମାଙ୍କ ବିଷୟରେ କହିବାକୁ ଗଲେ, ସେ ଗତ ବର୍ଷ ପଞ୍ଜାବ କିଙ୍ଗସର ଅଧିନାୟକତ୍ୱ କରିଥିଲେ ଏବଂ ଗତ ବର୍ଷ ମଧ୍ୟ ସେ ହାଇଦ୍ରାବାଦ ବିପକ୍ଷରେ ଦଳର ନେତୃତ୍ୱ ନେଇଥିଲେ।

ବେଙ୍ଗାଲୁରୁ ଏବଂ ହାଇଦ୍ରାବାଦ ଦଳରେ କିଛି ବଡ଼ ପରିବର୍ତ୍ତନ ହୋଇଛି। ଫିଲ ସଲ୍ଟ ପ୍ଲେଇଂ ଏକାଦଶକୁ ଫେରିଛନ୍ତି। ସେହିଭଳି ମୟଙ୍କ ଅଗ୍ରୱାଲ ଏହି ସିଜିନରେ ପ୍ରଥମ ଥର ପାଇଁ ଦଳ ପାଇଁ ଖେଳିଛନ୍ତି। କୋଭିଡ ଯୋଗୁ ଶେଷ ମ୍ୟାଚ୍ ଖେଳିପାରିନ ଥିବା ହାଇଦ୍ରାବାଦ ଦଳକୁ ଟ୍ରାଭିସ ହେଡ ଫେରିଥିବା ବେଳେ ଜିତେଶ ଶର୍ମା ଅଧିନାୟକ ହୋଇଥିଲେ। ଉନାଦକଟ ପ୍ଲେଇଂ ଇଲେଭେନକୁ ଫେରିଛନ୍ତି।

# ପାରାମାଉଣ୍ଟ 'ଖେଳ ପଡ଼ିଆ' ଭବିଷ୍ୟତକୁ ନେଇ ଆଶଙ୍କା : ଉତ୍ସର୍ଗୀକୃତ କ୍ରିକେଟ୍ ପଡ଼ିଆ ଭାବେ ରହିବା ନେଇ ଦ୍ୱନ୍ଦ୍ୱ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**



ଦିନ ଥିଲା ରାଜଧାନୀ ଭୁବନେଶ୍ୱରରେ ଗୋଟିଏ ଋତୁରେ ୬ରୁ ୭ ବରିଷ୍ଠସ୍ତରୀୟ କ୍ରିକେଟ୍ ପ୍ରତିଯୋଗିତା ଆୟୋଜିତ ହେଉଥିଲା। ସହରରେ ବହୁ ଉତ୍ସର୍ଗୀକୃତ କ୍ରିକେଟ୍ ପଡ଼ିଆ ଥିବାରୁ ପ୍ରତ୍ୟେକ ୱାର୍ଡ ଓ ଅଞ୍ଚଳରେ ବିଭିନ୍ନସ୍ତରୀୟ ପ୍ରତିଯୋଗିତାମାନ ବି ଆୟୋଜିତ ହେଉଥିଲା। ଆଜି କିନ୍ତୁ ରାଜଧାନୀର କ୍ରୀଡ଼ା ଦୃଶ୍ୟପଟ୍ଟରେ ବ୍ୟାପକ ପରିବର୍ତ୍ତନ ଆସିଛି। ଏଠାକାର ବହୁମୁଖୀ କ୍ରୀଡ଼ା ଭିତ୍ତିଭୂମି ବିଶ୍ୱ ସ୍ତରୀୟ ହୋଇଛି। ଦୁର୍ଭାଗ୍ୟଜନକ ଭାବେ କ୍ରିକେଟ୍ ଭିତ୍ତିଭୂମି କିନ୍ତୁ ପୂର୍ବାପେକ୍ଷା ସଙ୍କୁଚିତ ହୋଇଛି। ଯେଉଁ ପଡ଼ିଆ କ୍ରିକେଟ୍ ଖେଳାଳିଙ୍କ ରଣଭୂମି ଥିଲା, ସେଥିରୁ ଅଧିକାଂଶ ଅନ୍ୟ ଖେଳର ଖାତାକୁ ଚାଲିଗଲାଣି କିମ୍ବା ଅନ୍ୟାନ୍ୟ ବ୍ୟାବହାରିକ କାର୍ଯ୍ୟରେ ବିନିଯୋଗ ହୋଇଗଲାଣି। ହାତଗଣତି ପଡ଼ିଆକୁ ନେଇ ରାଜଧାନୀର କ୍ରିକେଟ୍ ଦୁନିଆ ନିଜ ପୂର୍ବ ଗୌରବ ବଞ୍ଚାଇବା ପାଇଁ ସଂଘର୍ଷ କରୁଥିଲା ବେଳେ ସହରର ଅନ୍ୟତମ ପ୍ରତିଷ୍ଠିତ କ୍ରିକେଟ୍ ପଡ଼ିଆ 'ପାରାପାଉଣ୍ଟ ଗ୍ରାଉଣ୍ଡ'ର ଭବିଷ୍ୟତ ନେଇ ଆଶଙ୍କା ସୃଷ୍ଟି ହୋଇଛି। ଯାହା କ୍ରିକେଟ୍‌ପ୍ରେମୀଙ୍କୁ ଘୋର ଚିନ୍ତାରେ ପକାଇଛି। ସେହିଭଳି ପଡ଼ିଆ ପରିଚାଳନା କରୁଥିବା ପାରାମାଉଣ୍ଟ ସ୍ପୋର୍ଟିଂ କ୍ଲବ୍‌ର କର୍ମକର୍ତ୍ତାମାନେ ଆଶା ଓ ଆଶଙ୍କାର ଦୋ' ଛକିରେ ରହିଛନ୍ତି। ଏଠାରେ ଦୈନିକ ଅଭ୍ୟାସ କରୁଥିବା ଅଢ଼େଇ ଶହ (ଉଭୟ ପୁରୁଷ ଓ ମହିଳା)ରୁ ଅଧିକ କ୍ରିକେଟରଙ୍କର ମଧ୍ୟ ଆଗକୁ କ'ଣ ହେବ, କ'ଣ ନହେବ, ସେମାନେ କେମିତି ଅଭ୍ୟାସ କରିବେ, ସେ ଦ୍ୱନ୍ଦ୍ୱରେ ରହିଛନ୍ତି।

ସ୍ଥାନୀୟ ବିଜେବିନଗରଠାରେ ଥିବା ୨.୭ ଏକର ବିଶିଷ୍ଟ ଏହି ପଡ଼ିଆର ଇତିହାସ ପାଖାପାଖି ୫୦ବର୍ଷ। ସତୁରି ଦଶକର ଶେଷ ଆଡ଼କୁ କିଛି ଉତ୍ସାହୀ କ୍ରିକେଟର ବଡ଼ବଡ଼ ପଥର, ଅନାବନା ଜଙ୍ଗଲୀ ଘାସ ତଥା ଖାଲଖମାରେ ପରିପୂର୍ଣ୍ଣ ଏହି ପଡ଼ିଆର କିଛି ଅଂଶକୁ ସଫା କରି ସେଠାରେ କ୍ରିକେଟ୍ ଖେଳିବା ଆରମ୍ଭ କରିଥିଲେ। ୧୯୭୯ରେ ପାରାମାଉଣ୍ଟ ସ୍ପୋର୍ଟିଂ କ୍ଲବ୍ ଗଢ଼ାହେବା ସହ ଏହି ପଡ଼ିଆ ଭୁବନେଶ୍ୱରର ଅନ୍ୟତମ କ୍ରିକେଟ୍ କର୍ମଶାଳା ପାଲଟିଥିଲା। ସାଧାରଣ ପ୍ରଶାସନ ବିଭାଗ ଅଧୀନରେ ଥିବା ଏହି ପଡ଼ିଆଟି ୧୯୯୨ ମସିହାରେ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ତଥା ବରପୁତ୍ର ବିଜୁ ପଟ୍ଟନାୟକଙ୍କ ପ୍ରଚ୍ଛନ୍ନ ଅବଦାନ ପାଇଁ ଖେଳପଡ଼ିଆ ଭାବେ ସ୍ୱୀକୃତି ଲାଭ କରିଥିଲା। ପରବର୍ତ୍ତୀ ସମୟରେ ଏହା ଭୁବନେଶ୍ୱର ମହାନଗର ନିଗମ ଅଧୀନକୁ ଆସିଥିଲା। ତେବେ ପାରାମାଉଣ୍ଟ ସ୍ପୋର୍ଟିଂ କ୍ଲବ୍ କର୍ମକର୍ତ୍ତାଙ୍କ ଅଦମ୍ୟ ଉଦ୍ୟମ ପାଇଁ ପଡ଼ିଆଟି ଏକ ଉତ୍ସର୍ଗୀକୃତ କ୍ରିକେଟ୍ ପଡ଼ିଆ ଭାବେ ଗଢ଼ି ଉଠିଥିଲା। ସଂପ୍ରତି ଏଠାରେ ୭ଟି କ୍ରିକେଟ୍ ପିଚ୍ (୨ କଂକ୍ରିଟ୍, ୫ ଟର୍ଫ) ଥିଲା ବେଳେ ମହାନ କ୍ରିକେଟର୍ କପିଳ ଦେବଙ୍କ ଅନୁଦାନରେ ରାତ୍ରକାଳୀନ ଅଭ୍ୟାସର ବ୍ୟବସ୍ଥା ବି ରହିଛି। ସେହିଭଳି ଅତ୍ୟାଧୁନିକ ବୋଲିଂ ମେସିନ ମଧ୍ୟ ସ୍ଥାପିତ ହୋଇଛି।

ଏଠାରେ କ୍ରିକେଟ୍ ଖେଳି ବହୁ ଖେଳାଳି ଓଡ଼ିଶା ଦଳର ବିଭିନ୍ନ ବୟସବର୍ଗ ଦଳରେ ସ୍ଥାନ ପାଇଛନ୍ତି। ପୁଣି ରାଜ୍ୟ ଦୃଷ୍ଟିହୀନ କ୍ରିକେଟ୍ ଦଳ, ଦିବ୍ୟାଙ୍ଗ କ୍ରିକେଟ୍ ଦଳ ଏଠାରେ ଅଭ୍ୟାସ କରି ଜାତୀୟ ସ୍ତରରେ ସଫଳତା ଲାଭ କରିଛନ୍ତି। ପ୍ରଭଞ୍ଜନ ମଲ୍ଲିକ, ଦୀପ୍ତିରଂଜନ ଜେନା, ତନ୍ମୟ ପଟ୍ଟନାୟକ, ଚିତ୍ତରଞ୍ଜନ ସ୍ୱାଇଁଙ୍କ ଭଳି ଖେଳାଳି ଏହିଠାରୁ ଖେଳ ଆରମ୍ଭ କରିଥିବା ଜଣାପଡ଼ିଛି। ୧୯୯୯ରୁ ୨୦୦୫ ମସିହା ପର୍ଯ୍ୟନ୍ତ ନିୟମିତ ଭାବେ ଏଠାରେ ବରିଷ୍ଠସ୍ତରୀୟ ଅନ୍ତଃକ୍ଲବ୍ କ୍ରିକେଟ୍ ପ୍ରତିଯୋଗିତା ଆୟୋଜିତ ହେଉଥିଲା। ୨୦୦୫ ପରଠାରୁ ଆର୍ଥିକ ବୋଝକୁ କମ୍ କରିବା ଲାଗି ପାରାମାଉଣ୍ଟ କ୍ଲବ୍ ପକ୍ଷରୁ ଅଦଳବଦଳ କରି କନିଷ୍ଠ ଓ ବରିଷ୍ଠସ୍ତରୀୟ ପ୍ରତିଯୋଗିତା ଆୟୋଜନ କରାଯାଉଛି। ଖେଳାଳିଙ୍କ ଫିଟ୍‌ନେସ୍ ପାଇଁ ଏକ ଜିମ୍ନାସିୟମ ମଧ୍ୟ ଏଠାରେ କାର୍ଯ୍ୟକରୁଛି। ତେବେ ୨୦୨୪ ମସିହା ସେପ୍ଟେମ୍ବର ମାସଠାରୁ ଏହି ପଡ଼ିଆର ମାଲିକାନା ବକ୍ସି ଜଗବନ୍ଧୁ ବିଦ୍ୟାଧର ସ୍ୱୟଂଶାସିତ ବିଦ୍ୟାଳୟ ହାତକୁ ଚାଲିଯାଇଛି। ପଡ଼ିଆଟି ଏଭଳି ଏକ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ହାତକୁ ଯିବା ସ୍ୱାଗତ ଯୋଗ୍ୟ। ତେବେ ଏଥିଲାଗି ଆଗାମୀ ସମୟରେ ଏହାର ଚରିତ୍ର ଓ ପ୍ରକାର ବଦଳିବା ନେଇ ବାଟ ବି ଖୋଲିଛି। ଏଣୁ ମାଲିକାନା ଯାହା ହାତରେ ଥାଉ ନା କାହିଁକି ପାରମାଉଣ୍ଟ ଗ୍ରାଉଣ୍ଡର ଚରିତ୍ର 'ଖେଳ ପଡ଼ିଆ' ଭାବେ ଅକ୍ଷୁଣ୍ଣ ରଖିବାକୁ ସାମ୍ବାଦିକ ସମ୍ମିଳନୀରେ କ୍ଲବ୍‌ର କର୍ମକର୍ତ୍ତାମାନେ ରାଜ୍ୟ ସରକାରଙ୍କ ନିକଟରେ ଦାବି କରିଛନ୍ତି।

କ୍ଲବ୍‌ର ସଭାପତି ପ୍ରତାପ କୁମାର ଜେନା କହିଛନ୍ତି, ପାରାମାଉଣ୍ଟ ପଡ଼ିଆ ବିଜେବି କଲେଜ୍ ମାଲିକାନାକୁ ଯିବାରେ ଆମର କୌଣସି ଅସୁବିଧା ନାହିଁ। ତେବେ ଏହା ଭବିଷ୍ୟତରେ ଯେଭଳି କେବଳ ଖେଳ ପଡ଼ିଆ ଭାବେ ହିଁ ଉପଯୋଗ ହେବ, ତାହା ରାଜ୍ୟ ସରକାର ସୁନିଶ୍ଚିତ କରନ୍ତୁ। ଏହି ପଡ଼ିଆରୁ ବହୁ କ୍ରିକେଟର୍ ସୃଷ୍ଟି ହୋଇଛନ୍ତି। ଏବେବି ଦୈନିକ ଅଢ଼େଇ ଶହରୁ ଅଧିକ ପିଲା କ୍ରିକେଟ୍ ଅଭ୍ୟାସ କରିବା ସହ ଖେଳୁଛନ୍ତି। ଖରାଦିନରେ ଯଦି ରାଜଧାନୀର କୌଣସି କ୍ରିକେଟ୍ ପଡ଼ିଆରେ ସବୁଜ ଘାସ ଦେଖିବାକୁ ଚାହିଁବେ, ତାହେଲେ ଆମ ପଡ଼ିଆରେ ହିଁ ଦେଖି ପାରିବେ। ଏଣୁ ପାରାମାଉଣ୍ଟ ପଡ଼ିଆ ଯେଭଳି ଅନ୍ୟାନ୍ୟ ନିର୍ମାଣ କାର୍ଯ୍ୟରେ ଉପଯୋଗ ନହୁଏ, ସେ ଦିଗରେ ବିଶେଷ ଧ୍ୟାନ ଦେବାକୁ ଆମେ କ୍ରୀଡ଼ାମନ୍ତ୍ରୀ ଓ ରାଜ୍ୟ ସରକାରଙ୍କୁ ଅନୁରୋଧ କରୁଛୁ।

# ବିଶ୍ୱଶାନ୍ତି ପାଇଁ ସାଇକେଲ ଶୋଭାଯାତ୍ରା

**ଖୋର୍ଦ୍ଧା, ନ୍ୟୁଜ୍‌ବ୍ୟୁରୋ**

ଖୋର୍ଦ୍ଧା ସହର ନିକଟସ୍ଥ କେରଙ୍ଗ ମହମୁଦାବାଦ ଅହମଦୀୟା ମୁସଲିମ ଜମାତ ଆନୁକୁଲ୍ୟରେ ଆନ୍ତଃସଂଗଠନ ମଜଲିସ ଅନସାରୁଲ୍ଲା ତରଫରୁ ଏକ ସାଇକେଲ ଶୋଭାଯାତ୍ରା ରାଇଡ ଫର ପିସ୍ ଭୋର ୫:୩୦ରେ ମସଜିଦ ନାସର ଠାରୁ ବାହାରି ସାରୁଅ ରାଜପଥ ପର୍ଯ୍ୟନ୍ତ ଯାଇଥିଲା। ଏହି ଶୋଭାଯାତ୍ରାକୁ ଜଇମ ଅନସାରୁଲ୍ଲା ଅଜିଜୁଲ୍ଲା ଖାନ ସଂଚାଳନ କରିଥିବା ବେଳେ ଖୋର୍ଦ୍ଧା ଓ ନୟାଗଡ ଜିଲ୍ଲା ସଭାପତି ସୈଫୁର ଅହମଦ ଏହାର ନେତୃତ୍ୱ ନେଇଥିଲେ। ସ୍ଥାନୀୟ ମୌଲାନା ଶେଖ ଇଦ୍ରିସ ତଥା ମୋବଲ୍ଲିଗ ଇନଚାର୍ଜ ହଲିମ ଅହମଦ ଖାଁ ସମବେତ ପ୍ରାର୍ଥନା କରାଇ ଏହାର ଶୁଭାରମ୍ଭ କରିଥିଲେ। ଏହି ଶୋଭାଯାତ୍ରାରେ ଜିଲ୍ଲା ଯୁବ ସଂଗଠନର ସଭାପତି ସୋଲେମାନ ଅହମଦ, ସ୍ଥାନୀୟ ସଭାପତି ଇଦ୍ରିସ ଖାନ ଏବଂ ଇଂ. ରୌଶନ ଖାନଙ୍କ ସହିତ ୱଲିମୁଦ୍ଦିନ ଖାନ, ସଲାମତ ଖାନ, ୱସୀମ ଖାନ, ସଫିକୁଦ୍ଦିନ ଖାନ, ମଂଜୁର ଅହମଦ, ସଫିକତୁଲ୍ଲା ଖାନ ତଥା ଅନ୍ୟ ୩୦ ଜଣ ଅନସାର ସଦସ୍ୟ ସକ୍ରିୟ ଅଂଶଗ୍ରହଣ କରିଥିଲେ। ସେମାନେ ନିଜ ନିଜର ସାଇକେଲ ଆଗରେ ବିଭିନ୍ନ ପ୍ରକାର ଶାନ୍ତି ଓ ପ୍ରେମ ବାର୍ତ୍ତା ମୂଳକ ପ୍ଲାକାର୍ଡ ଧରି ବିଭିନ୍ନ ସ୍ଲୋଗାନମାନ ଦେଇଥିଲେ।

# ରାଜ୍ୟସ୍ତରୀୟ ଯୋଗ ଅଲମ୍ପିଆଡ୍ ପ୍ରତିଯୋଗିତାରେ ମୟୂରଭଞ୍ଜର କ୍ରିଷ୍ଣା ଦାସ ତୃତୀୟ




**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ, ଓଡ଼ିଶା, ଭୁବନେଶ୍ୱର ପତ୍ରାଙ୍କ ସଂଖ୍ୟା ୧୧୦୨୭ ତାରିଖ ୦୮/୦୫/୨୦୨୫ ଚିଠି ଅନୁଯାୟୀ ଚଳିତ ମେ ମାସ ୨୦ରୁ ୨୨ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ରାଜ୍ୟସ୍ତରୀୟ ଯୋଗ ଅଲମ୍ପିଆଡ୍ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ମୟୂରଭଞ୍ଜ ଜିଲ୍ଲାର ବାରିପଦାସ୍ଥିତ ପୋଲିସ ସରକାରୀ ଉଚ୍ଚ ବିଦ୍ୟାଳୟ ଅଷ୍ଟମ ଶ୍ରେଣୀର ଛାତ୍ର କ୍ରିଷ୍ଣା ଦାସ ୧୪ ବର୍ଷରୁ କମ୍ ବାଳକ ବିଭାଗରେ ତୃତୀୟ ହୋଇଛନ୍ତି। ଏହି ସଫଳତା ପାଇଁ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଓ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକ ଶୁଭେଚ୍ଛା ଜଣେଇଛନ୍ତି।

# ହରିଦ୍ୱାରରୁ ଆସିଥିବା ଜ୍ୟୋତି କଳସ ରଥର କେନ୍ଦୁଝର ସହର ପରିକ୍ରମା

**କେନ୍ଦୁଝର, ନ୍ୟୁଜ୍**



ଆଦିମାତା ଗାୟତ୍ରୀ ତୀର୍ଥ ଶାନ୍ତିକୁଞ୍ଜ ହରିଦ୍ୱାର ପକ୍ଷରୁ ସାରା ବିଶ୍ୱରେ ଗାୟତ୍ରୀ ଯଜ୍ଞ ମାଧ୍ୟମରେ ଶାନ୍ତିର ପବିତ୍ର ବାତାବରଣ ସୃଷ୍ଟି କରିବା ତଥା ପରାମପୂଜ୍ୟ ଗୁରୁଦେବ ପଣ୍ଡିତ ଶ୍ରୀରାମଶର୍ମା ଆଚାର୍ଯ୍ୟ ଓ ମାତା ଭଗବତୀ ଦେବୀଙ୍କ ପବିତ୍ର ବାର୍ତ୍ତା କେନ୍ଦୁଝରର କୋଣ ଅନୁକୋଣରେ ଲୋକଙ୍କ ପାଖରେ ପହଞ୍ଚାଇବା ଲକ୍ଷ୍ୟରେ ଶାନ୍ତିକୁଞ୍ଜ ହରିଦ୍ୱାରରୁ ଆସିଥିବା ପବିତ୍ର ଜ୍ୟୋତି କଳସ ଯାତ୍ରା ଶୁକ୍ରବାର କେନ୍ଦୁଝର ସହରରେ ପହଞ୍ଚିଛି। ଏହି ରଥ ପ୍ରାତଃ ଆଠଟା ସମୟରେ କେନ୍ଦୁଝରର ସିଲିସୁଆଁ ଗ୍ରାମରେ ପହଞ୍ଚିବା ପରେ ରାଇସୁଆଁ, ବାଲିଆଗୋଡା, ଧୁପଦା, ନୂଆଗାଁ, ନିହାଲସିଂହ ଛକ, କଂସାରିସାହି ଛକ, ଅଟୋପୁର ରାସ୍ତା ଦେଇ ପୁରୁଣା ସହର ସ୍ଥିତ କେନ୍ଦୁଝରର ରାଷ୍ଟ୍ର ଦେବତା ପ୍ରଭୁଶ୍ରୀ ବଳଦେବଜୀଉ ମନ୍ଦିର ସମ୍ମୁଖରେ ଦିନ ୧ଟା ସମୟରେ ପହଞ୍ଚିଥିଲା। ସେଠାରେ ମାତା ଗାୟାତ୍ରୀଙ୍କ ଜ୍ୟୋତି କଳସ ରଥର ଭବ୍ୟ ସ୍ୱାଗତ କେନ୍ଦୁଝର ଗାୟତ୍ରୀ ପରିବାର ପକ୍ଷରୁ କରାଯାଇଥିଲା। ଅପରାହ୍ଣ ୨ଟା ବେଳେ ସେଠାରୁ ଜ୍ୟୋତିକଳସ ରଥ ଠାକୁରପାଟଣା, ରାଙ୍କି, ସରାସ ରାସ୍ତା ଦେଇ ମଣ୍ଡୁଆ ସ୍ଥିତ ତାରିଣୀ ମନ୍ଦିର ନିକଟରେ ଭବ୍ୟ ସ୍ୱାଗତ ଓ ପୂଜାର୍ଚ୍ଚନା କରାଯିବାର ବ୍ୟବସ୍ଥା ରହିଥିଲା। ସେଠାରୁ ଅପରାହ୍ଣ ଚାରିଟା ସମୟରେ ଏକ ବିଶାଳ ଶୋଭାଯାତ୍ରାରେ ଜ୍ୟୋତି କଳସ ରଥକୁ କାଶୀପୁର ସ୍ଥିତ ଲକ୍ଷ୍ମୀନାରାୟଣ ମନ୍ଦିରରେ ରଖାଯାଇଥିଲା। ପରେ ଏହି ରଥ କେନ୍ଦୁଝରଗଡ଼ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରାଙ୍ଗଣକୁ ନିଆଯାଇ ସେଠାରେ ଜ୍ୟୋତିକଳସ ପୂଜନ ଓ ଦ୍ୱିପଯଜ୍ଞ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଗୌରତୋଟା ସାହି ଗୋବିନ୍ଦଧାମ ପାଇଉସରରେ ଏହି ରଥ ରାତ୍ରିପୂଜନ ରହିଥିଲା। ଶନିବାର ଏହି ଜ୍ୟୋତିକଳସ ରଥ ଭାଲୁକିପଟଳା, ମାଧପୁର, କଲେଜରୋଡ଼, ବ୍ରାହ୍ମଣୀଗାଁ, ଗୁମୁରା, ବଡ଼ହଳ, ମାଇନିଂରୋଡ଼ ନିଉକଲୋନୀ ରାସ୍ତା ଦେଇ ପବିତ୍ରଡ଼ିହାରେ ପହଞ୍ଚିବ। ସେଠାରେ ସାମୁହିକ ପୂଜନ, ଗାୟତ୍ରୀ ଯଜ୍ଞ ଓ ଦ୍ୱିପଯଜ୍ଞ ଅନୁଷ୍ଠିତ ହେବ। ପରେ ଅପରାହ୍ଣରେ ବରାଳଲଜ ଗଳି, ଦେଇ ଜଗନ୍ନାଥପୁର ସ୍ଥିତ ଗାୟତ୍ରୀ ଶକ୍ତିପୀଠରେ ଏହି ରଥକୁ ଭବ୍ୟ ସ୍ୱାଗତ କରାଯିବ। ପରେ ବଳଦେବଜୀଉ କଲୋନୀ, ସିଲୁଆଁ, ଗୋବିନ୍ଦପୁର ବାମ୍ପାର ଦେଇ ଏହି ଭବ୍ୟ ରଥ ଡିମ୍ବୋ ଗ୍ରାମରେ ରାତ୍ରିଯାପନ କରିବ ବୋଲି ଗାୟତ୍ରୀ ଶକ୍ତିପୀଠର ମୁଖ୍ୟ ଟ୍ରଷ୍ଟି ଜଗଦୀଶ ପ୍ରସାଦ ଦାଶ ସୂଚନା ଦେଇଛନ୍ତି। ଏହି ରଥ ପରିକ୍ରମାରେ କେନ୍ଦୁଝର ଗାୟତ୍ରୀ ପରିବାରର ହଜାର ସଂଖ୍ୟାରେ ସଦସ୍ୟ ଓ କେନ୍ଦୁଝର ଲୋକଙ୍କ ସହଯୋଗରେ ସମ୍ପାଦନ ହେବ ବୋଲି ସୂଚନା ଦିଆଯାଇଛି। ସୋମବାର ଏହା ପାଟଣା ବ୍ଲକକୁ ଯାତ୍ରା କରିବ ଓ ଅନ୍ୟ ଜିଲ୍ଲାକୁ ଯିବ।

## ବରଗଡ଼ ଜିଲ୍ଲା ସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ

# ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ

**ବରଗଡ଼, ନ୍ୟୁଜ୍‌ବ୍ୟୁରୋ**



ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଆଗାମୀ ବର୍ଷା ଋତୁରେ ବନ୍ୟା, ବାତ୍ୟା ଭଳି ଜରୁରୀକାଳୀନ ପରିସ୍ଥିତିର ମୁକାବିଲା କରିବା ସହ ଶୂନ୍ୟ ମୃତ୍ୟୁ ସୁନିଶ୍ଚିତ କରିବା ପାଇଁ ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ, ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ, ପଦମପୁର ବିଧାୟିକା ବର୍ଷା ସିଂ ବରିହା, ଜିଲ୍ଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ପୌରାଧ୍ୟକ୍ଷା କଳ୍ପନା ମାଝୀ, ପଦମପୁର ଅତିରିକ୍ତ ଜିଲ୍ଲାପାଳ କୃଣାଲ ମୋତିରାମ ଚୌହାନ, ବରଗଡ଼ ଅତିରିକ୍ତ ଜିଲ୍ଲାପାଳ ମହେନ୍ଦ୍ର ମହାପାତ୍ର, ଜିଲ୍ଲା ସ୍ତରୀୟ ଅଧିକାରୀ, ଅଗ୍ନିଶମ, ଓଡ୍ରାଫ, ଜଙ୍ଗଲ ଓ ପରିବେଶ ଭିଭାଗ ଅଧିକାରୀ, ସମସ୍ତ ବିଡ଼ିଓ, ତହସିଲଦାର ଏବଂ କାର୍ଯ୍ୟ ନିର୍ବାହୀ ଅଧିକାରୀ ଉପସ୍ଥିତ ଥିଲେ।

ବୈଠକରେ ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟ ଏବଂ ବନ୍ୟା, ବାତ୍ୟାର ମୁକାବିଲା ନିମନ୍ତେ ଆଗୁଆ ପଦକ୍ଷେପ ନେବା ସହ ଏହାର ସୁପରିଚାଳନା ନିମନ୍ତେ ବିଭାଗୀୟ ଅଧିକାରୀ ତଥା କ୍ଷେତ୍ର କର୍ମଚାରୀମାନେ ସଜାଗ ରହିବା, ଜିଲ୍ଲାର ବନ୍ୟା ପ୍ରବଣ ଅଞ୍ଚଳ ତଥା ତଳି ଅଞ୍ଚଳ ଗୁଡିକରେ ସମ୍ଭାବ୍ୟ ବନ୍ୟା ପରିସ୍ଥିତିରେ ଉଦ୍ଧାର ଓ ଥଇଥାନ କରିବା ନିମନ୍ତେ ଅସ୍ଥାୟୀ ଆଶ୍ରୟସ୍ଥଳୀ ଗୁଡିକ ଚିହ୍ନଟ କରି ପ୍ରସ୍ତୁତ ରଖିବା ଏବଂ ପାଣି ଜମିରହୁଥିବା ସ୍ଥାନଗୁଡିକୁ ଚିହ୍ନଟ କରି ଯଥାଶୀଘ୍ର ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିବା, ବର୍ଷା ପୂର୍ବରୁ ସମସ୍ତ ନଳାଗୁଡିକୁ ସଫା କରିବା, ସୁବ୍ୟବସ୍ଥିତ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ସହ ନିୟମିତ ସମୟ ବ୍ୟବଧାନରେ ସମସ୍ତ ନଳକୂପ, ପାଇପ ଜଳ ଯୋଗାଣ, କୂପ ଇତ୍ୟାଦିକୁ ବିଶୁଦ୍ଧକରଣ କରିବା, ଜିଲ୍ଲାରେ ଥିବା ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ର ତଥା ଜିଲ୍ଲା ଓ ଉପଖଣ୍ଡ ଚିକିତ୍ସାଳୟ ଗୁଡିକରେ ଆବଶ୍ୟକ ପରିମାଣର ଔଷଧ, ହାଲୋଜେନ ବଟିକା, ବ୍ଲିଚିଂ ପାଉଡ଼ର ଇତ୍ୟାଦି ମହଜୁଦ କରି ରଖିବା ସହ ପରିମଳ ନିମନ୍ତେ ଆଗୁଆ ପଦକ୍ଷେପ ଗ୍ରହଣ କରିବା, ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡିକରେ ସାପ କାମୁଡ଼ା ଇଂଜେକସନ ଉପଲବ୍ଧ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।

ଜିଲ୍ଲାର ବିଭିନ୍ନ ଜଳସେଚନ ପ୍ରକଳ୍ପ ଓ ନଦୀବନ୍ଧ ଗୁଡିକର ବନ୍ୟା ପ୍ରବଣ ସ୍ଥାନ ଚିହ୍ନଟ କରି ଆବଶ୍ୟକ ପ୍ରତିକାର ଗ୍ରହଣ କରିବା, ବନ୍ୟା ପ୍ରବଣ ଅଞ୍ଚଳ ଏବଂ ଦୁର୍ଗମ ଅଞ୍ଚଳରେ ଅତ୍ୟାବଶ୍ୟକ ସାମଗ୍ରୀ ଯଥା ଚୂଡ଼ା, ଚାଉଳ, କିରୋସିନ, ଦିଆସିଲି, ମହମବତୀ ଇତ୍ୟାଦି ସାମଗ୍ରୀ ଯଥେଷ୍ଟ ପରିମାଣରେ ମହଜୁଦ କରି ରଖିବା, ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ବିଶୁଦ୍ଧ ପାନୀୟଜଳ ଯୋଗାଣ ତଥା ପରିମଳ ବ୍ୟବସ୍ଥାକୁ ସୁନିଶ୍ଚିତ କରିବା, ପୌର ପରିଷଦ ଏବଂ ଏନଏସି ଅନ୍ତର୍ଗତ ସମସ୍ତ ୱାର୍ଡ, ବସ୍ତିରେ ଥିବା ନାଳଗୁଡିକୁ ଯଥାଶୀଘ୍ର ସଫେଇ କରିବାକୁ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ସେ ନିର୍ଦ୍ଦେଶ ଦେବା ସହ ସମ୍ଭାବ୍ୟ ବନ୍ୟା ବାତ୍ୟା ଆଦି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ପ୍ରାଣୀ ସମ୍ପଦର ସୁରକ୍ଷା ନିମନ୍ତେ ଆଗୁଆ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରିବା ସହ ପର୍ଯ୍ୟାପ୍ତ ପରିମାଣରେ ଆବଶ୍ୟକ ଔଷଧ ରଖିବା ଓ ଟୀକାକରଣ କରିବାକୁ ସିଡିପିଓଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ସମନ୍ୱୟର ସମସ୍ତ କାର୍ଯ୍ୟ କରିବା ପାଇଁ ଉପସ୍ଥିତ ସମସ୍ତ ଲୋକ ପ୍ରତିନିଧି ନିର୍ଦ୍ଦେଶ ଦେବା ସହ ଜିଲ୍ଲାରେ ପାନୀୟ ଜଳ ଯୋଗାଣ, ପ୍ରଚୁର ପରିମାଣର ଖାଦ୍ୟ, ଔଷଧ, ଓଆରଏସ ମହଜୁଦ ରଖି ଜରୁରୀ କାଳୀନ ପରିସ୍ଥିତିର ମୁକାବିଲା କରିବା ପାଇଁ କହିଥିଲେ।

ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମହାପାତ୍ର ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟ, ବନ୍ୟା ଓ ବାତ୍ୟାର ମୁକାବିଲା ନିମନ୍ତେ ଜିଲ୍ଲାରେ ପ୍ରାକ ପ୍ରସ୍ତୁତି ଓ ପରବର୍ତ୍ତୀ ପଦକ୍ଷେପ ସମ୍ପର୍କରେ ସୂଚନା ଦେବା ସହ ବୈଠକରେ ଆଲୋଚ୍ୟ ବିଷୟ ଉପସ୍ଥାପନା କରିଥିଲେ ଏବଂ ଜିଲ୍ଲା କାର୍ଯ୍ୟାଳୟ, ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ସମସ୍ତ ବ୍ଲକ, ତହସିଲ ଓ ଜରୁରୀ ସେବା ଯୋଗାଉଥିବା ସମସ୍ତ କାର୍ଯ୍ୟାଳୟ ଗୁଡିକରେ ଖୋଲା ଯାଇଥିବା କଣ୍ଟ୍ରୋଲ ରୁମ୍‌ଗୁଡିକୁ ସଠିକ ଭାବେ ପରିଚାଳନା କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏତଦବ୍ୟତୀତ ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟ, ବନ୍ୟା, ବାତ୍ୟାର ମୁକାବିଲା ନିମନ୍ତେ ବିଭିନ୍ନ ବିଭାଗୀୟ ଅଧିକାରୀ ନିଜ ନିଜ ବିଭାଗର ପ୍ରସ୍ତୁତି ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ।



# କଷ୍ଟ୍ ଆଣ୍ଡ୍ ମ୍ୟାନେଜମେଣ୍ଟ ଆକାଉଟାଣ୍ଟମାନେ ସମୃଦ୍ଧ ଏବଂ ବିକଶିତ ଭାରତ ଗଠନ ପାଇଁ ନିରନ୍ତର କାର୍ଯ୍ୟ କରନ୍ତୁ : ରାଜ୍ୟପାଳ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

କଷ୍ଟ୍ ଆଣ୍ଡ୍ ମ୍ୟାନେଜମେଣ୍ଟ ଆକାଉଟାଣ୍ଟମାନେ ଏକ ସମୃଦ୍ଧ ଓ ବିକଶିତ ଭାରତ ଗଠନ ପାଇଁ ନିରନ୍ତର କାର୍ଯ୍ୟ କରନ୍ତୁ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି ଆହ୍ୱାନ ଜଣାଇଛନ୍ତି। ଚଳିତ ମଇ ୨୩ ତାରିଖ ଦିନ ସୋଆ ବିଶ୍ୱ ବିଦ୍ୟାଳୟର ଅଡ଼ିଟୋରିୟମ୍‌ଠାରେ ଆୟୋଜିତ ୬୨ତମ ଜାତୀୟ କଷ୍ଟ୍ ଆଣ୍ଡ୍ ମ୍ୟାନେଜମେଣ୍ଟ ଆକାଉଟାଣ୍ଟ ସମ୍ମିଳନୀକୁ ମୁଖ୍ୟ ଅତିଥି ଭାବେ ଉଦ୍‌ଘାଟନ କରି ରାଜ୍ୟପାଳ ଏହି ଆହ୍ୱାନ ଜଣାଇଛନ୍ତି। ଏହି ସମ୍ମିଳନୀରେ ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ ଭାରତ ୫ ଟ୍ରିଲିୟନ ଡଲାର ଅର୍ଥନୀତି ଏବଂ ୨୦୪୭ ସୁଦ୍ଧା ବିକଶିତ ଭାରତର ସ୍ୱପ୍ନ ପୂରଣ ଆଡକୁ ଅଗ୍ରସର ହେଉଥିବାବେଳେ କଷ୍ଟ୍ ଆଣ୍ଡ୍ ମ୍ୟାନେଜମେଣ୍ଟ ଆକାଉଟାଣ୍ଟ ମାନଙ୍କର ଭୂମିକା ପୂର୍ବ ଅପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଛି। ବିଶ୍ୱ ଏକ ଅଭୁତପୂର୍ବ ଗତିରେ ବିକଶିତ ହେଉଛି। କୃତ୍ରିମ ବୁଦ୍ଧିମତା ଠାରୁ ଡାଟା ଆନାଲିଟିକ୍ସ ପର୍ଯ୍ୟନ୍ତ, ପ୍ରଯୁକ୍ତି ବିଦ୍ୟା ବ୍ୟବସାୟ ପରିଚାଳନାକୁ ରୂପଦେବା, ବିଶ୍ୱ ଗତିଶୀଳତା କ୍ଷେତ୍ରେର ଆହ୍ୱାନର ମୁକାବିଲା ପାଇଁ ବୃତ୍ତିଧାରୀମାନଙ୍କର ଆବଶ୍ୟକତା ରହିଛି, ଯେଉଁମାନେ ନେତୃତ୍ୱ ନେଇ ପାରିବେ। ଏ କ୍ଷେତ୍ରେର ଆପଣମାନଙ୍କର ବିଶେଷଜ୍ଞତା କେବଳ ମୂଲ୍ୟବାନ ନୁହେଁ, ବରଂ ଅପରିହାର୍ଯ୍ୟ। ବର୍ତ୍ତମାନ ବ୍ୟବସାୟରେ କାର୍ଯ୍ୟକଳାପ ଆଧାରିତ ମୂଲ୍ୟ ଏବଂ ଲିଙ୍କ୍ ଆକାଉଣ୍ଟିଂ ଭଳି ନିୟନ୍ତ୍ରଣ କୌଶଳକୁ ଗ୍ରହଣ କରାଯାଉଛି। ଏହି ପରିବର୍ତ୍ତନ ବେଜଟିଂ ଏବଂ ପୂର୍ବାନୁମାନ ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ କଷ୍ଟ୍ ଆଣ୍ଡ୍ ମ୍ୟାନେଜମେଣ୍ଟ ଆକାଉଟାଣ୍ଟିଂ ପାଇଁ ବର୍ଦ୍ଧିତ ଚାହିଦା ସୃଷ୍ଟି କରିଛି ବୋଲି ରାଜ୍ୟପାଳ କହିଥିଲେ। ପୁଣି ରାଜ୍ୟପାଳ କହିଥିଲେ ଯେ, ସବୁଜ ଅର୍ଥନୀତି, କାର୍ବର୍ନ ଫୁଟ୍ ପ୍ରିଣ୍ଟ ଆକାଉଣ୍ଟିଂ ଏବଂ ଇ.ଏସ୍.ଜି. କାର୍ଯ୍ୟଧାରା ମୂଲ୍ୟାଙ୍କନରେ ଭାରତୀୟ କଷ୍ଟ୍ ଆକାଉଟାଣ୍ଟ ସଂସ୍ଥାର ପ୍ରୟାସକୁ ପ୍ରଶଂସା କରିଥିଲେ। ଏତଦ୍‌ବ୍ୟତୀତ କଷ୍ଟ୍ ଆଣ୍ଡ୍ ମ୍ୟାନେଜମେଣ୍ଟ ଆକାଉଟାଣ୍ଟ ମାନଙ୍କର ପଦକ୍ଷେପ ଗୁଡ଼ିକ ଆତ୍ମ ନିର୍ଭର ଭାରତ ଏବଂ ମେକ୍ ଇନ୍ ଇଣ୍ଡିଆ ଭଳି ଜାତୀୟ ପ୍ରାଥମିକତା ବିଷୟ ସହିତ ସମନ୍ୱିତ କରୁଛି ବୋଲି କହିଥିଲେ।



ଓଡ଼ିଶା ଏହାର ସମୃଦ୍ଧ ଶିଳ୍ପ, ପ୍ରଗତିଶୀଳନୀତି ଏବଂ ଶିକ୍ଷା ଉପରେ ଧ୍ୟାନ ସହିତ ଭାରତର ଅଭିବୃଦ୍ଧିରେ ଏକ ଶକ୍ତିଶାଳୀ କେନ୍ଦ୍ର ଭାବେ ଉଭା ହୋଇଛି। ଆଇ.ସି.ଏମ.ଏ ଆଇ ଏବଂ ଓଡ଼ିଶାର ଇକୋ ସିଷ୍ଟମ୍ ମଧ୍ୟରେ ସହଯୋଗର ଅପାର ସମ୍ଭାବନା ରହିଛି। ଆପଣମାନେ ଏମ୍.ଏସ୍.ଏମ୍.ଇ.କୁ ସହଯୋଗ କରି ଦକ୍ଷତା ବୃଦ୍ଧି କରିପାରିବେ। ଦକ୍ଷତା ବୃଦ୍ଧି ଏବଂ ନବସୃଜନ ପ୍ରତି ଆପଣମାନଙ୍କର ପ୍ରତିବଦ୍ଧତା ଭବିଷ୍ୟତ ପିଢ଼ି ପାଇଁ ସ୍ଥିରତା ଏବଂ ଉତ୍କର୍ଷତାର ଐତିହ୍ୟ ଗଠନ କରିପାରିବ ବୋଲି ରାଜ୍ୟପାଳ କହିଥିଲେ।

ସମ୍ମିଳନୀର ଉଦ୍‌ଘାଟନୀ ସମାରୋହରେ ଇଣ୍ଡିଆନ୍ ରିନ୍ୟୁଏବଲ୍ ଏନର୍ଜି ଡେଭଲପମେଣ୍ଟ ଏଜେନ୍ସି ଲିଃର ଚେୟାରମ୍ୟାନ ଓ ମ୍ୟାନେଜିଂ ଡିରେକ୍ଟର ପ୍ରଦୀପ କୁମାର ଦାସ, ଓପିଜିସି ଲିଃର ନିର୍ଦ୍ଦେଶକ ଗଗନ ବିହାରୀ ସ୍ୱାଇଁ, ଆଇସିଏମ୍‌ଏଆଇର ଅଧ୍ୟକ୍ଷ ତଥା ଚିଫ୍ ପାଟ୍ରନ ବିଭୁତି ଭୂଷଣ ନାୟକ, କାଉନସିଲ୍ ମେମ୍ବର ତଥା କନ୍‌ଭେନର ମନୋଜ କୁମାର ଆନନ୍ଦ ଓ ବିନୟ ରଂଜନ ପି ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ପ୍ରାରମ୍ଭରେ ଏନ୍‌ସିଏମ୍‌ଏସିର ଚେୟାରମ୍ୟାନ ଶ୍ରୀନିବାସ ପ୍ରସାଦ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

# କପିଳେଶ୍ୱର ମହେଶ-ପାର୍ବତୀ ମାତାଙ୍କ ବିବାହ ନିର୍ବନ୍ଧ ସମ୍ପନ୍ନ

**କେନ୍ଦୁଝର, ନ୍ୟୁଜ୍**

କେନ୍ଦୁଝରର ପ୍ରସିଦ୍ଧ ଶୈବପୀଠ ଘଡଘଡି ପାହାଡ଼ ଉପରେ ବିରାଜିତ ବାବା କପିଳେଶ୍ୱର ମହେଶଙ୍କ ପାର୍ବତୀ ମାତାଙ୍କ ସହିତ ମହା ଆଡମ୍ବରରେ ନିର୍ବନ୍ଧ ସମ୍ପର୍ଣ୍ଣ ହୋଇଛି। ଗୁରୁବାର ବର ପକ୍ଷର ପିତା ଚନ୍ଦନ କୁମାର ସାହୁ ଓ ମାତା ସଂଘମିତ୍ରା ସାହୁ ଜଗନ୍ନାଥପୁର ସ୍ଥିତ ବରପକ୍ଷଙ୍କ ଘରେ ଶୋଭାଯାତ୍ରାରେ ବିବାହ ପ୍ରସ୍ତାବ ନେଇ ପହଞ୍ଚି ଥିଲେ। କନ୍ୟାପିତା ଭାବେ ବରିଷ୍ଠ କେନ୍ଦୁଝରର ଆଇନଜୀବୀ ଅନନ୍ତ କୁମାର ପଣ୍ଡା ଓ ଆରତୀ ପଣ୍ଡା ଏହି ପ୍ରସ୍ତାବକୁ ଗ୍ରହଣ କରିବା ସହିତ ଆସିଥିବା ବରପକ୍ଷ ତଥା ବନ୍ଧୁବାନ୍ଧବଙ୍କୁ ସ୍ୱାଗତ କରିବା ସହ ସେମାନଙ୍କ ପାଇଁ ଆସନ ବରଣ ପୂଜା ସମ୍ପର୍ଣ୍ଣ କରିଥିଲେ। ସେଠାରେ ବୈଦିକ ରୀତିନୀତି ଅନୁସାରେ ଦେବାଧିଦେବଙ୍କ ପୂଜକ ବିରଞ୍ଚି ଦେବତା ଦେବଦମ୍ପତ୍ତି ବିବାହ ପାଇଁ ନିର୍ବନ୍ଧ କାର୍ଯ୍ୟ ସମ୍ପାଦନ କରିଥିଲେ। ପରେ ଉଭୟପକ୍ଷ ବନ୍ଧୁ ବାନ୍ଧବ, ଜ୍ଞାତି ପରିଜନଙ୍କ ସହ ବାବା କପିଳେଶ୍ୱର ମହେଶଙ୍କ ପ୍ରାଙ୍ଗଣରେ ପହଞ୍ଚି ପୂଜାର୍ଚ୍ଚନା ପୂର୍ବକ ଆଶୀର୍ବାଦ ଗ୍ରହଣ କରିଥିଲେ। କନ୍ୟା ପକ୍ଷଙ୍କ ତରଫରୁ କପିଳେଶ୍ୱର ମହେଶଙ୍କ ମନ୍ଦିରରେ ପ୍ରସାଦ ଅର୍ପଣ ପରେ ଜ୍ଞାତି ପରିଜନ ସୁସ୍ୱାଦୁ ବ୍ୟଞ୍ଜନ ପରିବେଷଣ କରାଇ ଆପ୍ୟାୟିତ କରାଇଥିଲେ। ରବିବାର କନ୍ୟା ପକ୍ଷରୁ ବର ଘରକୁ ଅନୁରୂପ ଭାବେ ଯାଇ ପରବର୍ତ୍ତୀ ବିବାହ ରୀତିନୀତି ସମ୍ପର୍ଣ୍ଣ କରାଯିବ ବୋଲି କପିଳେଶ୍ୱର ସାଂସ୍କୃତିକ ପରିଷଦର ସଭାପତି ବିଜୟ କୁମାର ମହାନ୍ତି ଓ ସମ୍ପାଦକ ଗୌରଚନ୍ଦ୍ର ନାଏକ କହିଛନ୍ତି। ଏହି ଦେବଦମ୍ପତ୍ତି ବିବାହ ପାଇଁ ପ୍ରାଥମିକ ନିର୍ବନ୍ଧରେ ପ୍ରଶାନ୍ତ କୁମାର ପଣ୍ଡା, ରଞ୍ଜନ କୁମାର ସାହୁ, ପଞ୍ଚାନନ ସାହୁ, ମିଲନ କୁମାର ସାହୁ, ଆମର ପ୍ରସାଦ ଦେବତା, ପଦ୍ମଲୋଚନ ନାଏକ, ଧବଳେଶ୍ୱର ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।



# ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

**ବରଗଡ଼, ନ୍ୟୁଜ୍‌ବ୍ୟୁରୋ**



ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଭୁବନେଶ୍ୱର, ଓଡ଼ିଶା ଦ୍ୱାରା ଆୟୋଜିତ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳାଫଳକୁ ନେଇ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କୃତି ଛାତ୍ରଛାତ୍ରୀଙ୍କୁ ଶିକ୍ଷାନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅନୁଷ୍ଠାନର ଅଡିଟୋରିୟମ ଠାରେ ଆୟୋଜିତ ଉତ୍ସବରେ କ୍ରିଷ୍ଣା ବିକାଶ ଗ୍ରୁପ୍‌ର ଅଧ୍ୟକ୍ଷ ଡି. ମୂରଲୀ କ୍ରିଷ୍ଣା ଯୋଗ ଦେଇ କୃତି ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଚଳିତ ବର୍ଷ ଛାତ୍ରଛାତ୍ରୀମାନେ ଉତ୍ତମ ପ୍ରଦର୍ଶନ ମଧ୍ୟରେ ବିଜ୍ଞାନରେ ଲିସା ପପ୍ରଧାନ ୫୭୧ ମାର୍କ (୯୫.୧୬%) ଓ ବାଣିଜ୍ୟରେ ଶୁଭମ ପରିଡ଼ା ୫୬୯ ମାର୍କ (୯୪,୮୩%) ସହ କଲେଜ ଟପ୍ପର୍ ହୋଇଛନ୍ତି। ବିଜ୍ଞାନରେ ସମୁଦାୟ ୧୭ଜଣ ଏବଂ ବାଣିଜ୍ୟରେ ସମୁଦାୟ ୨ଜଣଙ୍କ ସହ ସର୍ବମୋଟ ୧୯ ଜଣ ଛାତ୍ରଛାତ୍ରୀ ୯୦% ମାର୍କ ରଖିଛନ୍ତି। ସେମାନଙ୍କ ମଧ୍ୟରେ ତୃପ୍ତିମଞ୍ଜରୀ ସାହୁ ୫୬୬ ମାର୍କ (୯୪.୩୩%), ମନୀଷ ଅଗ୍ରୱାଲ ୫.୬୫ ମାର୍କ (୯୪.୧୬%), ପ୍ରତିକ୍ଷା ପ୍ରିୟଦର୍ଶିନୀ ପାଣି ୫୬୨ ମାର୍କ (୯୩.୬୬%), ଆୟୁଷ ପଧାନ ୫୫୯ ମାର୍କ (୯୩.୧୬%), ବିବେକରାଜ ସାହୁ ୫୫୯ ମାର୍କ (୯୩.୧୬%), ପ୍ରତ୍ୟୁଷ କୁମାର ବିଶ୍ୱାସ ୫୫୯ ମାର୍କ (୯୩.୧୬%), ରିଶିକା ଛତର ୫୫୫ ମାର୍କ (୯୨.୫%), ସ୍ୱୟଂଶ୍ରୀ ଆଚାର୍ଯ୍ୟ ୫୫୪ ମାର୍କ (୯୨.୩୩%), ଲିପୁନ ସାହୁ ୫୫୧ ମାର୍କ (୯୧.୮୩%), ବବୁନ ସାହୁ ୫୪୭ ମାର୍କ (୯୧.୧୬%), ଆଶିଷ କୁମାର ବେହେରା ୫୪୭ ମାର୍କ (୯୧.୧୬%), ରାଜ କୁମାର ଶାମଲ ୫୪୩ ମାର୍କ (୯୦.୫%), ସାଇସ୍ମିତା ପାଢୀ ୫୪୨ ମାର୍କ (୯୦.୩୩%), ଶୁଭଶ୍ରୀ ମେହେର ୫୪୨ ମାର୍କ (୯୦.୩୩%), ସୁବ୍ରତ ବିଶି ୫୪୨ ମାର୍କ(୯୦.୩୩%), ପ୍ରଜ୍ଞା ମେହେର ୫୪୦ ମାର୍କ (୯୦%) ଓ ଗୌରୀ ଶଙ୍କର ସେଠ୍ ୫୫୭ ମାର୍କ (୯୨.୮୩%) ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଚଳିତବର୍ଷ ଗଣିତରେ ତିନି ଜଣ, ମନିଷ ଅଗ୍ରୱାଲ, ନେହାରାଣୀ ଜୈନ ଏବଂ ନମ୍ରତା ନୀଲା ଓ ପ୍ରାଣୀ ବିଜ୍ଞାନ(ଜୁଲୋଜି)ରେ ତିନି ଜଣ ପ୍ରଜ୍ଞା ମେହେର, ସିଜଲ ପଣ୍ଡା ଏବଂ ନିଶିକା ସାହୁ ୧୦୦ ରୁ ୧୦୦ ନମ୍ବର ରଖିଥିବା ବେଳେ ବିଜ୍ଞାନରେ ସମୁଦାୟ ଛାତ୍ରଛାତ୍ରୀର ୩୪.୪%, ୮୦%ରୁ ଉର୍ଦ୍ଧ୍ୱ ଏବଂ ୮୦% ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ପାସ୍ କରି ବିକାଶକୁ ପଶ୍ଚିମ ଓଡ଼ିଶାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭାବରେ ପ୍ରତିଷ୍ଠିତ କରିପାରିଛି ବୋଲି ଅଧ୍ୟକ୍ଷ ଡି ମୂରଲୀ କ୍ରିଷ୍ଣା କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ରିଷ୍ଣା ବିକାଶ ଗ୍ରୁପ୍‌ର ଟ୍ରଷ୍ଟି ଦାଶରି ରାମ୍ ତୁଳସୀ, ପରିଚାଳନା ନିର୍ଦ୍ଦେଶକ ବିବେକ ଦାଶରି, ନିର୍ଦ୍ଦେଶକ ଡ. ସମରେନ୍ଦ୍ର ପଣ୍ଡା, ଶିଶିର ରାଉଳ, ନାରାୟଣ ରଥ, ଚିତ୍ତରଞ୍ଜନ ପତି, ଏସ କାନ୍ତା ରାଓ, ଅଶ୍ୱିନୀ ନାୟକ ପ୍ରମୁଖ ସମସ୍ତ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ।

# ୭୩.୬୨ ଲକ୍ଷ ଟଙ୍କାର ସାଇବର ଠକେଇ ମାମଲାରେ ଜଣେ ଗିରଫ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଡିଜିଟାଲ୍ ଗିରଫ କରିବାକୁ ଧମକ ଦେଇ ଜଣେ ବ୍ୟକ୍ତିଙ୍କ ଠାରୁ ୭୩.୬୨ ଲକ୍ଷ ଠକେଇ କରିବା ଅଭିଯୋଗରେ କ୍ରାଇମ୍ ବ୍ରାଂଚ, ଓଡିଶାର ସାଇବର କ୍ରାଇମ୍ ୟୁନିଟ୍ ପଶ୍ଚିମବଙ୍ଗର ହାୱଡ଼ାରୁ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଉଛନ୍ତି ରୋହିତ କୁମାର ଜୟସୱାଲ। ଅଭିଯୁକ୍ତ ନିକଟରୁ ମୋବାଇଲ୍ ଫୋନ୍, ସିମ୍ କାର୍ଡ, ଆଧାର କାର୍ଡ ସମେତ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି। ଏହାସହ ଅଭିଯୁକ୍ତର ବ୍ୟାଙ୍କ ଆକାଉଣ୍ଟଗୁଡ଼ିକୁ ଫ୍ରିଜ୍ କରାଯାଇଛି। ମାମଲାର ବିବରଣୀ ଅନୁଯାୟୀ, ୨୦୨୫ ମେ ୧୫ ତାରିଖରେ ପାରାଦ୍ୱୀପ ଅଂଚଳର ଜଣେ ବ୍ୟକ୍ତି ସାଇବର ଥାନାରେ ଅଭିଯୋଗ କରିଥିଲେ। ଅଭିଯୁକ୍ତ ରୋହିତ ନିଜକୁ ସିବିଆଇ ଏବଂ ଦିଲ୍ଲୀ ପୋଲିସ କର୍ମଚାରୀ ବୋଲି ପରିଚୟ ଦେଇଥିଲା। ଏହାସହ ତାଙ୍କ ନାମରେ ବୁକ୍ ହୋଇଥିବା ଏକ ପାର୍ସଲକୁ ଦିଲ୍ଲୀ କଷ୍ଟମ୍ସ ବିଭାଗ ଜବତ କରିଛି ବୋଲି ସୂଚନା ଦେଇଥିଲା। ସେହି ପାର୍ସଲରେ ଏଟିଏମ୍ କାର୍ଡ, ୧୫ଟି ଭାରତୀୟ ପାସପୋର୍ଟ, ୨ଟି ଲାପଟପ୍, ୪ କିଲୋଗ୍ରାମ କପଡା ଏବଂ ଡ୍ରଗ୍ସ ରହିଛି ବୋଲି କହିଥିଲା। ଉକ୍ତ ପାର୍ସଲକୁ ନୂଆଦିଲ୍ଲୀର ଚାନ୍ଦନୀ ଚୌକରୁ ସଂଘାଇ (ଚୀନ୍) ପଠାଯିବାର ରହିଛି ବୋଲି ଭୟଭୀତ କରିଥିଲା। ଏଭଳି ପରିସ୍ଥିତିରୁ ମୁକୁଳିବାକୁ ହେଲେ ଟଙ୍କା ପଠାଇବାକୁ କହିଥିଲା ନ ହେଲେ ଡିଜିଟାଲ ଗିରଫ କରାଯିବ ବୋଲି ଧମକ ଦେଇଥିଲା। ଅଭିଯୋଗକାରୀ ଜଣକ ଭୟଭୀତ ହୋଇ ୭୩ ଲକ୍ଷ ୬୨ ହଜାର ଟଙ୍କା ଉକ୍ତ ଠକର ବିଭିନ୍ନ ଆକାଉଂଟକୁ ପଠାଇଥିଲା। କିଛିଦିନ ପରେ ଅଭିଯୋଗକାରୀ ଠକାମିର ଶିକାର ହୋଇଥିବା ସଂକ୍ରାନ୍ତରେ ଜାଣିବାକୁ ପାଇଥିଲେ। ସୋସିଆଲ ମିଡିଆ ଏବଂ ମେସେଜିଂ ଆପରେ ନିଜକୁ ପୋଲିସ ଅଧିକାରୀ, ନ୍ୟାୟିକ ଅଧିକାରୀ ବୋଲି ନିଜକୁ ପରିଚୟ ଦେଉଥିବା ବ୍ୟକ୍ତିବିଶେଷଙ୍କ ପ୍ରତି ସତର୍କ ରହିବାକୁ କ୍ରାଇମବ୍ରାଞ୍ଚ ପକ୍ଷରୁ ଅନୁରୋଧ କରାଯାଇଛି। ଆମ ଆଇନରେ ଡିଜିଟାଲ ଗିରଫ ଭଳି କୌଣସି ଶବ୍ଦ ନାହିଁ। ସାଇବର ଠକାମି ସଂକ୍ରାନ୍ତରେ ସଚେତନ ହୁଅନ୍ତୁ। ଠକାମିର ଶିକାର ହେଲେ ତୁରନ୍ତ ୧୯୩୦ ସାଇବର ହେଲ୍ପଲାଇନ କିମ୍ବା ନିକଟସ୍ଥ ପୋଲିସ ଷ୍ଟେସନରେ ଅଭିଯୋଗ ଦାଖଲ କରନ୍ତୁ।

# ବିଦେଶରେ ଚାକିରି କରାଇଦେବା ନାଁରେ କୋଟି କୋଟି ଠକେଇ : ଠକ ଗିରଫ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ବିଦେଶରେ ଉଚ୍ଚ ଦରମାରେ ଚାକିରି କରାଇ ଦେବାର ପ୍ରତିଶ୍ରୁତି ଦେଇ ଲୋକଙ୍କ ନିକଟରୁ କୋଟି କୋଟି ଟଙ୍କା ଠକି ନେଇଥିବା ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି କ୍ରାଇମବ୍ରାଞ୍ଚ। ୨୦୧୮ ମସିହାରୁ ଲୋକଙ୍କ ନିକଟରୁ ଟଙ୍କା ଠକିନେଇ ଫେରାର ଥିବା ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ଥାନା ଅଞ୍ଚଳର ଅଭିଯୁକ୍ତ ବିଷ୍ଣୁ ପ୍ରସାଦ ପଟ୍ଟନାୟକଙ୍କୁ ଗିରଫ କରାଯାଇଛି ବୋଲି କ୍ରାଇମବ୍ରାଞ୍ଚ କାର୍ଯ୍ୟାଳୟ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଡିଜିପି କ୍ରାଇମବ୍ରାଞ୍ଚ ବିନୟତୋଷ ମିଶ୍ର ସୂଚନା ଦେଇଛନ୍ତି।

ଡିଜିପିଙ୍କ ସୂଚନା ମୁତାବକ, ଅଭିଯୁକ୍ତ ବିଷ୍ଣୁ ଗୁଣୁପୁର ଥାନା ଅଞ୍ଚଳରେ ରହୁଥିବା ଜଣେ ବ୍ୟକ୍ତିଙ୍କୁ ବିଦେଶରେ ଉଚ୍ଚ ଦରମାରେ ଚାକିରି ଦେବାର ପ୍ରତିଶ୍ରୁତି ଦେଇ ଟଙ୍କା ଠକି ନେଇଥିଲେ। ବ୍ରିଟିଶ ଏୟାରୱେଜ୍ ଏବଂ ଲୁଫଥାନ୍ସା ଏୟାରୱେଜ୍ ଭଳି କମ୍ପାନୀରେ ଚାକିରି କରାଇ ଦେବାର ପ୍ରତିଶ୍ରୁତି ଦେଇ ତାଙ୍କଠାରୁ ୯୦ ଲକ୍ଷ ଟଙ୍କା ଠକି ନେଇଥିଲେ। ଏହା ସହ ସେ ତାଙ୍କୁ ନିଯୁକ୍ତି ପତ୍ର ମଧ୍ୟ ଦେଇଥିଲେ। ତେବେ ପରବର୍ତ୍ତୀ ସମୟରେ ନିଯୁକ୍ତି ପତ୍ରଟି ସମ୍ପୂର୍ଣ୍ଣ ଜାଲ ବୋଲି ବ୍ୟକ୍ତି ଜଣକ ଜାଣିବା ପରେ ଗୁଣୁପୁର ଥାନାର ଦ୍ୱାରସ୍ଥ ହୋଇଥିଲେ।

ସେହିପରି ଅନ୍ୟ ଏକ ମାମଲାରେ ଅଭିଯୁକ୍ତ ବିଷ୍ଣୁ ଅନ୍ୟଜଣେ ବ୍ୟକ୍ତିଙ୍କ ପୁଅକୁ ବିଦେଶରେ ଏକ ଲାଭଜନକ ଚାକିରି ଯୋଗାଇ ଦେବା ବାହାନାରେ ୧୫ ଲକ୍ଷ ଟଙ୍କା ଠକି ନେଇଥିଲେ। ଉଭୟ ମାମଲା ଗୁଣୁପୁର ଥାନାରେ ପଞ୍ଜୀକୃତ ହୋଇଥିଲା। ପରବର୍ତ୍ତୀ ସମୟରେ ଏହି ଦୁଇ ମାମଲା କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରାଯାଇଥିଲା। ଅଭିଯୁକ୍ତ ବିଷ୍ଣୁ ବିଭିନ୍ନ ସମୟରେ ନିଜକୁ ଡାକ୍ତର, ପ୍ରଫେସର, ଇଞ୍ଜିନିୟର ପରିଚୟ ଦେବାସହ ନିଜର ଠିକଣା ପ୍ରମାଣ, ଡ୍ରାଇଭିଂ ଲାଇସେନ୍ସର ଜାଲ କାଗଜ ପତ୍ର ପ୍ରସ୍ତୁତ କରିଥିଲନ। ଏତଦବ୍ୟତୀତ ଅଭିଯୁକ୍ତ ଅନ୍ତର୍ଜାତୀୟ ପରାମର୍ଶଦାତା କମ୍ପାନୀ ନାମରେ ନକଲି ପ୍ରସ୍ତାବ ଏବଂ ନିଯୁକ୍ତି ପତ୍ର ପ୍ରସ୍ତୁତ କରୁଥିଲା ବୋଲି ତଦନ୍ତ ବେଳେ କ୍ରାଇମବ୍ରାଞ୍ଚ ପୋଲିସ ଜାଣିବାକୁ ପାଇଥିଲା। ଏହାସହ ତଦନ୍ତ ଚାଲିଥିବା ସମୟରେ ଗିରଫଦାରୀରୁ ରକ୍ଷା ପାଇବା ପାଇଁ ଅଭିଯୁକ୍ତ ବିଷ୍ଣୁ କାମ୍ବୋଡିଆ ପଳାଇ ଯାଇଥିଲା ଏବଂ ନିଜର ପରିଚୟ ଲୁଚାଇବା ପାଇଁ ଦ୍ୱିତୀୟ ପାସପୋର୍ଟ ମଧ୍ୟ ତିଆରି କରିଥିଲା। ବିଷ୍ଣୁଙ୍କ ବିରୁଦ୍ଧରେ ୨୦୧୯ରେ ପୋଲିସ ପକ୍ଷରୁ ଲୁକ୍ ଆଉଟ୍ ସର୍କୁଲାର ମଧ୍ୟ ଜାରି କରାଯାଇଥିଲା।

ଅଭିଯୁକ୍ତ ବିଷ୍ଣୁ ବିଶାଖାପାଟଣା, ବ୍ରହ୍ମପୁର, ଭୁବନେଶ୍ୱର ଏବଂ ଦେଶର ଅନ୍ୟାନ୍ୟ ସ୍ଥାନରେ ଚାକିରି ଯୋଗାଇବା ବାହାନାରେ ଲୋକଙ୍କୁ ଟଙ୍କା ଠକେଇ କରିଥିବା ପୋଲିସ ତଦନ୍ତ ସମୟରେ ଜାଣିବାକୁ ପାଇଛି। ତାକୁ ରାୟଗଡ଼ା ଜିଲ୍ଲା ଗୁଣୁପୁରର ଏସଡିଜେଏମଙ୍କ ସମ୍ମୁଖରେ ହାଜର କରାଯାଇଥିବା ବେଳେ ଅଧିକ ତଦନ୍ତ ନିମନ୍ତେ ରିମାଣ୍ଡରେ ଅଣାଯିବ ବୋଲି ଡିଜିପି ଶ୍ରୀ ମିଶ୍ର ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଡିଆଇଜି କ୍ରାଇମବ୍ରାଞ୍ଚ ବି. ଗଙ୍ଗାଧର ମଧ୍ୟ ଉପସ୍ଥିତ ଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଏର୍ଦୋୱାନଙ୍କ ମନ୍ତବ୍ୟ...

**ପାକିସ୍ତାନର ନ୍ୟୁକ୍ଲିୟର ଚାବିକାଠି କଣ ଆମେରିକା ହାତରେ ? ଏହା ଏକ ସ୍ପର୍ଶକାତର ଘଟଣା। ଏହାର ସତ୍ୟତା କେତେ ?**

ମୁଁ ଏଇଟା କହିବାକୁ ଚାହେଁ ଯେ ପାକିସ୍ତାନର ନ୍ୟୁକ୍ଲିୟର ଚାବିକାଠି ଆମର ଯାହା ଉତ୍ସ କହୁଛି ଏଇଟା ପାକିସ୍ତାନ ମିଲିଟାରୀ ହାତରେ। ସିଭିଲିଆନ ହାତରେ ଥିଲାଭଳି ଲାଗୁନି। ଇଟ ଇଜ ଏ ମ୍ୟାଟର ଅଫ କନସର୍ଣ୍ଣ। ତେଣୁ ବର୍ତ୍ତମାନ ଆମେରିକାର କଣ୍ଟ୍ରୋଲ ପାକିସ୍ତାନ ଉପରେ ଅଛି ବୋଲି କହିବା ବି ଏତେ ଉଚିତ ହେବନି। ଓସାମା ବିନ ଲାଡେନ ତ ପାକିସ୍ତାନରେ ମିଳିଥିଲେ ଆଉ ଆମେରିକା ପାକିସ୍ତାନକୁ ନ କହି ଆବୋଟାବାଦରେ ମାରିଥିଲା। ପାକିସ୍ତାନକୁ ଆମେରିକା ବିଶ୍ୱାସ କରେନି। ଏଇଟା ସତ କଥା ଯେ ପାକିସ୍ତାନରେ ବର୍ତ୍ତମାନ ତାଙ୍କର ଯିଏ ଆର୍ମି ଚିଫ୍ ଯାହାଙ୍କୁ ବର୍ତ୍ତମାନ ଫିଲ୍ଡ ମାର୍ଶାଲ କରିଦିଆଗଲା ସେ ଏତେ ବିଶ୍ୱାସଯୋଗ୍ୟ ଲୋକ ନୁହଁନ୍ତି। ସେ ଆଗରୁ ଆଇଏସଆଇ ଚିଫ୍ ଥିଲେ ସିଏ ଟିକିଏ କଟ୍ଟରପନ୍ଥୀ, ତାଙ୍କର ଚିନ୍ତାଧାରା ଭାରତ ବିରୁଦ୍ଧରେ ଅତି କଠୋର। ତେଣୁ ଏବେ ଯଦି ନ୍ୟୁକ୍ଲିୟର ଯୁଦ୍ଧ ହେବ କେବେ ବି ଜିତିହେବନି। କିନ୍ତୁ କିଏ ଯଦି କେବଳ ଗୋଟେ ରୋଗ୍ କଣ୍ଟ୍ରି ଯାହାକୁ କୁହନ୍ତି ତାଙ୍କ ହାତରେ ଯଦି ନ୍ୟୁକ୍ଲିୟର ୱେପନ ଆସିବ ତେବେ କିଛି ବି ହେଇପାରେ। କିନ୍ତୁ ପାକିସ୍ତାନ ନ୍ୟୁକ୍ଲିୟର ୱେପନକୁ ଗୋଟେ ବ୍ଲାକମେଲ ଭାବରେ ବ୍ୟବହାର କରିପାରେ ନିବାରକ ଉଦ୍ଦେଶ୍ୟରେ ନୁହେଁ। ଇଣ୍ଡିଆର ଯେମିତି ଗୋଟେ ପଲିସି ଅଛି ନୋ ଫାଷ୍ଟ ୟୁଜ୍ ଆମେ ପ୍ରଥମେ ନ୍ୟୁକ୍ଲିୟର ବ୍ୟବହାର କରିବୁନି ପାକିସ୍ତାନର ସେମିତି କିଛି ନୋ ଫାଷ୍ଟ ୟୁଜ ନାହିଁ। ସେମାନେ ଘୋଷଣା କରିନାହାନ୍ତି। କିନ୍ତୁ ଯାହା ବି ହେଲେ ଭାରତ ବର୍ତ୍ତମାନ ନ୍ୟୁକ୍ଲିୟର ବ୍ଲାକମେଲରେ ଫସିବନି । ଏଇଟା ପୁରା ପରିଷ୍କାର ଭାବେ ପ୍ରଧାନମନ୍ତ୍ରୀ ମୋଦି ବି କହିଦେଇଛନ୍ତି । ଆଉ ବର୍ତ୍ତମାନ ପାକିସ୍ତାନ ସହ ଆମର ସଂପର୍କର ଯେଉଁ କଥା ପଡିଛି ସେଇଟା ଗୋଟେ ନୂଆ ସଂପର୍କ ତାକୁ 'ନ୍ୟୁ ନର୍ମାଲ' ବୋଲି କହୁଛନ୍ତି। ଆମେ କୌଣସି ବିଷୟରେ ପାକିସ୍ତାନ ସହ କଥା ହେବାନି କେବଳ ପିଓକେ (ପାକିସ୍ତାନ ଅଧିକୃତ କଶ୍ମୀର) ଏବଂ ଆତଙ୍କବାଦ ଏଇ ଦୁଇଟା ଛଡା ପାକିସ୍ତାନ ସହ ଆମର ଆଉ କୌଣସି କଥାବାର୍ତ୍ତା ନାହିଁ। ଆମେ ବର୍ତ୍ତମାନ ଇଣ୍ଡସ ୱାଟର ଟ୍ରିଟି ପ୍ରତ୍ୟାହାର କରିଛୁ । କୌଣସି ବ୍ୟବସାୟିକ ସଂପର୍କ ନାହିଁ। ବର୍ତ୍ତମାନ ଅପରେସନ ସିନ୍ଦୂର ସରିନି, ଏଇଟା ଏବେ ବି ଚାଲିଛି କେବଳ ସିଜ ଫାୟାର ଯୋଗୁଁ ଅସ୍ଥାୟୀ ଭାବେ ବନ୍ଦ୍ ହୋଇ ରହିଛି।

## ଅନୁଜ କୁମାର ଦାସ ...

ଦାସ ପଟ୍ଟନାୟକଙ୍କୁ ସୂଚନା ଓ ଲୋକ ସମ୍ପର୍କ ବିଭାଗର ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସ୍ୱତନ୍ତ୍ର ସଚିବ ଥିବା ସୁରେନ୍ଦ୍ର କୁମାର ପଣ୍ଡାଙ୍କୁ ପିଏମ ପୋଷଣ ଓ ଏମଏମ ପୋଷଣର ରାଜ୍ୟ ନୋଡାଲ ଅଫିସର ଭାବେ ନିଯୁକ୍ତି ଦିଆଯାଇଛି। ନୂତନ ନିଯୁକ୍ତିରେ ଟାଙ୍ଗୀର ପୂର୍ବତନ ତହସିଲଦାର ମିତାଲି ପାତ୍ରଙ୍କୁ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ଆଡମିନିଷ୍ଟ୍ରେଟିଭ ଅଫିସର କରାଯାଇଛି। ସେହିପରି ଗୁଣୁପୁର ଆଇଟିଡିଏ ପିଏ ଥିବା ଓଏଏସ ଅଫିସର ଅଜୟ କୁମାର ପ୍ରଧାନଙ୍କୁ ରାୟଗଡ଼ା ଆଇଟିଡିଏ ପିଏ କରାଯାଇଛି ।

## ସାବିତ୍ରୀ ଅମାବାସ୍ୟା...

ଘୋଷଣା କରାଯାଇଛି। ସାବିତ୍ରୀ ଅମାବାସ୍ୟା ପାଇଁ ସରକାରୀ ଛୁଟିକୁ ମେ ୨୭ ତାରିଖ ପରିବର୍ତ୍ତେ ମେ ୨୬ ତାରିଖରେ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏ ସମ୍ପର୍କିତ ପ୍ରସ୍ତାବକୁ ମଧ୍ୟ ଅନୁମୋଦନ ଦେଇଛନ୍ତି । ଚଳିତ ବର୍ଷ ସାବିତ୍ରୀ ଅମାବାସ୍ୟା ପାଇଁ ସରକାରୀ ଛୁଟି ମେ ମାସ ୨୭ ତାରିଖକୁ ସ୍ଥିରୀକୃତ ହୋଇଥିଲା। ତେବେ ପୁରୀ ମୁକ୍ତି ମଣ୍ଡପ ସହିତ ଅନ୍ୟାନ୍ୟ ଧାର୍ମିକ ଅନୁଷ୍ଠାନ ଓ ପଞ୍ଜିକା ଗଣନାକାରୀ ଅନୁଷ୍ଠାନମାନଙ୍କ ସହିତ ଯୋଗାଯୋଗ ପରେ ଏହା ଜଣାଯାଇଛି ଯେ, ୨୬ ତାରିଖରେ ହିଁ ସାବିତ୍ରୀ ଅମାବାସ୍ୟା ପାଳନ କରାଯିବ। ତେଣୁ ଛୁଟି ତାରିଖକୁ ପରିବର୍ତ୍ତନ କରାଯାଇଛି।

## ଶୀତଳ ଷଷ୍ଠୀ...

ପରିବେଶ ସୃଷ୍ଟି କରିଥାଏ। ଜ୍ୟେଷ୍ଠ ଶୁକ୍ଳ ପଞ୍ଚମୀ ତିଥିରେ ଶିବ ପାର୍ବତୀଙ୍କର ବିବାହ ଉତ୍ସବ ଏବଂ ତାପର ଦିନ ଆମ ଦୈନନ୍ଦିନ ଜୀବନରେ ଯେପରି ବିବାହ କାର୍ଯ୍ୟ ସମ୍ପାଦନ କରାଯାଏ, ଠିକ ସେହିପରି ବୈଦିକ ରୀତିରେ ଶିବଙ୍କ ସହିତ ମାତା ସତୀଙ୍କ ବିବାହ ଅନୁଷ୍ଠିତ ହୋଇଥାଏ। ହିନ୍ଦୁ ରୀତିନୀତି ଅନୁସାରେ କନ୍ୟା ଅନ୍ୱେଷଣ, ନିର୍ବନ୍ଧ, ବିବାହ ପାଇଁ ନିମନ୍ତ୍ରଣ ପତ୍ର ବଣ୍ଟନ, ମହାଆଡ଼ମ୍ବରରେ ବରଯାତ୍ରୀ ଆଗମନ, ବୈଦିକ ରୀତିରେ ବେଦୀରେ ଦେବଦମ୍ପତିଙ୍କ ବିବାହ, କନ୍ୟା ପିତାମାତାଙ୍କ କନ୍ୟାଦାନ ଓ ଯାନିଯୌତୁକ ସହିତ କନ୍ୟା ବିଦାୟ ଆଦି କାର୍ଯ୍ୟ ସମ୍ପନ୍ନ କରାଯାଏ। କିଛି ଭକ୍ତ ମା' ପାର୍ବତୀଙ୍କ ମା-ବାପା ହୁଅନ୍ତି ଓ ଆଉ କିଛି ଭକ୍ତ ପ୍ରଭୁ ଶିବ ଶଙ୍କରଙ୍କର ମା ବାପା ହୋଇ ଉଭୟଙ୍କର ବିବାହ କାର୍ଯ୍ୟ ସଂପନ୍ନ କରନ୍ତି । ସାଧାରଣ ବାହାଘର ପରି ପାରମ୍ପରିକ ରୀତିରେ ପ୍ରଭୁ ଶଙ୍କରଙ୍କୁ ବରଯାତ୍ରୀଙ୍କ ସହିତ ଆଡ଼ମ୍ବର ସହକାରେ ମାତା ପାର୍ବତୀଙ୍କ ଘରକୁ ନେଇ ବୈଦିକ ରୀତିରେ ବିବାହ କରାଯାଏ। ଶ୍ରୀଲିଙ୍ଗରାଜଙ୍କ ଶୀତଳ ଷଷ୍ଠୀ ଯାତ୍ରା ଧୁମଧାମରେ ପାଳନ କରାଯାଏ।

## ବିସ୍ଥାପିତଙ୍କୁ ...

କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା।

ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ତ୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢୀ, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ପୋଲିସ କମିଶନର ଏସ୍. ଦେବଦତ୍ତ ସିଂଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଖୁବ୍‌ଶୀଘ୍ର ନୂଆ...

ରାଜ୍ୟର ଅବକାରୀ ବ୍ୟବସ୍ଥା ସ୍ଥିତି ସମ୍ପର୍କରେ ଅନୁଧ୍ୟାନ କରିବେ ବୋଲି ଅବକାରୀ ମନ୍ତ୍ରୀ ସୂଚନା ଦେଇଥିଲେ। ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଲେ ଯେ ବେଆଇନ ମାଦକ ଦ୍ରବ୍ୟ ସେବନ ଓ କାରବାର ବିରୋଧରେ ସାରା ରାଜ୍ୟରେ ହେବାକୁ ଥିବା କାର୍ଯ୍ୟକ୍ରମରେ ପ୍ରତ୍ୟେକ ବିଭାଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ତେଣୁ ବିଦ୍ୟାଳୟ ସ୍ତରରୁ ଆରମ୍ଭ କରି ଗ୍ରାମପଞ୍ଚାୟତ ପର୍ଯ୍ୟନ୍ତ ରାଜ୍ୟର କୋଣ ଅନୁକୋଣରେ ସଚେତନତାର ବାର୍ତ୍ତାକୁ ପହଞ୍ଚାଇବାକୁ ପଡ଼ିବ । ପାଲା, ଦାସକାଠିଆ, ଘୋଡ଼ାନାଚ ଆଦି ସହ ବିଭିନ୍ନ ହାଟବଜାର ଅଞ୍ଚଳରେ ପଥପ୍ରାନ୍ତ ନାଟକ ଜରିଆରେ ବେଆଇନ ନିଶା ସେବନ କାରବାରର କୁପରିଣତି ନେଇ ସଚେତନତା ସୃଷ୍ଟି କାର୍ଯ୍ୟକ୍ରମକୁ ସଫଳ କରିବାକୁ ହେବ । ଏଥି ସହ ଜିଲ୍ଲା, ଉପଖଣ୍ଡ ଓ ବ୍ଲକ୍ ସ୍ତରରେ ସଚେତନତା ରଥ ଜରିଆରେ ସବୁବର୍ଗଙ୍କୁ ସଚେତନ କରାଇବା ନେଇ ଉପସ୍ଥିତ ସମସ୍ତ ବିଭାଗର ବରିଷ୍ଠ ଅଧିକାରୀମାନଙ୍କୁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ପରାମର୍ଶ ଦେଇଥିଲେ । ଏଥିସହ ପ୍ରତ୍ୟେକ ଦିନ କ'ଣ ସବୁ କାର୍ଯ୍ୟକ୍ରମ କରାଯିବ ସେଥିନେଇ ତାଲିକା ପ୍ରସ୍ତୁତ କରିବାକୁ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଗ୍ରାମାଞ୍ଚଳରେ ଥିବା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସାମିଲ କରି ବିଦ୍ୟାଳୟ ସ୍ତରରେ ବେଆଇନ ନିଶା ସେବନ ସମ୍ବନ୍ଧରେ ପ୍ରବନ୍ଧ ପ୍ରତିଯୋଗିତା ଆୟୋଜନ କରିବା ସହ ବେଆଇନ ମାଦକ ଦ୍ରବ୍ୟ କାରବାର ଓ ସେବନ ବିରୁଦ୍ଧରେ ନିୟମିତ ସଚେତନତା କରିବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ଅବକାରୀ ବିଭାଗ କମିଶନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର ଆୟୋଜିତ ହେବାକୁ ଥିବା ଏହି ସଚେତନତା କାର୍ଯ୍ୟକ୍ରମର ଆଭିମୁଖ୍ୟ ସହ ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମ ଏବଂ ବିଭିନ୍ନ ବିଭାଗର ସମ୍ପୃକ୍ତି ବିଷୟରେ ବୈଠକରେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ । ଏଥି ସହ ବିଭିନ୍ନ ବିଭାଗ ଜରିଆରେ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ସ୍ତରରେ 'ସେ ୟେସ୍ ଟୁ ଲାଇଫ୍ , ନୋ ଟୁ ଡ୍ରଗ୍ସ' ସଂକଳ୍ପ କାର୍ଯ୍ୟକ୍ରମ ଏବଂ ବେଆଇନ ନିଶା କାରବାରକୁ ରୋକିବା ଦିଗରେ ମାନସ ପୋର୍ଟାଲ ଏବଂ ୧୯୩୩ ହେଲପ୍‌ଲାଇନ୍ ନମ୍ବର ଉପଯୋଗ ବିଷୟରେ ଲୋକଙ୍କୁ ସଚେତନ କରାଯିବ ବୋଲି ଶାସନ ସଚିବ କହିଥିଲେ । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉଚ୍ଚଶିକ୍ଷା ବିଭାଗର ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ, ଗୃହ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ଆର.କେ. ଶର୍ମା, ପୋଲିସ ଡିଆଇଜି(ଏସ୍‌ଟିଏଫ୍) ପିନାକ ମିଶ୍ରଙ୍କ ସମେତ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ବାଣିଜ୍ୟ ଓ ପରିବହନ, କ୍ରୀଡ଼ା ଓ ଯୁବସେବା, ବିଦ୍ୟାଳୟ ଓ ଗଣଶିକ୍ଷା, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ପଞ୍ଚାୟତିରାଜ ଓ ପାନୀୟ ଜଳ, ମିଶନ ଶକ୍ତି, ଓରସାକ୍, ଏନ୍‌ସିବି, ଭୁବନେଶ୍ୱର, ଓଡ଼ିଶା ରାଜ୍ୟ ପାନୀୟ ନିଗମ ଲିଃର ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଅବକାରୀ କମିଶନର ଧର୍ମେନ୍ଦ୍ର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ ।

## ସମ୍ଭାବ୍ୟ ଲଘୁଚାପ...

ସମସ୍ତ ଡ୍ରେନ ଏବଂ ମ୍ୟାନ୍‌ହୋଲର ଯାଞ୍ଚ କରିବାକୁ ସମସ୍ତ ପୌରପାଳିକାକୁ ନିର୍ଦ୍ଦେଶ ଦିଆଯାଇଛି । ବାତ୍ୟା, ବନ୍ୟା ଦ୍ୱାରା ପ୍ରଭାବିତ ହେଲେ ୭୨ ଘଣ୍ଟା ମଧ୍ୟରେ ରାସ୍ତା ମରାମତି କରିବାକୁ ଆକ୍ସନ ପ୍ଲାନ କରାଯାଇଛି । ବନ୍ୟା ପ୍ଲାବିତ ତଳିଆ ଅଞ୍ଚଳ ଚିହ୍ନଟ ସହ ଆଗୁଆ ପମ୍ପସେଟ ମହଜୁଦ ରଖିବାକୁ ଅଧିକାରୀଙ୍କୁ କୁହାଯାଇଛି । ଏପରିକି ସ୍କୁଲ, କଲେଜକୁ ଆଶ୍ରୟ ସ୍ଥଳ ଭାବେ ବ୍ୟବହାର କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଜରୁରୀ ସୂଚନା ପାଇଁ କଣ୍ଟ୍ରୋଲ ରୁମ ଖୋଲିବାକୁ କୁହାଯାଇଛି।

# ୯ ମାସର ଶିଶୁ କରୋନା ସଂକ୍ରମିତ

**ନୂଆଦିଲ୍ଲୀ,**

ଦେଶରେ କରୋନା ମାମଲା ଧୀରେଧୀରେ ବୃଦ୍ଧି ପାଇବାରେ ଲାଗିଛି। ଶୁକ୍ରବାର ଦିନ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନଙ୍କ ସୂତ୍ରରୁ ପ୍ରକାଶ ପାଇଛି କି, ବେଙ୍ଗାଲୁରୁରେ ଜଣେ ନଅ ମାସର ଶିଶୁ କରୋନା ସଂକ୍ରମିତ ହୋଇଛି।

ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗର ପ୍ରମୁଖ ସଚିବ ହର୍ଷ ଗୁପ୍ତା କହିଛନ୍ତି, ଦେଶର ବିଭିନ୍ନ ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢି ଚାଲିଥିବା ବେଳେ ମଇ ୨୨ରେ ରାପିଡ୍ ଆଣ୍ଟିଜେନ ଟେଷ୍ଟ କରାଯାଇ ଥିଲା। ଏହି ଟେଷ୍ଟରେ ବେଙ୍ଗାଲୁରୁର ୯ମାସର ଶିଶୁ କରୋନା ସଂକ୍ରମିତ ଥିବା ଜଣାପଡ଼ିଥିଲା। ଶିଶୁର ଅବସ୍ଥା ଏବେ ସ୍ଥିର ଅଛି। ଚିକିତ୍ସା ପାଇଁ କଲାସିପାଲ୍ୟାର ବାଣୀ ବିଳାସ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

ମଇ ୨୧ରେ କର୍ଣ୍ଣାଟକ ସ୍ୱାସ୍ଥ୍ୟମନ୍ତ୍ରୀ ଦିନେଶ ଗୁଣ୍ଡୁ ରାଓ ନିଶ୍ଚିତ କରିଥିଲେ ଯେ ରାଜ୍ୟରେ କୋଭିଡ-୧୯ର ୧୬ ଜଣ ସକ୍ରିୟ ମାମଲା ଅଛି। ଦେଶରେ ମଇ ୧୯ସୁଦ୍ଧା ମୋଟ କରୋନା ମାମଲା ୨୫୭ ରହିଥିଲା।

ଓମିକ୍ରନ ପ୍ରଜାତିର ଏହି ଭୂତାଣୁ ହୋଇଥିବା ବେଳେ ଲୋକଙ୍କୁ ଭୟଭୀତ ନହେବାକୁ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି। ଡାକ୍ତରମାନେ ମାସ୍କ ପିନ୍ଧିବା, ସାମାଜିକ ଦୂରତା ଓ ହାତ ଧୋଇବା ଭଳି ସୁରକ୍ଷା ନିୟମ ପାଳନ କରିବାକୁ ପରାମର୍ଶ ଦେଇଛନ୍ତି।

# ଶ୍ରୀଲିଙ୍ଗରାଜଙ୍କ ଶୀତଳ ଷଷ୍ଠୀ ନୀତି ନିର୍ଘଣ୍ଟ, ରାତି ୧୨.୫୦ରୁ ୩ଟା ମଧ୍ୟରେ ପଡ଼ିବ ହସ୍ତଗଣ୍ଠି

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଶ୍ରୀଲିଙ୍ଗରାଜଙ୍କ ଶୀତଳ ଷଷ୍ଠୀ ଯାତ୍ରା ପାଇଁ ନୀତି ନିର୍ଘଣ୍ଟ ହୋଇଛି। ଏହି ନୀତି ନିର୍ଘଣ୍ଟ ଅନୁଯାୟୀ ୩୦ ତାରିଖ ରାତି ୧୨.୫୦ରୁ ୩ଟା ମଧ୍ୟରେ ହସ୍ତଗଣ୍ଠି ପଡ଼ିବ। ଠାକୁର ରାତି ୧୦ଟା ୪୦ରୁ ୧୧.୩୦ ମଧ୍ୟରେ ବିମାନରେ ବିଜେ କରିବେ। ବିମାନରେ ବିଜେ କରି କେଦାରଗୌରୀ ମନ୍ଦିରରେ ପହଞ୍ଚିବେ। ରାତି ୧୨.୫୦ରୁ ୩ଟା ମଧ୍ୟରେ ହସ୍ତଗଣ୍ଠି ପଡ଼ିବ। ପଅରଦିନ ମନ୍ଦିର ଫେରିବେ ୩୧ ତାରିଖ ରାତି ୯.୩୦ରେ ମନ୍ଦିର ପ୍ରତ୍ୟାବର୍ତ୍ତନ କରିବେ ବୋଲି ସୂଚନା ମିଳିଛି।

ଶୀତଳତାର ସଂକେତ ବହନ କରୁଥିବା ଶିବ ପାର୍ବତୀଙ୍କ ବିବାହ ଉତ୍ସବକୁ 'ଶୀତଳ ଷଷ୍ଠୀ' କୁହାଯାଏ । ମହାପ୍ରଭୁଙ୍କର ଚନ୍ଦନ ଯାତ୍ରାର ପରିସମାପ୍ତି ପରେ ପରେ ଶୀତଳ ଷଷ୍ଠୀ ବେଳକୁ ମେଘମହ୍ଲାର ଆକାଶର ଅପରୂପ ସୌନ୍ଦର୍ଯ୍ୟ ସାଙ୍ଗକୁ ଧରାପୃଷ୍ଠ ଶୀତଳ ପରିବେଶ ସୃଷ୍ଟି କରିଥାଏ।

ଜ୍ୟେଷ୍ଠ ଶୁକ୍ଳ ପଞ୍ଚମୀ ତିଥିରେ ଶିବ ପାର୍ବତୀଙ୍କର ବିବାହ ଉତ୍ସବ ଏବଂ ତା'ପର ଦିନ ଆମ ଦୈନନ୍ଦିନ ଜୀବନରେ ଯେପରି ବିବାହ କାର୍ଯ୍ୟ ସମ୍ପାଦନ କରାଯାଏ, ଠିକ୍ ସେହିପରି ବୈଦିକ ରୀତିରେ ଶିବଙ୍କ ସହିତ ମାତା ସତୀଙ୍କ ବିବାହ ଅନୁଷ୍ଠିତ ହୋଇଥାଏ। ହିନ୍ଦୁ ରୀତିନୀତି ଅନୁସାରେ କନ୍ୟା ଅନ୍ୱେଷଣ, ନିର୍ବନ୍ଧ, ବିବାହ ପାଇଁ ନିମନ୍ତ୍ରଣ ପତ୍ର ବଣ୍ଟନ, ମହା ଆଡ଼ମ୍ବରରେ ବରଯାତ୍ରୀ ଆଗମନ, ବୈଦିକ ରୀତିରେ ବେଦୀରେ ଦେବଦମ୍ପତିଙ୍କ ବିବାହ, କନ୍ୟା ପିତାମାତାଙ୍କ କନ୍ୟାଦାନ ଓ ଯାନିଯୌତୁକ ସହିତ କନ୍ୟା ବିଦାୟ ଆଦି କାର୍ଯ୍ୟ ସମ୍ପନ୍ନ କରାଯାଏ।

କିଛି ଭକ୍ତ ମା' ପାର୍ବତୀଙ୍କ ମା' ବାପା ହୁଅନ୍ତି ଓ ଆଉ କିଛି ଭକ୍ତ ପ୍ରଭୁ ଶିବ ଶଙ୍କରଙ୍କର ମା' ବାପା ହୋଇ ଉଭୟଙ୍କର ବିବାହ କାର୍ଯ୍ୟ ସଂପନ୍ନ କରନ୍ତି। ସାଧାରଣ ବାହାଘର ପରି ପାରମ୍ପରିକ ରୀତିରେ ପ୍ରଭୁ ଶଙ୍କରଙ୍କୁ ବରଯାତ୍ରୀଙ୍କ ସହିତ ଆଡ଼ମ୍ବର ସହକାରେ ମାତା ପାର୍ବତୀଙ୍କ ଘରକୁ ନେଇ ବୈଦିକ ରୀତିରେ ବିବାହ କରାଯାଏ। ଶ୍ରୀଲିଙ୍ଗରାଜଙ୍କ ଶୀତଳ ଷଷ୍ଠୀ ଯାତ୍ରା ଧୁମଧାମରେ ପାଳନ କରାଯାଏ।

e-mail ID – eephctcii@gmail.com
sephdctc521@gmail.com

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER,**
**P. H. DIVISION, CUTTACK**

C-367

**e-procurement Notice for Bid Identification No. SEPH-DIVISION, CTC- 07 of 2025-26**

1. Name of the work :- 1 No of P.H. work
2. Estimated cost :- Rs. 20.96 Lakhs
3. Period of completion :- 3 months
4. Date & time of availability of bid document in the portal :- 28.05.2025 from 11.00 A.M to 06.06.2025 upto 5.00 P.M
5. Last date & time of seeking clarification :- 02.06.2025 upto 5.00 P.M
6. Last date / time of receipt of bids in the portal :- 06.06.2025 upto 5.00 P.M
7. Date & time of opening of bids :- 09.06.2025 at 11.00 A.M
8. Name and address of the officer inviting bid :- The Superintending Engineer, P.H.Division, Cuttack-753004, Odisha. Ph. (0671) 2441063, email :- eephctcii@gmail.com sephdctc521@gmail.com

Further details can be seen from e-procurement portal https://www.tendersodisha.gov.in

OIPR-13009/11/0003/2526

Sd/- Superintending Engineer
P.H. Division, Cuttack

ଭୁବନେଶ୍ୱର
୨୪ ମଇ,
ଶନିବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ୧.୫୫ କୋଟି ଟଙ୍କାର ସାଇବର ଠକେଇ : ୨ ଗିରଫ

**ଭୁବନେଶ୍ୱର, ୨୩।୦୫:ନ୍ୟୁଜ୍‌ବ୍ୟୁରୋ**

ଅନଲାଇନ ପୁଞ୍ଜିନିବେଶ ନାଁରେ କୋଟିପତି ହେବାର ଲୋଭ ଦେଖାଇ ଜଣେ ବ୍ୟକ୍ତିଙ୍କ ଠାରୁ ୧.୫୫ କୋଟି ଟଙ୍କା ଠକି ନେଇଥିବା ୨ ଜଣ ସାଇବର ଠକକୁ ଗିରଫ କରିଛି କ୍ରାଇମବ୍ରାଞ୍ଚ। ଗିରଫ ଦୁଇ ଅଭିଯୁକ୍ତ ହେଉଛନ୍ତି, ତୟବ ଖାନ ଏବଂ ଫିରୋଜ ଖାନ। ଉଭୟଙ୍କୁ ମଧ୍ୟପ୍ରଦେଶରୁ ଗିରଫ କରାଯାଇଛି। ସୂଚନା ଅନୁଯାୟୀ ୨୦୨୫ ମସିହା ଜାନୁୟାରୀ ୧ ତାରିଖରେ ଭୁବନେଶ୍ୱରରେ ରହୁଥିବା ଜଣେ ବ୍ୟକ୍ତି ସାଇବର ଥାନାରେ ରିପୋର୍ଟ କରିଥିଲେ। ଅନଲାଇନରେ ପୁଞ୍ଜିନିବେଶ କରି ସେ ଠକାମିର ଶିକାର ହୋଇଥିଲେ। ଅଭିଯୁକ୍ତମାନେ ପ୍ରଥମେ ତାଙ୍କୁ ଅଧିକ ଟଙ୍କା ଫେରସ୍ତ କରିବାର ଲୋଭ ଦେଖାଇ ପୁଞ୍ଜିନିବେଶ କରିବାକୁ ପ୍ରୋତ୍ସାହିତ କରିଥିଲେ। ଯାହା ଫଳରେ ଅଭିଯୋଗକାରୀ ଜଣକ ୧ କୋଟି ୫୦ ଲକ୍ଷ ୫୦ ହଜାର ଟଙ୍କା ସ୍ଥାନାନ୍ତର କରିଥିଲେ। ପ୍ରାରମ୍ଭିକ ପର୍ଯ୍ୟାୟରେ କ୍ଷତି ହେବା ସତ୍ତ୍ୱେ ସାଇବର ଠକମାନଙ୍କ ପ୍ରରୋଚନାରେ ଅଧିକ ଟଙ୍କା ନିବେଶ କରିବାକୁ ଚାପ ପକାଉଥିଲେ। କିନ୍ତୁ ଟଙ୍କା ଉଠାଇବାକୁ ଚେଷ୍ଟା କରିବା ସମୟରେ ସେମାନେ ଅଧିକ ଟଙ୍କା ନିବେଶ କରିବାକୁ ଦାବି କରୁଥିଲେ। ଦିନ ପରେ ଦିନ ଗଡ଼ିବା ସତ୍ତ୍ୱେ ତାଙ୍କ ଆକାଉଣ୍ଟକୁ ଟଙ୍କା ଫେରି ନଥିଲା। ପରେ ସେ ଏହା ସାଇବର ଠକଙ୍କ କାମ ବୋଲି ଜାଣିପାରି ଥିଲେ। ଏ ସଙ୍କ୍ରାନ୍ତରେ ସେ ସାଇବର ଥାନାରେ ଅଭିଯୋଗ କରିଥିଲେ। ମାମଲାର ତଦନ୍ତ କରି କ୍ରାଇମବ୍ରାଞ୍ଚ ମଧ୍ୟପ୍ରଦେଶର ତୟବ ଖାନ (୨୩) ଏବଂ ଫିରୋଜ ଖାନ (୩୬) ଙ୍କୁ ଗିରଫ କରିଛି। ଅଭିଯୁକ୍ତ ୨ ଜଣ ନିଜକୁ ଟ୍ରେଡ ଆନାଲିଷ୍ଟ ଭାବେ ଉପସ୍ଥାପନ କରି ଅଭିଯୋଗକାରୀଙ୍କ ଠାରୁ ୧ କୋଟି ୫୦ ଲକ୍ଷ ୫୦ ହଜାର ଟଙ୍କା ଠକି ନେଇଥିଲେ। ତଦନ୍ତକାରୀ ଟିମ୍ ଅଭିଯୁକ୍ତ ଦ୍ୱୟଙ୍କ ଠାରୁ ମୋବାଇଲ୍ ଫୋନ୍, ସିମ୍ କାର୍ଡ, ଆଧାର କାର୍ଡ, ପ୍ୟାନ୍ କାର୍ଡ ଇତ୍ୟାଦି ସମେତ ବିଭିନ୍ନ ଅପରାଧମୂଳକ ସାମଗ୍ରୀ ଜବତ କରିଛି।

# ଶ୍ରୀମନ୍ଦିର ସୁରକ୍ଷା ଚିନ୍ତା : ଲାଗିବ ଆଣ୍ଟି ଡ୍ରୋନ୍ ଟେକ୍ନୋଲୋଜି

**ପୁରୀ, ୨୩।୦୫**
**ନ୍ୟୁଜ୍‌ବ୍ୟୁରୋ**





ଶ୍ରୀମନ୍ଦିର ସୁରକ୍ଷା ଚିନ୍ତା। ପୁରୀ ଶ୍ରୀମନ୍ଦିରରେ ଲାଗିବ ଆଣ୍ଟି ଡ୍ରୋନ୍ ଟେକ୍ନୋଲୋଜି। ଏ ନେଇ ପୋଲିସ ବିଭାଗ ସହ ଆଲୋଚନା କରିଛି ଆଇନ ବିଭାଗ। ଆଣ୍ଟି ଡ୍ରୋନ୍ ଟେକ୍ନୋଲୋଜି ଲାଗିଲେ ଡ୍ରୋନ୍ ଉଡ଼ିବା ପରେ ଏହାକୁ ଖସାଇ ଦିଆଯାଇ ପାରିବ। ଆବଶ୍ୟକ ପଡିଲେ ମନ୍ଦିର ପ୍ରଶାସନ ଅର୍ଥ ଦେବ। ଏ ନେଇ ବିଚାର ଚାଲିଥିବା ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି।

ସେପଟେ ପରିଚାଳନା କମିଟି ନେଇ ମଧ୍ୟ ପ୍ରତିକ୍ରିୟା ରଖିଛନ୍ତି ଆଇନ ମନ୍ତ୍ରୀ। ଶ୍ରୀମନ୍ଦିର ପରିଚାଳନା କମିଟିରେ ୧୫ ପ୍ରତିଶତ ସଦସ୍ୟ ବାହାରୁ ରହନ୍ତି। ପରିଚାଳନା ଦୃଷ୍ଟିରୁ କିଛି ଅସୁବିଧା ନାହିଁ। ଆକ୍ଟ ଅନୁଯାୟୀ, ଯାହା ହେବା କଥା ହେଉଛି। କିଛି ସ୍ଥାୟୀ ସଦସ୍ୟଙ୍କ ସହ ସ୍ଥାୟୀ ସଭାପତି ଭାବେ ଗଜପତି ମହାରାଜା ଅଛନ୍ତି। କିଛି ସଦସ୍ୟ ବାହାରୁ ରହିଥାନ୍ତି। ତର୍ଜମା କରାଯାଉଛି କେବେ ହେବ। ପରିଚାଳନା କମିଟି ଭିତରେ ୫ ଜଣ ସେବାୟତ, ୨ ଜଣ ନିମନ୍ତ୍ରିତ ସଦସ୍ୟ ଏବଂ ଜଣେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ବେସରକାରୀ ସଦସ୍ୟ ରହିବା କଥା। ଯେଉଁମାନେ ସ୍ଥାୟୀ ସଦସ୍ୟ ଅଛନ୍ତି ସେମାନେ ଯାହା ନିଷ୍ପତ୍ତି ନେବା କଥା ତାହା ସେମାନେ ନେଇପାରିବେ। ଏହାଦ୍ୱାରା ମନ୍ଦିରର ପରିଚାଳନା ପାଇଁ କୌଣସି ନିଷ୍ପତ୍ତି ନେବାରେ ଅସୁବିଧା ହେବନି ବୋଲି ଆଇନ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି।

# ଷ୍ଟାର୍ଟଅପ୍ ଓଡ଼ିଶା ଏବଂ ଫୋନ୍ ପେ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ

**ଭୁବନେଶ୍ୱର, ୨୩।୦୫:ନ୍ୟୁଜ୍‌ବ୍ୟୁରୋ**

ସ୍ଥାନୀୟ ଓ-ହବ୍ ଠାରେ ଷ୍ଟାର୍ଟଅପ୍ ଓଡ଼ିଶା ଏବଂ ଫୋନ୍ ପେ ପ୍ରାଇଭେଟ୍ ଲିମିଟେଡ୍ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ସହଜ ବ୍ୟବସାୟ ସୁନିଶ୍ଚିତ କରିବା ସହ ଷ୍ଟାର୍ଟଅପ୍‌ଗୁଡ଼ିକୁ ଡିଜିଟାଲ୍ ଭାବରେ ସଶକ୍ତ କରିବା ଲକ୍ଷ୍ୟରେ ଏହା ସ୍ୱାକ୍ଷରିତ ହୋଇଛି। ଷ୍ଟାର୍ଟଅପ୍ ଓଡ଼ିଶାର ମୁଖ୍ୟ ପ୍ରଶାସନିକ ଅଧିକାରୀ କମଲଜିତ ଦାସ ଏବଂ ଫୋନ୍‌ପେ ଲିମିଟେଡ୍ ମର୍ଚ୍ଚାଣ୍ଟ ବ୍ୟବସାୟର ମୁଖ୍ୟ ବ୍ୟବସାୟିକ ଅଧିକାରୀ ଯୁବରାଜ ସିଂହ ଶେଖାୱତ ଆନୁଷ୍ଠାନିକ ଭାବେ ଏହି ବୁଝାମଣାପତ୍ର ସ୍ୱାକ୍ଷର କରିଥିଲେ। ଷ୍ଟାର୍ଟଅପ୍ ପ୍ଲାଟଫର୍ମର ଅନବୋର୍ଡିଂ ନୀତି ଏବଂ ଯାଞ୍ଚ ପ୍ରକ୍ରିୟା ଅନୁଯାୟୀ ଫୋନ୍ ପେ ଅତ୍ୟାଧୁନିକ ଡିଜିଟାଲ୍ ଭିତ୍ତିଭୂମି, ପେମେଣ୍ଟ ପ୍ରଯୁକ୍ତିବିଦ୍ୟା ସମାଧାନ, ମାର୍କେଟିଂ ଏବଂ ପ୍ରୋତ୍ସାହନମୂଳକ ସହାୟତା ଯୋଗାଇ ଦେବ। ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗର ଅତିରିକ୍ତ ଶାସନ ସଚିବ ହେମନ୍ତ ଶର୍ମାଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନରେ ଷ୍ଟାର୍ଟଅପ୍ ଓଡ଼ିଶା ଡିଜିଟାଲ୍ ଅନ୍ତର୍ଭୁକ୍ତିକରଣ, ନବସୃଜନର ପ୍ରୋତ୍ସାହନ, ବିଭିନ୍ନ ଅନୁଷ୍ଠାନ ମଧ୍ୟରେ ସୁ-ସମ୍ପର୍କ ସ୍ଥାପନ, ସମୃଦ୍ଧ ଷ୍ଟାର୍ଟଅପ୍ ଇକୋସିଷ୍ଟମ ନିର୍ମାଣ, ବ୍ୟାପକ ସୁଯୋଗ ସୃଷ୍ଟି ଜରିଆରେ ଭାରତର ଶ୍ରେଷ୍ଠ ଷ୍ଟାର୍ଟଅପ୍ ହବ୍ ମଧ୍ୟରେ ଓଡ଼ିଶାକୁ ସ୍ଥାନିତ କରିବା ପାଇଁ ଲକ୍ଷ୍ୟ ରଖିଛି।

## ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର କ୍ୟାମ୍ପସକୁ ଲାଗି

# ନିର୍ମାଣାଧୀନ ଭେଣ୍ଡିଂ ଜୋନ୍ ଉପରେ ରୋକ ଲଗାଇଲେ ହାଇକୋର୍ଟ

**କଟକ, ୨୩।୦୫:ନ୍ୟୁଜ୍‌ବ୍ୟୁରୋ**



କ୍ଷୁଦ୍ର ତଥା ଉଠା ଦୋକାନୀମାନଙ୍କୁ ଥଇଥାନ କରିବା ଲାଗି ନିର୍ମାଣ ହେଲା ଭେଣ୍ଡିଂଜୋନ, ଖର୍ଚ୍ଚ ହେଲା ପ୍ରାୟ ୨୫ ଲକ୍ଷ ଟଙ୍କା। କିନ୍ତୁ ସିଏମସି କର୍ତ୍ତୃପକ୍ଷଙ୍କ ଦୂରଦୃଷ୍ଟି ଅଭାବ ଯୋଗୁ ନିର୍ମାଣ କାର୍ଯ୍ୟ ଉପରେ ଲାଗିଲା ଅଦାଲତି ଅଙ୍କୁଶ। କଟକ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟକୁ ଲାଗି ନିର୍ମିତ ହେଉଥିବା ଭେଣ୍ଡିଙ୍ଗଜୋନ ଉପରେ ରହିତାଦେଶ ଜାରି କରିଛନ୍ତି ହାଇକୋର୍ଟ। କୌଣସି ପ୍ରକାର ନିର୍ମାଣ କାମ ଏବଂ ଆଲଟମେଣ୍ଟ ଉପରେ ହାଇକୋର୍ଟ ରୋକ ଲଗାଇଛନ୍ତି। ତେଣେ ମେୟର ସଫେଇ ଦେଇଛନ୍ତି କି କୋର୍ଟ ନିର୍ଦ୍ଦେଶକୁ ତର୍ଜମା କରିବୁ, ଓକିଲଙ୍କ ସହ ପରାମର୍ଶ ନେଇ ପରବର୍ତ୍ତୀ ପଦକ୍ଷେପ ନେବୁ। ଭେଣ୍ଡିଂ ଜୋନ୍ ନିର୍ମାଣ କାମ ପ୍ରାୟ ସରି ଆସିଥିଲା। ହୁଏତ ଆଉ ଦିନ କେଇଟା ପରେ କଟକ ଯୋବ୍ରା ସ୍ଥିତ ଏହି ଭେଣ୍ଡିଂ ଜୋନ କାର୍ଯ୍ୟକାରୀ ହୋଇଥାଆନ୍ତା। କିନ୍ତୁ ସମସ୍ତ ନିର୍ମାଣ କାର୍ଯ୍ୟ ଉପରେ ରୋକ ଲଗାଇଦେଲେ ହାଇକୋର୍ଟ। ଅନ୍ୟାଦେଶ ନ ଆସିବା ଯାଏ ସ୍ଥିତାବସ୍ଥା ବଜାୟ ରଖିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର କ୍ୟାମ୍ପସକୁ ଲାଗି ଏହି ଭେଣ୍ଡିଂ ଜୋନ ନିର୍ମାଣ ହେଉଥିଲା। କିନ୍ତୁ ଏହାଦ୍ୱାରା ବିଶ୍ୱବିଦ୍ୟାଳୟର ଶୈକ୍ଷିକ ବାତାବରଣ ପ୍ରଭାବିତ ହେବ ବୋଲି ଅଭିଯୋଗ କରି ବିଶ୍ୱବିଦ୍ୟାଳୟର ୩ ଜଣ ଛାତ୍ର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲାର ଶୁଣାଣି ସମୟରେ ସିଏମ୍‌ସି କମିଶନର ବ୍ୟକ୍ତିଗତ ଭାବେ ହଜାର ହୋଇ ନିଜର ପକ୍ଷ ମଧ୍ୟ ରଖିଥିଲେ। କିନ୍ତୁ ଜବାବ ସନ୍ତୋଷଜନକ ନଥିଲା, ତେଣୁ ନିର୍ମାଣ କାମ ଉପରେ ରହିତାଦେଶ ଜାରି କରିଛନ୍ତି କୋର୍ଟ, ତା' ସହିତ ଆବଶ୍ୟକୀୟ ତଥ୍ୟ ଦାଖଲ କରିବାଲାଗି ସିଏମ୍‌ସି କର୍ତ୍ତୃପକ୍ଷଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। କଟକ ସହରରେ ହଜାର ହଜାର ସଂଖ୍ୟାର କ୍ଷୁଦ୍ର ତଥା ଉଠା ଦୋକାନୀ ଅଛନ୍ତି। ସେମାନଙ୍କ ଥଇଥାନ ପାଇଁ ଭେଣ୍ଡିଂ ଜୋନର ଆବଶ୍ୟକତା ରହିଛି, ତା'ର ଅର୍ଥ ନୁହେଁ, ଯେ ଦୂରଦୃଷ୍ଟି ନରଖି ନିଷ୍ପତ୍ତି ନେବା ତାହା ନହୋଇ ଥିଲେ ହୁଏତ ଏହି ନିର୍ମାଣଧୀନ ପ୍ରକଳ୍ପ ଉପରେ ଅଦାଲତି ଅଙ୍କୁଶ ଲାଗି ନଥାନ୍ତା।

# ପୁରୀ ଶଙ୍କରାଚାର୍ଯ୍ୟ ଗୋବର୍ଦ୍ଧନ ପୀଠର ସଂରକ୍ଷଣ ଓ ସୁରକ୍ଷା ନେଇ ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା

**ଭୁବନେଶ୍ୱର, ୨୩।୦୫**
**ନ୍ୟୁଜ୍‌ବ୍ୟୁରୋ**



ଲୋକସେବା ଭବନ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ପୁରୀ ବାଲିସାହି ସ୍ଥିତ ଶଙ୍କରାଚାର୍ଯ୍ୟଙ୍କ ଗୋବର୍ଦ୍ଧନ ପୀଠର ସଂରକ୍ଷଣ ଓ ବିକାଶ ନେଇ ବୈଠକ ବସିଥିଲା। ଏହି ବୈଠକରେ ପୁରୀ ଗୋବର୍ଦ୍ଧନ ପୀଠର ସୁରକ୍ଷା ଓ ସଂରକ୍ଷଣ, ସମସ୍ତ ପୂର୍ବାଚାର୍ଯ୍ୟମାନଙ୍କ ସମାଧୀ ସ୍ଥଳର ସୁରକ୍ଷା, ପୂଜ୍ୟ ଜଗଦ୍‌ଗୁରୁଙ୍କ ସୁରକ୍ଷା ବ୍ୟବସ୍ଥା, ମଠ ପରିସରରେ ଥିବା ଗୋବର୍ଦ୍ଧନ ଗୋଶାଳାର ବିକାଶ, ମହୋଦଧି ସନ୍ଧ୍ୟା ଆରତୀ ସ୍ଥଳର ବିକାଶ ସମ୍ପର୍କରେ ଆଲୋଚନା ହୋଇଥିଲା। ଗୋବର୍ଦ୍ଧନ ପୀଠର ଉନ୍ନତି ପାଇଁ ଶଙ୍କରାଚାର୍ଯ୍ୟ ପୀଠ ଟ୍ରଷ୍ଟ ବୋର୍ଡର ସଦସ୍ୟମାନଙ୍କୁ ଆବଶ୍ୟକୀୟ କାର୍ଯ୍ୟ ସମ୍ବନ୍ଧରେ ସରକାରଙ୍କୁ ଜଣାଇବା ପାଇଁ ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ପୀଠର ଉନ୍ନତି ପାଇଁ ସବୁ ବିଭାଗ ତଥା ଜିଲ୍ଲା ପ୍ରଶାସନର ସମନ୍ୱୟରେ କାର୍ଯ୍ୟ କରିବା ପାଇଁ ମୁଖ୍ୟମନ୍ତ୍ରୀ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ପୂଜ୍ୟ ଜଗଦ୍‌ଗୁରୁଙ୍କ ସୁରକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ପାଇଁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। ମଠର ପାରିପାର୍ଶ୍ୱିକ ବିକାଶ ସମ୍ପର୍କରେ ଏକ ରିପୋର୍ଟ ପ୍ରସ୍ତୁତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ଏଥିସହିତ ମହୋଦଧି ସନ୍ଧ୍ୟା ଆଳତୀ ସ୍ଥଳକୁ ଭକ୍ତ ଓ ପର୍ଯ୍ୟଟକଙ୍କ ପାଇଁ ଅଧିକ ଆକର୍ଷଣୀୟ କରିବା ନିମନ୍ତେ ଜିଲ୍ଲା ପ୍ରଶାସନକୁ ମୁଖ୍ୟମନ୍ତ୍ରୀ କହିଥିଲେ। ପୁରୀ ଗୋବର୍ଦ୍ଧନ ପୀଠର ବିକାଶ ପାଇଁ ଯାହା ଆବଶ୍ୟକତା ରହିଛି ସମସ୍ତ କାର୍ଯ୍ୟକୁ ଗୁରୁତ୍ୱର ସହ ନେଇ ସମ୍ପନ୍ନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ।

ବୈଠକରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ପୁରୀ ସାଂସଦ ଡଃ ସମ୍ବିତ ପାତ୍ର, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂ, ଶ୍ରୀମନ୍ଦିର ପ୍ରଶାସକ ତଥା ପ୍ରମୁଖ ଶାସନ ସଚିବ ଡଃ ଅରବିନ୍ଦ ପାଢ଼ୀ, ପ୍ରମୁଖ ଶାସନ ସଚିବ ଆଇନ ବିଭାଗ ମାନସ ରଞ୍ଜନ ବାରିକ, ପ୍ରମୁଖ ଶାସନ ସଚିବ ପୂର୍ତ୍ତ ବିଭାଗ ସଞ୍ଜୟ ସିଂହ, ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ, ଜିଲ୍ଲାପାଳ ପୁରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଆରକ୍ଷୀ ଅଧିକ୍ଷକ ଭିନିତ ଅଗ୍ରୱାଲ, ଗୋବର୍ଦ୍ଧନ ପୀଠର ପ୍ରତିନିଧି ପଣ୍ଡିତ ମାତୃପ୍ରସାଦ ମିଶ୍ର, ବ୍ରହ୍ମଚାରୀ ସୁୟସ ପ୍ରଶାନ୍ତ, ରଘୁନାଥ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ପୁରୁଣା ସରକାରୀ ବସ୍‌ଗୁଡ଼ିକ ହେବ ବିଦ୍ୟୁତ ଚାଳିତ



**ଭୁବନେଶ୍ୱର, ୨୩।୦୫**
**ନ୍ୟୁଜ୍‌ବ୍ୟୁରୋ**

ପ୍ରଦୂଷଣ ରୋକିବାକୁ ରାଜ୍ୟ ସରକାରଙ୍କ ନୂଆ ଆକ୍ସନ ପ୍ଲାନ। ଏଣିକି ପୁରୁଣା ସରକାରୀ ବସ୍‌କୁ ଇଭି (ଇଲେକ୍ଟ୍ରିକ ଭେଇକିଲ)କୁ କରାଯିବ ପରିବର୍ତ୍ତନ। ବସ୍ ସହ ବିଭିନ୍ନ ବିଭାଗର ସରକାରୀ ଗାଡ଼ିକୁ ମଧ୍ୟ ପର୍ଯ୍ୟାୟ କ୍ରମେ ଇଭି କରାଯିବ। ଏଥିପାଇଁ ଏକ ଜର୍ମାନ କମ୍ପାନୀ ସହ ସରକାରଙ୍କ ଆଲୋଚନା ଚାଲିଥିବା କହିଛନ୍ତି ପରିବହନ ମନ୍ତ୍ରୀ ବିଭୁତି ଜେନା।

ପରିବହନ ମନ୍ତ୍ରୀ କହିଛନ୍ତି, ପେଟ୍ରୋଲ, ଡିଜେଲ ଚାଳିତ ଗାଡ଼ିକୁ ଇଭିରେ ପରିବର୍ତ୍ତନ କରୁଥିବା ଏହି କମ୍ପାନୀ ଖୁବ୍ ଶୀଘ୍ର ନିଜ ପ୍ଲାଣ୍ଟ ଓଡ଼ିଶାରେ ସ୍ଥାପନ କରିବ। ସେହିପରି ଖୁବ୍ ଶୀଘ୍ର ରାଜ୍ୟରେ ନୂଆ ଇଭି ପଲିସି ଲାଗୁ କରିବେ ସରକାର। ଏଥିରେ ଇଭି ଗାଡ଼ି କ୍ରୟ ପାଇଁ ମିଳୁଥିବା ସବସିଡିକୁ ବୃଦ୍ଧି କରାଯିବ।

ସରକାରଙ୍କ ଆଉ ଏକ ନିଷ୍ପତ୍ତିକ୍ରମେ ରାଜ୍ୟର ସବୁ ସରକାରୀ ଗାଡ଼ିରୁ ହଟିବ ନାଲିବତି। ଏ ନେଇ ଶୁକ୍ରବାର ପରିବହନ ବିଭାଗ ତରଫରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। କିଛି ସରକାରୀ ଅଧିକାରୀ ଏବେବି ନାଲିବତି ବ୍ୟବହାର କରୁଥିବା ଅଭିଯୋଗ ଆସୁଛି। ସବୁ ବିଭାଗକୁ ଏହି ନିୟମ ଅନୁପାଳନ କରିବାକୁ କୁହାଯାଇଥିବା ପରିବହନ ମନ୍ତ୍ରୀ କହିଛନ୍ତି।

# ଲିଙ୍ଗରାଜ ମନ୍ଦିରରେ ପ୍ରବେଶ କଲେ ଅଣହିନ୍ଦୁ
## ଚୂନ ପାଣି ପକାଇ କରାଗଲା ଶୁଦ୍ଧି



**ଭୁବନେଶ୍ୱର, ୨୩।୦୫**
**ନ୍ୟୁଜ୍‌ବ୍ୟୁରୋ**

ଲିଙ୍ଗରାଜ ମନ୍ଦିରରେ ପ୍ରବେଶ କଲେ ଅଣହିନ୍ଦୁ। ମନ୍ଦିର ଭିତରେ ଜଣେ ଅଣହିନ୍ଦୁ ପ୍ରବେଶ ନେଇ ଚିହ୍ନଟ କରିଥିବା ଦେଖିବାକୁ ମିଳିଛି। ଅଣହିନ୍ଦୁ ଜଣଙ୍କୁ ପୋଲିସ ଓ ମନ୍ଦିର କର୍ମଚାରୀ ଦେଖିବାକୁ ପାଇଥିଲେ। ପରେ ଏନେଇ ମନ୍ଦିର ସୁପରଭାଇଜରଙ୍କୁ ଅବଗତ କରାଯାଇଥିଲା। ମନ୍ଦିରରେ ଅଣହିନ୍ଦୁ ପ୍ରବେଶ କରିଥିବାରୁ ବଡ଼ ଦୋଖାଳ ନୀତି କରାଯାଇଥିଲା। ଚୂନ ପାଣି ପକାଯାଇ ମନ୍ଦିରକୁ ଶୁଦ୍ଧି କରାଯାଇଥିଲା। ମନ୍ଦିର ଶୁଦ୍ଧି ପାଇଁ ଦିନ ୧୨ଟାରୁ ନୀତି ବନ୍ଦ କରାଯାଇଥିଲା। ମନ୍ଦିରକୁ ଶୁଦ୍ଧି କରାଯିବା ପରେ ନୀତିକାନ୍ତି ଆରମ୍ଭ ହୋଇଛି। ତେବେ ଲିଙ୍ଗରାଜ ମନ୍ଦିରରେ ଅଣହିନ୍ଦୁ ପ୍ରବେଶ କରିବାର ଏହା ପ୍ରଥମ ଘଟଣା ନୁହେଁ। ପୂର୍ବରୁ ମଧ୍ୟ ଅନେକ ଥର ମନ୍ଦିର ଭିତରକୁ ଅଣହିନ୍ଦୁ ପ୍ରବେଶ କରିବା ଦେଖିବାକୁ ମିଳିଛି। ଏ ଘଟଣା ପରେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ତାହା ଦେଖିବା ବାକି ରହିଲା।

# ସୁରକ୍ଷା ବାହିନୀ ଗୁଳିରେ ୯ ମାଓବାଦୀ ନିହତ

**ମାଲକାନଗିରି, ୨୩।୦୫:ନ୍ୟୁଜ୍‌ବ୍ୟୁରୋ**



ଛତିଶଗଡ଼ର ବିଜାପୁର ଜିଲ୍ଲା ସୀମାନ୍ତ ଜଙ୍ଗଲରେ ଶୁକ୍ରବାର ପୁଣି ନକ୍ସଲ ଓ ପୁଲିସ ମଧ୍ୟରେ ଗୁଳିବିନିମୟ ଘଟିଛି। ପ୍ରାୟ ୨ ଘଣ୍ଟା ଗୁଳିବିନିମୟରେ ୪ ଜଣ ନକ୍ସଲ ମୃତ୍ୟୁବରଣ କରିଥିବା ଜଣାପଡିଛି। ବିଶେଷ ସୂତ୍ରରୁ ଖବର ପାଇ ପ୍ରାୟ ୩୦୦ ଯବାନ ବିଜାପୁର ସୀମାନ୍ତ ଜଙ୍ଗଲରେ ଚଢ଼ଉ କରିଥିଲେ। ଶୁକ୍ରବାର ସକାଳୁ ଯବାନଙ୍କୁ ଦେଖି ନକ୍ସଲ ଅତର୍କିତ ଗୁଳି ଚଳାଇଥିଲେ। ତେବେ ନକ୍ସଲ ଯବାନଙ୍କ ଗୁଳିର ସାମ୍ନା କରିନପାରି ଛତ୍ରଭଙ୍ଗ ଦେଇଥିଲେ। ଘଟଣାସ୍ଥଳରେ ସର୍ଚ୍ଚ ଅପରେସନ ବେଳେ ୪ ଜଣ ନକ୍ସଲଙ୍କ ମୃତ ଦେହ ଠାବ କରାଯାଇଛି। ଏଥିସହ ଚାରୋଟି ବନ୍ଧୁକ ଜବତ କରାଯାଇଛି। ସେହିପରି ସୁକମା ଜିଲ୍ଲାର କିଷ୍ଟରାମ ଜଙ୍ଗଲରେ ପୁଲିସ ନକ୍ସଲ ଗୁଳିବିନିମୟରେ ଜଣେ ନକ୍ସଲ ମୃତ୍ୟୁବରଣ କରିଛି। ଏହି ଏନକାଉଣ୍ଟରରେ ବହୁ ନକ୍ସଲ ମୃତାହତ ହୋଇଥିବା ପୁଲିସ କହିଛି। ତେବେ ନକ୍ସଲଙ୍କୁ ଆଉ ନିସ୍ତାର ନାହିଁ। ଯବାନ ସଂପୂର୍ଣ୍ଣ ଛତିଶଗଡର ସମସ୍ତ ଜଙ୍ଗଲକୁ ଘେରି ରହିଛନ୍ତି। ନକ୍ସଲ ଆତ୍ମସମର୍ପଣ ନକଲେ ମରିବେ ବୋଲି ପୁଲିସ କହିଛି।

ସେହିପରି ସୁରକ୍ଷା ବାହିନୀଙ୍କ ଗୁଳିରେ ଟଳିଲେ ୪ କୁଖ୍ୟାତ ମାଓବାଦୀ। ମହାରାଷ୍ଟ୍ର ପୁଲିସ ଓ କେନ୍ଦ୍ରୀୟ ସୁରକ୍ଷା ବଳ (ସିଆରପିଏଫ)ର ମାଓ ବିରୋଧୀ ଅଭିଯାନରେ ମିଳିଛି ଏହି ବଡ଼ ସଫଳତା। ମହାରାଷ୍ଟ୍ର-ଛତିଶଗଡ଼ର ସୀମାନ୍ତ ଗଡ଼ଚିରୋଲି ଥାନା ଅଧୀନ ଏକ ଜଙ୍ଗଲରେ ଶୁକ୍ରବାର ସୁରକ୍ଷା ବାହିନୀ ଏବଂ ମାଓମାଦୀଙ୍କ ମଧ୍ୟରେ ଗୁଳିବିନିମୟ ଘଟିଛି। ଏଥିରେ ସୁରକ୍ଷା ବାହିନୀଙ୍କ ଗୁଳିରେ ୪ ଜଣ କୁଖ୍ୟାତ ମାଓବାଦୀ ନିପାତ ହୋଇଥିବା ଜଣାପଡ଼ିଛି। ଏଥିସହ ବିପୁଳ ମାଓ ସାମଗ୍ରୀ ଜବତ ହୋଇଛି। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ତଲାସୀ ଅଭିଯାନ ଚଳାଇଥିଲେ ପୁଲିସ ଓ ସିଆରପିଏଫ ଯବାନ।

## ମର୍ମନ୍ତୁଦ ସଡ଼କ ଦୁର୍ଘଟଣା
## ୨ ମୃତ, ୮ ଗୁରୁତର

**ସୁବର୍ଣ୍ଣପୁର, ୨୩।୦୫**
**ନ୍ୟୁଜ୍‌ବ୍ୟୁରୋ**

ସୋନପୁର-ବଲାଙ୍ଗୀର ରାସ୍ତାର ହରଡ଼ଖୋଲ ନିକଟରେ ଘଟିଛି ଏହି ସଡ଼କ ଦୁର୍ଘଟଣା। ଏହି ଦୁର୍ଘଟଣାରେ ଘଟଣା ସ୍ଥଳରେ ଦୁଇଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୮ ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କୁ ସୋନପୁର ମେଡିକାଲରେ ଭର୍ତ୍ତି କରି ଚିକିତ୍ସା କରାଯାଉଛି। ସେପଟେ କଟର ମେସିନ ସାହାଯ୍ୟରେ ସୋନପୁର ଦମକଳ ବାହିନୀ କର୍ମଚାରୀ ଗାଡ଼ି ଭିତରେ ରହିଥିବା ଲୋକଙ୍କୁ ଉଦ୍ଧାର କରିଥିବା ଜଣାଯାଇଛି। ଦୁଲଦୁଲି ଗାଡିଟି ମନମୁଣ୍ଡାରୁ ଏକ ବାହାଘର ସାରି କଳାହାଣ୍ଡିକୁ ଫେରୁଥିବା ସମୟରେ ଭରସାମ୍ୟ ହରାଇ ହରଡ଼ଖୋଲ ନିକଟରେ ଓଲଟି ପଡ଼ିଥିଲା। ଫଳରେ ଗାଡିରେ ରହିଥିବା ୨୫ ଜଣଙ୍କ ମଧ୍ୟରୁ ଘଟଣା ସ୍ଥଳରେ ଦୁଇଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୮ ଜଣ ଗୁରୁତର ହୋଇଥିବା ଜଣାଯାଇଛି। ଦୁଲୁଦୁଲି ଗାଡ଼ି ଏବଂ ବାଦ୍ୟକାରମାନେ ସମସ୍ତେ ବରଗଡ଼ ଜିଲ୍ଲା ତୁରା ଅଞ୍ଚଳର ହୋଇଥିବା ଜଣାପଡ଼ିଛି। ଖବର ପାଇ ସୋନପୁର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମୃତ ବ୍ୟକ୍ତି ଦୁଇ ଜଣ ହେଲେ ମଣ୍ଟୁ ଛତ୍ରିଆ ଓ ସୁଦାମ ଛିକା।

# ପାକିସ୍ତାନ ବିମାନ ପାଇଁ ଆଉ ମାସେ ବଢ଼ିଲା ଭାରତର କଟକଣା

**ନୂଆଦିଲ୍ଲୀ, ୨୩।୦୫**

ଅପରେସନ ସିନ୍ଦୂର ପରେ ଉଭୟ ଭାରତ ଓ ପାକିସ୍ତାନ ପରସ୍ପରର ବାୟୁସୀମାକୁ ବନ୍ଦ କରିଦେଇଛନ୍ତି। ଅର୍ଥାତ ଭାରତୀୟ ବିମାନ ପାକ୍ ବାୟୁସୀମା ଓ ପାକ୍ ବିମାନ ଭାରତୀୟ ବାୟୁସୀମା ବ୍ୟବହାର କରିପାରିବେ ନାହିଁ। ନିକଟରେ ପାକିସ୍ତାନ ଏହି କଟକଣାକୁ ଆଉ ମାସେ ବଢ଼ାଇଥିବାବେଳେ ଶୁକ୍ରବାର ଭାରତ ସମାନ ପଦକ୍ଷେପ ନେଇଛି। ଭାରତ ସରକାର ଜୁନ ୨୩ ପର୍ଯ୍ୟନ୍ତ ପାକିସ୍ତାନୀ ବିମାନ ପାଇଁ ତା'ର ଆକାଶ ମାର୍ଗ ବନ୍ଦ କରିଦେଇଛନ୍ତି। ପୂର୍ବରୁ ପାକିସ୍ତାନ ସହିତ ବଢ଼ୁଥିବା ଉତ୍ତେଜନା ମଧ୍ୟରେ ସରକାର ୨୩ ମଇ ୨୦୨୫ ପର୍ଯ୍ୟନ୍ତ ନୋଟାମ (ନୋଟିସ ଟୁ ଏୟାରମ୍ୟାନ) ଜାରି କରିଥିଲେ। ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ କହିଛି ଯେ ପାକିସ୍ତାନୀ ଯାତ୍ରୀବାହୀ ବିମାନ ଏବଂ ସାମରିକ ବିମାନ ଭାରତୀୟ ଆକାଶ ମାର୍ଗ ସହିତ ଯୋଗାଯୋଗ କରିପାରିବ ନାହିଁ। ପାକିସ୍ତାନ ଏୟାରପୋର୍ଟ ଅଥରିଟି ପକ୍ଷରୁ ଜୁନ ୨୪ ପର୍ଯ୍ୟନ୍ତ ନୋଟାମ ଜାରି କରାଯାଇଛି। କେବଳ ଭାରତୀୟ ବିମାନ ପାଇଁ ଏହି କଟକଣା ରହିବ।

ନିକଟରେ କୁଆପଥର ମାଡ଼ ଯୋଗୁଁ କ୍ଷତିଗ୍ରସ୍ତ ଏକ ଯାତ୍ରୀବାହୀ ଇଣ୍ଡିଆ ବିମାନ ଲାହୋର ବିମାନବନ୍ଦରରେ ଅବତରଣ ଅନୁମତି ମାଗିଥିଲେ ବି ପାକିସ୍ତାନ ଏଥିପାଇଁ ଅନୁମତି ଦେଇନଥିଲା।

# ଯୁକ୍ତ୨ ନାମଲେଖା : ଅନ୍‌ଲାଇନରେ ଆବେଦନ କରିପାରିବେ ଛାତ୍ରଛାତ୍ରୀ

**ଭୁବନେଶ୍ୱର, ୨୩।୦୫**
**ନ୍ୟୁଜ୍‌ବ୍ୟୁରୋ**



ଯୁକ୍ତ୨ ନାମଲେଖା ପାଇଁ ମେ ୨୪ (ଶନିବାର) ଠାରୁ ଆବେଦନ ପ୍ରକ୍ରିୟା ଆରମ୍ଭ ହେବ। ଅନଲାଇନ ମାଧ୍ୟମରେ ହେଉଥିବା ଏହି ଆବେଦନ ପ୍ରକ୍ରିୟା ଆସନ୍ତା ଜୁନ ୩୦ ତାରିଖ ଯାଏଁ ଜାରି ରହିବ। ଛାତ୍ରଛାତ୍ରୀମାନେ ସାମ୍ସ ପୋର୍ଟାଲରେ ଆବେଦନ କରିପାରିବେ। ଜୁଲାଇ ୭ରେ ପ୍ରଥମ ମେରିଟ ଲିଷ୍ଟ ବାହାରିବ। ଜୁଲାଇ ୮ରୁ ୧୪ ଯାଏଁ ଆଡମିସନ ପ୍ରକ୍ରିୟା ଜାରି ରହିବ। ଜୁଲାଇ ୨୪ରୁ ଯୁକ୍ତ୨ ପ୍ରଥମ ବର୍ଷର ପାଠପଢ଼ା ଆରମ୍ଭ ହେବ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ରାଜ୍ୟରେ ଥିବା ୧୬୦୦ରୁ ଅଧିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ (ଯୁକ୍ତ୨ କଲେଜ) ସମେତ ସେଲ୍ଫ ଫାଇନାନ୍ସିଂ କଲେଜ, ଉପଶାସ୍ତ୍ରୀ ଓ ଧନ୍ଦାମୂଳକ ଶିକ୍ଷା କଲେଜରେ ନାମଲେଖା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ମେ ୨୪ରୁ ୱେବସାଇଟରେ କମନ ଆପ୍ଲିକେଶନ ଫର୍ମ (ସିଏଏଫ୍) ଉପଲବ୍ଧ ହେବ। ଜୁନ ୩୦ ତାରିଖ ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନେ ଆବେଦନ କରିପାରିବେ। ଛାତ୍ରୀଛାତ୍ରମାନେ କେବଳ ଅନଲାଇନରେ ଆବେଦନ କରିପାରିବେ। ଅଫଲାଇନରେ କୌଣସି ଫର୍ମ ଗ୍ରହଣ କରାଯିବ ନାହିଁ। ଫର୍ମପୂରଣ କରିବା ପୂର୍ବରୁ ଛାତ୍ରୀଛାତ୍ରମାନେ ସିଏଏଫକୁ ଭଲ ଭାବେ ପଢ଼ିବାକୁ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ପରାମର୍ଶ ଦିଆଯାଇଛି।

# ଭୁଲ ନାହିଁ, ତୁମର ଜନ୍ମ କେମିତି ହୋଇଥିଲା : ବାଂଲାଦେଶକୁ ସଫା ସଫା ଶୁଣାଇଦେଲେ ଶାହା

**ନୂଆଦିଲ୍ଲୀ, ୨୩।୦୫**



ଶୁକ୍ରବାର କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ବାଂଲାଦେଶକୁ ସ୍ପଷ୍ଟ ଚେତାବନୀ ଦେଇଛନ୍ତି। ସେ କହିଛନ୍ତି ଯେ ୧୯୭୧ ମୁକ୍ତିଯୁଦ୍ଧ ସମୟରେ ବାଂଲାଦେଶ ସୃଷ୍ଟିରେ ସୀମା ସୁରକ୍ଷା ବଳ ଯେଉଁ ବଡ଼ ଭୂମିକା ଗ୍ରହଣ କରିଥିଲା, ତାହାକୁ ଅଣଦେଖା କରାଯାଇପାରିବ ନାହିଁ। ଏକ କାର୍ଯ୍ୟକ୍ରମରେ ଭାଷଣ ଦେଇ କେନ୍ଦ୍ର ଗୃହମନ୍ତ୍ରୀ ଶ୍ରୀ ଶାହ ଏହା କହିଥିଲେ।

ସେ କହିଛନ୍ତି, ବିଏସଏଫର ଯାତ୍ରା ଯେତିକି କଷ୍ଟକର, ସେତିକି ରୋମାଞ୍ଚକର। ବିଏସଏଫର ଭାଗ୍ୟରେ ଏପରି ଏକ ସୁଯୋଗ ଆସିଲା ଯେ ଏହାର ଗଠନର ୬ ବର୍ଷ ମଧ୍ୟରେ, ଏହାକୁ ସବୁଠାରୁ କଷ୍ଟକର ସୀମାରେ ଯୁଦ୍ଧର ସମ୍ମୁଖୀନ ହେବାକୁ ପଡିଲା। ୧୯୬୫ ମସିହାରେ ଏହାର ପ୍ରତିଷ୍ଠା ପରେ, ୧୯୭୧ ମସିହାରେ ଆମ ଉପରେ ଲଦି ଦିଆଯାଇଥିବା ଯୁଦ୍ଧରେ ବିଏସଏଫ ସୈନିକମାନେ ଯେଉଁ ସାହସିକତା ଦେଖାଇଥିଲେ, ସେମାନଙ୍କ ଦ୍ୱାରା ଦିଆଯାଇଥିବା ଅବଦାନକୁ ନା ଭାରତ ଭୁଲିପାରିବ ନା ବାଂଲାଦେଶ କେବେ ଭୁଲିପାରିବ। ବାଂଲାଦେଶ ଗଠନରେ ବିଏସଏଫ ବହୁତ ବଡ଼ ଭୂମିକା ଗ୍ରହଣ କରିଥିଲା।

ପାକିସ୍ତାନ ସହିତ ସମ୍ପ୍ରତି ହୋଇଥିବା ସେନା ସଂଘର୍ଷ ସମ୍ପର୍କରେ ସେ କହିଛନ୍ତି, ପର୍ଯ୍ୟଟକମାନଙ୍କୁ ସେମାନଙ୍କ ଧର୍ମ ବିଷୟରେ ପଚରାଯାଇଥିଲା ଏବଂ ସେମାନଙ୍କ ପରିବାର ସମ୍ମୁଖରେ ସେମାନଙ୍କୁ ବାଛି ବାଛି ହତ୍ୟା କରାଯାଇଥିଲା। ବିହାରରେ ଆମର ପ୍ରଧାନମନ୍ତ୍ରୀ କହିଥିଲେ ଯେ ଏହାର ଉପଯୁକ୍ତ ଜବାବ ଦିଆଯିବ। ଅପରେସନ ସିନ୍ଦୂର ହେଉଛି ଏହାର ଉତ୍ତର। ଆଜି ସାରା ବିଶ୍ୱ ଆମ ସେନାକୁ ପ୍ରଶଂସା କରୁଛି।

ସେ ଆହୁରି କହିଛନ୍ତି, ବିଶ୍ୱର ଅନେକ ସ୍ଥାନରେ ଆତଙ୍କବାଦୀ ଆକ୍ରମଣର ଜବାବ ଦିଆଯାଇଛି, କିନ୍ତୁ ଭାରତ ଦ୍ୱାରା ଦିଆଯାଇଥିବା ଜବାବ ଏକ ପ୍ରକାର ଭିନ୍ନ। ଯେତେବେଳେ ପହଲଗାମ ଉପରେ ଆକ୍ରମଣ ହୋଇଥିଲା, ଆମେ ୮ ତାରିଖରେ ଅପରେସନ ସିନ୍ଦୂର ଆରମ୍ଭ କରିଥିଲୁ। ମାତ୍ର କିଛି ମିନିଟ୍‌ର ଏକ ଅପରେସନରେ ଆମେ ୯ଟି ଆତଙ୍କବାଦୀ ଘାଟିକୁ ଧ୍ୱଂସ କରିଥିଲୁ, ଯେଉଁଥିରେ ସେମାନଙ୍କର ମୁଖ୍ୟାଳୟ ମଧ୍ୟ ଅନ୍ତର୍ଭୁକ୍ତ ଥିଲା। ଏଥିରେ ଆମେ ପାକିସ୍ତାନୀ ସେନା କିମ୍ବା ଏୟାରବେସ୍ ଉପରେ ଆକ୍ରମଣ କରିନାହୁଁ। ଆମେ କେବଳ ଆତଙ୍କବାଦୀ ଘାଟି ଉପରେ ଆକ୍ରମଣ କରିଥିଲୁ।

# ୩ ଦୁଷ୍କର୍ମକାରୀଙ୍କୁ ଆଜୀବନ ସଜା : ପୀଡ଼ିତାଙ୍କୁ ୮ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ

**କଟକ, ୨୩।୦୫:ନ୍ୟୁଜ୍‌ବ୍ୟୁରୋ**

୩ ଦୁଷ୍କର୍ମକାରୀଙ୍କୁ ଆଜୀବନ ସଜା। ଦଣ୍ଡାଦେଶ ଶୁଣାଇଲେ କଟକ ଫାଷ୍ଟ ଟ୍ରାକ କୋର୍ଟ-୧। ୩ ଦୋଷୀ ହେଲେ ମଙ୍ଗରାଜ ଭୋଇ, ଅମର ଭୋଇ ଓ ଅରୁଣମ ଭୋଇ। ପ୍ରତ୍ୟେକଙ୍କୁ ୩୦ ହଜାର ଲେଖାଏଁ ଜରିମାନା ନିର୍ଦ୍ଦେଶ ଦିଆଯାଇଛି। ସେହିପରି ପୀଡିତାଙ୍କୁ ୮ ଲକ୍ଷ ଟଙ୍କା କ୍ଷତିପୂରଣ ପାଇଁ ଜିଲ୍ଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି କୋର୍ଟ। ୨୦୨୧ ମସିହା ଜୁଲାଇ ମାସରେ ଘଟିଥିଲା କୁତ୍ସିତ କାଣ୍ଡ। ପୀଡ଼ିତାଙ୍କୁ ଗଣଦୁଷ୍କର୍ମ କରିଥିଲେ ୩ ଅଭିଯୁକ୍ତ। ଏନେଇ କଟକ ସଦର ଥାନାରେ ଦାୟର ହୋଇଥିଲା ମାମଲା।

ପ୍ରାୟ ୪ ବର୍ଷ ଧରି ମାମଲାର ଶୁଣାଣି ଚାଲିଥିଲା। ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି କୋର୍ଟ ତିନି ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ଆଉ ଶୁକ୍ରବାର ଦଣ୍ଡାଦେଶ ଶୁଣାଇଛନ୍ତି କୋର୍ଟ। ତିନି ଦୋଷୀଙ୍କୁ କଟକ ଫାଷ୍ଟ ଟ୍ରାକ କୋର୍ଟ-୧ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ସହ ପ୍ରତ୍ୟେକଙ୍କୁ ୩୦ ହଜାର ଲେଖାଏଁ ଜରିମାନା ନିର୍ଦ୍ଦେଶ ଦିଆଯାଇଛି।